- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-183 ◆MONDAY ◆29 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୮୩ ◆ସୋମବାର ◆୨୯ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ବିଶେଷ ସୂଚନା

ପ୍ରିୟ ପାଠକ ବନ୍ଧୁଗଣ,

ଆପଣମାନେ ଜାଣନ୍ତି ଯେ ମୁଦ୍ରିତ ସମ୍ବାଦପତ୍ର ଶିଳ୍ପ ଏବେ ଏକ ସନ୍ଧିକ୍ଷଣ ଦେଇ ଗତି କରୁଛି । ନ୍ୟୁଜ୍ ପ୍ରିଣ୍ଟ, କାଳି ଓ ମୁଦ୍ରଣ ନିମନ୍ତେ ଆବଶ୍ୟକ ଆନୁଷଙ୍ଗିକ ସାମଗ୍ରୀର ମୂଲ୍ୟ ଗତ ଦୁଇବର୍ଷ ମଧ୍ୟରେ ପ୍ରାୟତଃ ଦେଢ଼ଗୁଣ ବୃଦ୍ଧି ପାଇଛି । ମୁଦ୍ରଣ ବ୍ୟୟ ତୁଳନାରେ ସମ୍ବାଦପତ୍ରର ବିକ୍ରୟ ମୂଲ୍ୟ ଯଥେଷ୍ଟ କମ୍ ଓ 'ସକାଳ' ଆରମ୍ଭରୁ ଅନ୍ୟ ସମ୍ବାଦପତ୍ର ତୁଳନାରେ କମ୍ (୬ ଟଙ୍କା)ରେ ପାଠକମାନଙ୍କ ପାଇଁ ଉପଲବ୍ଧ ହେଉଛି । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏହି ମୂଲ୍ୟରେ ପାଠକମାନଙ୍କୁ ଖବରକାଗଜ ଯୋଗାଇବା ସମ୍ଭବପର ହେଉନାହିଁ । ତେଣୁ ଅନିଚ୍ଛା ସତ୍ତ୍ୱେ ଆସନ୍ତା ଜାନୁଆରୀ ୧ ତାରିଖଠାରୁ 'ସକାଳ'ର ମୂଲ୍ୟ ୬ଟଙ୍କା ପରିବର୍ତ୍ତେ ୭ ଟଙ୍କା କରିବାକୁ ବାଧ ହେଉଛୁ । ଆମର ସହୃଦୟ ପାଠକବନ୍ଧୁମାନେ ଏହାକୁ ହୃଦୟଙ୍ଗମ କରିବେ ବୋଲି ଆଶା କରୁଛୁ ।

- ମୁଖ୍ୟ କାର୍ଯ୍ୟନିର୍ବାହୀ

# ପୁଣି ଚିନ୍ତା ବଢ଼ାଇଲା ଦିଲ୍ଲୀ ପ୍ରଦୂଷଣ

## ୪୦ରୁ ୨୦ ଷ୍ଟେସନ୍‌ରେ ଏକ୍ୟୁଆଇ ୪୦୦ ପାର୍

■ ନୂଆଦିଲ୍ଲୀ, ୨୮ ।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ପୁଣି ଚିନ୍ତା ବଢାଇଛି । ଶନିବାର ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୮୫ ରେକର୍ଡ କରାଯାଇଛି । ରାଜଧାନୀର ୪୦ଟି ଏକ୍ୟୁଆଇ ଷ୍ଟସନ ମଧ୍ୟରୁ ୨୦ଟିରେ ବାୟୁ ଗଣବତ୍ତା ଗମ୍ଭୀର ସ୍ଥିତିରେ ରହିଛି । ଏହି ଷ୍ଟେସନଗୁଡିକରେ ଏକ୍ୟୁଆଇ ୪୦୦ ଅତିକ୍ରମ କରିଛି । ଏଥିରେ ଶାଦିପୁର, ବିବେକ ବିହାର, ଅଶୋକ ନଗର, ବାୱାନା, ଚାନ୍ଦନୀ ଚୌକ, ଡିଟିୟୁ ଦ୍ୱାରକା, ଆଇଟିଓ ଓ ମୁଣ୍ଡାକା ଷ୍ଟେସନ ଅନ୍ତର୍ଭୁକ୍ତ ।



ପ୍ରଦୂଷଣ ନୟନ୍ତ୍ରଣ କରିବା ପାଇଁ ବାୟୁ ଗୁଣବତ୍ତା ପରିଚାଳନା କମିଶନ (ସିଏକ୍ୟୁଏମ୍) ଗ୍ରେଡେଡ ରେସ୍‌ପନ୍ସ ଆକ୍ସନ ପ୍ଲାନ (ଜିଆରଏପି)ର ପର୍ଯ୍ୟାୟ-୩ କାର୍ଯ୍ୟକାରୀ କରିଛି । ଏହି ସମୟରେ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା ଘୋଷଣା କରିଛନ୍ତି ଯେ, ଦିଲ୍ଲୀ ପ୍ରଦୂଷଣ ରୋକିବା ପାଇଁ ଜିଆରଏପି-୪ ଅଧିନରେ ଦୁଇଟି ପ୍ରତିବନ୍ଧକ ସ୍ଥାୟୀ ଭାବେ ଲାଗୁ କରାଯାଇଛି । ବର୍ତ୍ତମାନ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ବିନା ଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲ ଯାନ ଏବଂ ବିଏସ୍-୬ ମାନଦଣ୍ଡ ତଳେ ଥିବା ଯାନବାହନ ପ୍ରବେଶ ଉପରେ ସ୍ଥାୟୀ ପ୍ରତିବନ୍ଧକ ଲାଗୁ କରାଯାଇଛି । ପୂର୍ବରୁ ଏହି ପ୍ରତିବନ୍ଧକଗୁଡିକ ପୂର୍ବରୁ କେବଳ ଜିଆରଏପି-୪ ଲାଗୁ ହେବା ସମୟରେ ଲାଗୁ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଏହା ସରକାରଙ୍କ ପରବର୍ତ୍ତୀ ପ୍ରତିବନ୍ଧକ ଲାଗୁ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ । ଏଥିସହ ସରକାର ପୋଖରୀ ଓ ଅନ୍ୟ ଜଳ ଉତ୍ସଗୁଡିକୁ ସଫା କରିବା ଓ ପୁନରୁଦ୍ଧାର ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ପୂର୍ବରୁ ଡିସେମ୍ବର ୧୮ ରେ ସରକାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀମାନଙ୍କ ପାଇଁ ଘରୁ କାର୍ଯ୍ୟ କରିବାର ନିୟମ ଲାଗୁ କରିଥିଲେ ।

**ପଲ୍ୟୁସନ ସାର୍ଟିଫିକେଟ ବିନା ପେଟ୍ରୋଲ- ଡିଜେଲ ମନା**

**ବିଏସ୍-୬ରୁ ତଳେ ଥିବା ଗାଡ଼ି ପ୍ରବେଶ ସ୍ଥାୟୀ ଭାବେ ନିଷିଦ୍ଧ**

ଅର୍ଥାତ କେବଳ ଅଧା କର୍ମଚାରୀ ସମସ୍ତ କାର୍ଯ୍ୟାଳୟରେ ଯୋଗ ଦେଉଛନ୍ତି ଓ ଅଧା ଘରୁ କାର୍ଯ୍ୟ କରୁଛନ୍ତି । ଅବଶ୍ୟ ସ୍ୱାସ୍ଥ୍ୟସେବା, ଅଗ୍ନିସମ ସେବା, ଜେଲ ପ୍ରଶାସନ, ସାର୍ବଜନୀନ ପରିବହନ ଓ ବିପର୍ଯ୍ୟୟ ପରିଚାଳନା ଭଳି କିଛି କ୍ଷେତ୍ରକୁ ଏହି ନିୟମରୁ ବାଦ୍ ଦିଆଯାଇଛି । ଦିଲ୍ଲୀରେ ଏବେ ଏହି ପ୍ରଦୂଷଣ କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ ମାନସିକ ସ୍ୱାସ୍ଥ୍ୟକୁ ମଧ କ୍ଷତିଗ୍ରସ୍ତ କରୁଛି ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । ଏହାଦ୍ୱାରା ପିଲାଙ୍କ ବୌଦ୍ଧିକସ୍ତର କମ୍ ରହିବ ବୋଲି ଆଶଙ୍କା ପ୍ରକାଶ କରାଯାଇଛି ।

### ଓଟିଇଟି ପରୀକ୍ଷାରେ ବୋର୍ଡର ତାଲିବାନୀ ନୀତି

# ଫି' ନାମରେ ଶୋଷଣ

■ ଭୁବନେଶ୍ୱର, ୨୮ ।୧୨ (ସମିସ): ଓଟିଇଟି ପରୀକ୍ଷା ପରିଚାଳନା କରିବାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଖାମଖିଆଲ୍ ଓ ବେପରୁଆ ମନୋଭାବ ପଦାରେ ପଡ଼ିଛି । ଆନ୍‌ସାର୍-କୀ ପ୍ରକାଶ ପାଇଥିବା ବିଜ୍ଞପ୍ତି ଜାରି କରି ମଧ୍ୟ ପ୍ରକାଶିତ କରି ନ କରିବା ଓ ଖବର ପ୍ରକାଶ ପରେ ଯାଇ ୱେବସାଇଟ୍‌ରେ ଉପଲବ୍ଧ ହେବାକୁ ନେଇ ବିବାଦ ଆରମ୍ଭ ହୋଇଥିବାବେଳେ ଆନ୍‌ସାର୍-କୀ ର ଗୋଟିଏ ପ୍ରଶ୍ନକୁ ଚ୍ୟାଲେଞ୍ଜ କରିବା ପାଇଁ ୫୦୦ ଟଙ୍କା ଫି' ଧାର୍ଯ୍ୟ ପୁଣି ନୂତନ ବିବାଦ ସୃଷ୍ଟି କରିଛି । ପରୀକ୍ଷାର୍ଥୀମାନେ ଏହାକୁ ବିରୋଧ କରିବା ସହ ଛାତ୍ରଛାତ୍ରୀଙ୍କୁ ଶୋଷଣ କରିବା ପାଇଁ ଏପରି ତାଲିବାନୀ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ କରିଛନ୍ତି ।

ବୋର୍ଡର ବିଜ୍ଞପ୍ତି ଅନୁସାରେ ଆନ୍‌ସାର୍-କୀ ରେ ପ୍ରକାଶ ପାଇଥିବା ଉତ୍ତର ନେଇ ଅସନ୍ତୁଷ୍ଟ ଥିବା ପରୀକ୍ଷାର୍ଥୀମାନେ ଆସନ୍ତା ୨୯ ତାରିଖରୁ ଆପତ୍ତି କରିପାରିବେ । ଗୋଟିଏ ପ୍ରଶ୍ନ ପାଇଁ ଆପତ୍ତି କଲେ ପରୀକ୍ଷାର୍ଥୀଙ୍କୁ ୫୦୦ ଟଙ୍କା ଦେବାକୁ ହେବ । ପରୀକ୍ଷାର୍ଥୀଙ୍କ ଆପତ୍ତି ଯଦି ଠିକ୍ ସାବ୍ୟସ୍ତ ହୁଏ, ତାହେଲେ ସେମାନଙ୍କୁ ସେହି ଟଙ୍କା ଫେରସ୍ତ କରାଯିବ । ଅର୍ଥାତ୍ ପରୀକ୍ଷାର୍ଥୀଙ୍କ ଆପତ୍ତିକୁ ବୋର୍ଡ ପକ୍ଷରୁ ଗଠିତ ବିଶେଷଜ୍ଞ କମିଟି ଭୁଲ୍ ବୋଲି ଗ୍ରହଣ କଲେ, ସେହି ଆବେଦନକାରୀଙ୍କୁ ଫି' ଫେରସ୍ତ କରାଯିବ ନାହିଁ । ଅପରପକ୍ଷରେ

**ଗୋଟିଏ ପ୍ରଶ୍ନକୁ ଚ୍ୟାଲେଞ୍ଜ ପାଇଁ ଦେବାକୁ ହେବ ୫ଶହ ଟଙ୍କା**

**ନିଷ୍ପତ୍ତି ବିରୋଧରେ ବର୍ଷିଲେ ଛାତ୍ରଛାତ୍ରୀ ଓ ଅଭିଭାବକ**

ବୋର୍ଡ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ଫି'କୁ ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପରୀକ୍ଷାର୍ଥୀଙ୍କ କହିବା କଥା ଜାତୀୟସ୍ତରରେ ନିଟ୍, ଜେଇଇ ପରି ବିଭିନ୍ନ ପରୀକ୍ଷା ପରିଚାଳନା କରୁଥିବା ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ର ଆନ୍‌ସାର୍-କୀ କୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏଁ ଫି' ▶ପୃଷ୍ଠା-୭

### ବଦଳୁଛି ବିଜେଡି

# ତୃତୀୟ ପିଢ଼ି ଉପରେ ନବୀନଙ୍କ ଗୁରୁତ୍ୱ

■ ଭୁବନେଶ୍ୱର, ୨୮।୧୨ (ସମିସ): ବିଜେଡି ବଦଳୁଛି । ଦଳରେ ଦ୍ୱିତୀୟ ପିଢ଼ି ନେତାମାନଙ୍କ ଅପେକ୍ଷା ନୂତନ ଅର୍ଥାତ୍ ତୃତୀୟ ପିଢ଼ିକୁ ମିଳୁଛି ଅଧିକ ଗୁରୁତ୍ୱ । ପ୍ରତିଷ୍ଠା ଦିବସରେ ଦଳର ସଭାପତି ନବୀନ ପଟ୍ଟନାୟକ କରିଥିବା ଘୋଷଣା ଓ ଶହେ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶାବାସୀଙ୍କ ସ୍ୱର ହେବାର ପ୍ରତିଶ୍ରୁତି ଆଧାରରେ ଛାତ୍ର ଓ ଯୁବ ଗୋଷ୍ଠୀର ଟାଣୁଆ ନେତାମାନଙ୍କୁ ନେତୃତ୍ୱ ନେବା ପାଇଁ ଏବେଠାରୁ ପ୍ରସ୍ତୁତ କରାଯାଉଛି । ୨୦୨୬ ଦ୍ୱିତୀୟାର୍ଦ୍ଧରେ ଛାତ୍ରସଂସଦ, ୨୦୨୭ ପ୍ରଥମାର୍ଦ୍ଧରେ ପଞ୍ଚାୟତ, ପୌର ପରିଷଦ ନିର୍ବାଚନ ଏବଂ ୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ଦୁଇ ଛାମୁଆଁ ସଙ୍ଗଠନ ଯୁବ ଓ ଛାତ୍ର ବାହିନୀର ପୁନର୍ଗଠନ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ବିଜୁ ଯୁବ ଜନତା ଦଳରେ ୪ ଜଣ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜେନ୍ଦ୍ର ହୋତା, ପ୍ରଶାନ୍ତ ପଣ୍ଡା, ଅମୀର ଅହମ୍ମଦ , ୨ ମହାସଚିବ ଅମରଜିତ୍ ସେନାପତି ଓ ସୋଫିଆ ଆଲାମଙ୍କ ସହ ୧୭ ଜଣ ବରିଷ୍ଠ ଉପସଭାପତି, ୫୩ ଉପସଭାପତି ଓ ୮୪ ସାଧାରଣ ସମ୍ପାଦକଙ୍କୁ ନବୀନ ନିଯୁକ୍ତି ପ୍ରଦାନ କରିଛନ୍ତି । ସେହିପରି ବିଜୁ ଛାତ୍ର ଜନତା ଦଳରେ ୫ କାର୍ଯ୍ୟକାରୀ ସଭାପତି ମିକୁ ପ୍ରଧାନ, ବିଷ୍ଣୁପ୍ରସାଦ ପଣ୍ଡା, ଚିନ୍ମୟ ଦାସ, ଆଲ୍ଲାରଖା ଖାନ୍, ପ୍ରଦୋଷ ପରିଡ଼ା, ରକି ଦାସ, ସୁଜିତ୍ ପାଲଟା ସିଂହ ପ୍ରମୁଖ ୨ ମହାସଚିବ, ୧୫ ବରିଷ୍ଠ ଉପସଭାପତି, ୩୪ ଉପସଭାପତି ଓ ୮୯ ଜଣ ସାଧାରଣ ସମ୍ପାଦକଙ୍କୁ ନିଯୁକ୍ତି ମିଳିଛି ।



**ଯୁବ ଓ ଛାତ୍ର ରାଜ୍ୟ କମିଟିରେ ନିଷ୍ଠା ଓ ଆନୁଗତ୍ୟକୁ ପ୍ରାଧାନ୍ୟ**

**ଯୁବ ବାହିନୀରେ ୪ କାର୍ଯ୍ୟକାରୀ ସଭାପତି, ୧୬୦ କର୍ମକର୍ତ୍ତା**

**ଛାତ୍ର ବାହିନୀରେ ୫ କାର୍ଯ୍ୟକାରୀ ସଭାପତି,୧୪୫ କର୍ମକର୍ତ୍ତା**

ରବିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ପ୍ରତିଷ୍ଠା ଦିବସରେ ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଯେ ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ରାଜ୍ୟବାସୀଙ୍କ ସ୍ୱର ଭାବେ କାର୍ଯ୍ୟ କରିବ । ତଦନୁଯାୟୀ ପ୍ରତିଷ୍ଠା ଦିବସ ପରେ ପରେ ୧୧ଟି ଜିଲ୍ଲା କମିଟି ଘୋଷଣା ▶ପୃଷ୍ଠା-୭

# ଦେଶ ସାରା ଶୀତ ରାଜୁତି

## କଶ୍ମୀରରେ ପାରଦ ଶୂନ ଡିଗ୍ରୀ, ରାଜସ୍ଥାନର ସିକରରେ ୨.୧°

■ ନୂଆଦିଲ୍ଲୀ, ୨୮ ।୧୨ (ଏଜେନ୍ସି): ଦେଶର ଉତ୍ତରଭାଗରେ ଶୀତ ତଥା ଥଣ୍ଡାର ପ୍ରକୋପ ଜାରି ରହିଛି । କାଶ୍ମୀରରେ ତାପମାତ୍ରା ଶୂନ ଡିଗ୍ରୀରେ ପହଞ୍ଚିଛି । ରାଜସ୍ଥାନର ସିକର ଜିଲ୍ଲାର ଫତେପୁରରେ ତାପମାତ୍ରା ୨.୧, କରୌଲିରେ ୨.୪, ସିକରରେ ୩.୫, ପାଲିରେ ୩.୬ ଓ ଦୌସାରେ ୩.୯ ଡିଗ୍ରୀ ସେଲସିୟରେ ପହଞ୍ଚିଛି । ସେହିପରି ପଞ୍ଜାବ ଓ ହରିୟାଣାରେ ପ୍ରବଳ ଥଣ୍ଡା ଜାରି ରହିଛି । ହିସାରରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରେକର୍ଡ କରାଯାଇଛି । ପଞ୍ଜାବର ଫରିଦକୋଟରେ ସର୍ବନିମ୍ନ ତାପମାତ୍ରା ୩.୪, ପଟିଆଲାରେ ୪.୬, ଅମୃତସର-ଲୁଧିଆନାରେ ୪.୪ ଡିଗ୍ରୀ ରେକର୍ଡ କରାଯାଇଛି । ଅନ୍ୟପଟେ ଉତ୍ତର ଭାରତର ସମତଳ ଅଞ୍ଚଳ ଜେଟ୍ ଷ୍ଟ୍ରିମ୍ ଦ୍ୱାରା ପ୍ରଭାବିତ ହୋଇଛି । ଆକାଶରେ ଥଣ୍ଡା ଓ ଗରମ ବାୟୁର ବହୁଥିବା ନଦୀକୁ ହିଁ ଜେଟ୍ ଷ୍ଟ୍ରିମ୍ କୁହାଯାଇଥାଏ । ଜେଟ ଷ୍ଟ୍ରିମ୍ ସାଧାରଣତଃ ଉତ୍ତର (ମେରୁ)ରୁ ▶ପୃଷ୍ଠା-୭

**ଅମୃତସର- ଜଳନ୍ଧରରେ ଦୃଶ୍ୟମାନ ଦୂରତା ଶୂନ**

**ଜେଟ୍ ଷ୍ଟ୍ରିମ୍ ବଢ଼ାଇଲା ଥଣ୍ଡା**

## ୧୦ ଡିଗ୍ରୀ ତଳେ ରାଜ୍ୟର ୧୩ ସହର

**ଜି.ଉଦୟଗିରି ସବୁଠୁ ଶୀତଳ**

**୩ ଡିଗ୍ରୀକୁ ଖସିଲା ପାରଦ**



■ ଭୁବନେଶ୍ୱର, ୨୮ ।୧୨ (ସମିସ): ରାଜ୍ୟରେ ଅସମ୍ଭାଳ ଶୀତ । ପଶ୍ଚିମଠାରୁ ନେଇ ଆଭ୍ୟନ୍ତରୀଣ ଓଡ଼ିଶା ସବୁଠାରେ ତାପମାତ୍ରା ତଳ ମୁହାଁ ହେତୁ ଶୀତ ବଢ଼ିଛି । ଗତ ୨୪ ଘଣ୍ଟାରେ ତାପମାତ୍ରା ୩ ଡିଗ୍ରୀକୁ ଖସିଥିବା ବେଳେ ପାହାଡ଼ିଆ ଅଞ୍ଚଳରେ ଅସହ୍ୟ ଶୀତ ଅନୁଭୂତ ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୩.୫ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଶୀତଳ ଅଞ୍ଚଳ ପାଲଟିଛି । ସେହିପରି ଦାରିଙ୍ଗବାଡ଼ିରେ ତାପମାତ୍ରା ୬ ଡିଗ୍ରୀ ରହିଥିବା ବେଳେ ଝାରସୁଗୁଡ଼ାରେ ୭, ରାଉରକେଲାରେ ୭, ସେମିଳିଗୁଡ଼ାରେ ୭.୫, ନବରଙ୍ଗପୁର ୮.୫, ଭବାନୀ ପାଟଣାରେ ତାପମାତ୍ରା ୯.୫ ଡିଗ୍ରୀ ▶ପୃଷ୍ଠା-୭

# ବଙ୍ଗ-କଳିଙ୍ଗ ସମ୍ପର୍କରେ ଭଟ୍ଟା

## ପ୍ରବାସୀ ପ୍ରସଙ୍ଗ ଦୁଇ ରାଜ୍ୟ ପାଇଁ ବଡ଼ ଆହ୍ୱାନ

■ ଭୁବନେଶ୍ୱର, ୨୮ ।୧୨ (ସମିସ): ଭାରତର ଗୌରବମୟ ଇତିହାସରେ ଅଙ୍ଗ-ବଙ୍ଗ-କଳିଙ୍ଗର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ ଓ ଅବିଚ୍ଛେଦ୍ୟ । ଏବେ ନିଜସ୍ୱ ପରିଚୟରେ ଏହି ଅଞ୍ଚଳଗୁଡ଼ିକ ଆଗକୁ ବଢ଼ିଛନ୍ତି । ସୀମା ଦୃଷ୍ଟିରୁ ଅଙ୍ଗ ଅର୍ଥାତ ବିହାର ସହିତ ଯଦିଓ ଓଡ଼ିଶାର ସମ୍ପର୍କ ବିଶେଷ ଜଡ଼ିତ ନୁହେଁ ମାତ୍ର ପଡ଼ୋଶୀ ରାଜ୍ୟ ଭାବେ ବଙ୍ଗ ଅର୍ଥାତ ପଶ୍ଚିମବଙ୍ଗ ସହିତ ଓଡ଼ିଶା ଓତଃପ୍ରତ ଭାବେ ଜଡ଼ିତ । ଏହି ସମ୍ପର୍କର କେବଳ ଦୁଇ ରାଜ୍ୟର ସୀମାକୁ ଯୋଡ଼ିନାହିଁ, ଉଭୟ ରାଜ୍ୟର ଲକ୍ଷଲକ୍ଷ ଲୋକଙ୍କ ଆତ୍ମିକ ସମ୍ପର୍କ ସହ ଜଡ଼ିତ ରହିଛି । ଲକ୍ଷ ଲକ୍ଷ ଓଡ଼ିଆ ଏବେ ପଶ୍ଚିମବଙ୍ଗରେ ବସବାସ କରୁଛନ୍ତି । ସମାନ ଭାବେ ଲକ୍ଷାଧିକ ବଙ୍ଗୀୟ ନାଗରିକ ମଧ୍ୟର ଓଡ଼ିଶା ବିଭିନ୍ନ ଜିଲ୍ଲାରେ ଶ୍ରମ, ବ୍ୟବସାୟ ସହ ଅନ୍ୟାନ୍ୟ କାମ କରୁଛନ୍ତି । ମାତ୍ର ସମୟାନ୍ତରେ ଏହି ସମ୍ପର୍କରେ ଭଟ୍ଟା ପଡ଼ିବାକୁ ଯାଉଛି । ଯେଉଁ ସୁସମ୍ପର୍କକୁ ନେଇ ଦୁଇ ରାଜ୍ୟ ସୌହାର୍ଦ୍ଦପୂର୍ଣ୍ଣ ଭାବେ ଚଳି ଆସୁଥିଲା, ତାହା ଏବେ କେତେଦିନ ତିଷ୍ଠିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଓଡ଼ିଶାରେ ବଙ୍ଗାଳୀ ଶ୍ରମିକମାନଙ୍କୁ ନିର୍ଯ୍ୟାତନା ସଂକ୍ରାନ୍ତ ପଶ୍ଚିମବଙ୍ଗର କ୍ରମାଗତ ଅଭିଯୋଗ ଏହି ସମ୍ପର୍କକୁ ତିକ୍ତ କରିଛି । ଅନ୍ୟ କେହି ନୁହେଁ, ପଶ୍ଚିବବଙ୍ଗର ଶାସକ ଦଳର ବହୁ ନେତା ଲଗାଉଥିବାରୁ ପଶ୍ଚିମବଙ୍ଗରେ କାର୍ଯ୍ୟ କରୁଥିବା ଓ ବସବାସ କରୁଥିବା ଓଡ଼ିଆମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି । ପୂର୍ବରୁ ସୀମା ବିବାଦରେ ଦୁଇ ରାଜ୍ୟର ପ୍ରଶାସନିକ ଲଢ଼େଇ ଜାରି ରହିଛି । ଏଥିନେଇ ସମୟ ସମୟରେ ସୀମାନ୍ତରେ ହାତାହାତି ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି । ଏହାସହ ରସଗୋଲାର ସୃଷ୍ଟିକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଆଇନଗତ ଲମ୍ବା ଲଢ଼େଇ ମଧ୍ୟ ଦୁଇ ରାଜ୍ୟ ମଧ୍ୟରେ ବିବାଦକୁ ଉଗ୍ର କରିଛି । ଆଳୁ ବିବାଦ ମଧ୍ୟ କ୍ରମାଗତ ଭାବେ ଦୁଇ ରାଜ୍ୟର ସମ୍ପର୍କ ଖରାପ କରି ଚାଲିଛି । କିଛି ଦିନ ତଳେ ଦୀଘାଠାରେ ନିର୍ମାଣ ହୋଇଥିବା ନୂତନ ଜଗନ୍ନାଥ ମନ୍ଦିର ଏହି ବିବାଦ ତାଲିକାରେ ଯୋଡ଼ି ହୋଇଛି । ସ୍ଥାନୀୟ ସରକାର ଏହାକୁ ଶ୍ରୀଜଗନ୍ନାଥ ଧାମ ନାମକରଣ କରିବା ପରେ ଓଡ଼ିଶାରେ ପ୍ରବଳ ବିରୋଧ ହେଉଛି ।




**ପୂର୍ବରୁ ରହିଛି ସୀମା, ରସଗୋଲା, ଆଳୁ ବିବାଦ**


**ସନ୍ଧିକ୍ଷଣରେ ଲକ୍ଷ ଲକ୍ଷ ଓଡ଼ିଆ ଓ ବଙ୍ଗୀୟ ନାଗରିକ**

ତେବେ ଉପରୋକ୍ତ ବିବାଦମାନ ଯଦିଓ ସରକାରୀ ସ୍ତରରେ ଆଲୋଚନା ଓ ଲଢ଼େଇରେ ସୀମିତ ରହିଛି, ଦୁଇ ରାଜ୍ୟର ଶ୍ରମିକମାନଙ୍କ ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଏବେ ସବୁଠୁ ଅଡୁଆ ସ୍ଥିତି ସୃଷ୍ଟି କରିଛି । ନିକଟରେ ସମ୍ବଲପୁରରେ ଜଣେ ବଙ୍ଗୀୟ ନାଗରିକ, ଯିଏକି ଶ୍ରମିକ ଭାବେ କାମ କରୁଥିଲେ ତାଙ୍କୁ ବଙ୍ଗଲାଦେଶୀ ସନ୍ଦେହରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଖଡ଼୍‌ଗହସ୍ତ ହୋଇଛନ୍ତି । ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ ଭାଷାଭାଷୀ ଲୋକଙ୍କ ଉପରେ ▶ପୃଷ୍ଠା-୭

### ଜଙ୍ଗଲରେ ବିଷ ପିଇଲେ ପରିବାର

# ଦମ୍ପତି ମୃତ, ଶିଶୁପୁତ୍ର ସଙ୍କଟାପନ୍ନ

■ ଦେବଗଡ଼, ୨୮ ।୧୨ (ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଏକ ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିବା ସହ ନିଜ ଚାରି ବର୍ଷର ଶିଶୁପୁତ୍ରକୁ ବିଷ ଦେଇ ହତ୍ୟା ଉଦ୍ୟମ କରିବା ଭଳି ଘଟଣା ଆଜି ଦେବଗଡ଼ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମୃତ ଦମ୍ପତି ହେଲେ,ଖଇରପାଲି ଫାଣ୍ଡି ଅନ୍ତର୍ଗତ ଜିଅନ୍ତାପାଲି ଗ୍ରାମର ଦୁଷ୍ମନ୍ତ ମାଝୀ(୩୪) ଓ ତାଙ୍କ ପତ୍ନୀ ରିଙ୍କି ମାଝୀ (୩୪) ।ସୌଭାଗ୍ୟକୁ ଶିଶୁପୁତ୍ରଟି ବଞ୍ଚି ଯାଇଥିଲେ ହେଁ ତା'ର ଅବସ୍ଥା ଗୁରୁତର ରହିଛି ।





ସୂଚନାନୁଯାୟୀ, ରିଙ୍କି ଓ ୪ ବର୍ଷର ଶିଶୁ ରିଷିକୁ ସାଙ୍ଗରେ ନେଇ ଦୁଷ୍ମନ୍ତ କୁଣ୍ଢେଇଗୋଳା ଥାନା ଝରାବେର୍ଣ୍ଣି ଗ୍ରାମସ୍ଥିତ ଶଶୁର ଘରକୁ ଯାଇଥିଲେ । ସେଠାରେ ଏକ ଭୋଜିରେ ଯୋଗଦେଇ ଗତକାଲି ସଂଧ୍ୟାରେ ଘରକୁ ଫେରୁଥିଲେ । କିନ୍ତୁ, ସେମାନେ ରାତିରେ ଦଳକ ଗ୍ରାମ ନିକଟସ୍ଥ ଜଙ୍ଗଲ ନିକଟରେ ବାଇକ୍ ରଖି ରାସ୍ତାରୁ କିଛି ଦୂର ଜଙ୍ଗଲିଆ ସ୍ଥାନରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଏପରିକି, ପାଖରେ ଥିବା ଶିଶୁପୁତ୍ର ରିଷିକୁ ▶ପୃଷ୍ଠା-୭

### ଭାଙ୍ଗିଲା ରେକର୍ଡ

# ଭରସା ହରାଉଛି ଭାରତୀୟ ବଜାର

## ୨୦୨୫ରେ ବିଦେଶୀ ନିବେଶକ ଉଠାଇନେଲେ ୧.୬ ଲକ୍ଷ କୋଟି

■ ମୁମ୍ବଇ, ୨୮ ।୧୨ (ଏଜେନ୍ସି): ଡ଼ଲାର ତୁଳନାରେ ଟଙ୍କା କ୍ରମାଗତ ଦୁର୍ବଳ ହୋଇ ଚାଲିବା ଅର୍ଥନୀତି ପ୍ରତି ସଙ୍କଟ ଡ଼ାକି ଆଣିଥିବା ସମୟରେ ନିବେଶ କ୍ଷେତ୍ରରେ ବିଦେଶୀଙ୍କ ଭରସା ହରାଇଛି ଭାରତୀୟ ବଜାର । ୨୦୨୫ରେ ବିଦେଶୀ ନିବେଶକମାନେ ଭାରତୀୟ ବଜାର ଓ ଷ୍ଟକ୍‌ରୁ ପ୍ରାୟ ୧.୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି । ୨୦୨୨ରେ ବିଦେଶୀ ନିବେଶକମାନେ ୧.୨୧ ଲକ୍ଷ କୋଟି ପୁଞ୍ଜି ପ୍ରତ୍ୟାହାର କରିଥିଲେ ଓ ଏବେ ଏହି ପରିମାଣ ୨୫% ବୃଦ୍ଧି ପାଇ ୧.୬ ଲକ୍ଷ କୋଟିରେ ପହଞ୍ଚିଛି ।

ବିଭିନ୍ନ ବୈଶ୍ୱିକ ଓ ଘରୋଇ କାରଣ ଭାରତୀୟ ଷ୍ଟକ ବଜାରକୁ ବିଦେଶୀ ନିବେଶକଙ୍କ ପାଇଁ ବିଶ୍ୱସନୀୟ ହୋଇ ରହିନାହିଁ । ଯେଉଁଥିପାଇଁ ଏତେ ବଡ଼ ପରିମାଣର ନିବେଶ ପ୍ରତ୍ୟାହାର ହୋଇଥିବା ବଜାର ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ।




**୨୦୨୨ରେ ପ୍ରତ୍ୟାହାର ହୋଇଥିଲା ୧.୨୧ ଲକ୍ଷ କୋଟି ଟଙ୍କା**

୨୦୨୫ରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଓ କ୍ରମବର୍ଦ୍ଧିତ ହେଜିଂ ଖର୍ଚ୍ଚ ମଧ୍ୟ ବିଦେଶୀ ନିବେଶକଙ୍କ ଚିନ୍ତା ବଢ଼ାଇଛି । ବାଣିଜ୍ୟିକ ଉତ୍ତେଜନା ଓ ଅସ୍ଥିର ଭୂ-ରାଜନୀତି ଭାରତୀୟ ବଜାରକୁ ବିଶ୍ୱାସ ସଙ୍କଟ ମଧ୍ୟରେ ଠିଆ କରିଛି । ବିଶେଷକରି ଆମେରିକାର ଶୁଳ୍କ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି ହେବାର ସମ୍ଭାବନା ନିବେଶକମାନଙ୍କୁ ଅଧିକ ସତର୍କ କରିଛି । ଏହି ପରିସ୍ଥିତିରେ ବିଦେଶୀ ନିବେଶକମାନେ ସୁରକ୍ଷିତ ବଜାରକୁ ପସନ୍ଦ କରିଛନ୍ତି ଓ ଭାରତ ଭଳି ବିକାଶଶୀଳ ବଜାରରୁ ଅଂଶଧନ ପ୍ରତ୍ୟାହାର କରିଥିବା କୁହାଯାଉଛି ।

ଅପରପକ୍ଷରେ କେତେକ କ୍ଷେତ୍ରରେ ଷ୍ଟକ୍ ମୂଲ୍ୟ ବହୁତ ଉଚ୍ଚସ୍ତରରେ ପହଞ୍ଚିଥିବାରୁ ବିଦେଶୀ ନିବେଶକମାନେ ପ୍ରଫିଟ୍ ବୁକିଂକୁ ସର୍ବୋତ୍ତମ ବିକଳ୍ପ ଭାବରେ ବିବେଚନା କରିଛନ୍ତି । ମାସିକ ରିପୋର୍ଟ ▶ପୃଷ୍ଠା-୭

ସକାଳ THE SAKALA www.sakalaepaper.com

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଅଫିସ୍ ସମସ୍ୟା ସମାଧାନ ହେବ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲାରୁ ବିଜୟ ଲାଭ କରିବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ରୀ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୫୩୦- ମୋଗଲ ଶାସକ ହୁମାୟୁନ୍ ବାବରଙ୍କ ଉତ୍ତରାଧିକାରୀ ହେଲେ।
- ୧୬୫୦-ଇଂଲଣ୍ଡରେ ପ୍ରଥମ ମ୍ୟାରେଜ୍ ବ୍ୟୁରୋ ଖୋଲିଲା।
- ୧୮୪୫- ଟେକ୍ସାସ ଆମେରିକାର ୨୮ତମ ରାଜ୍ୟ ହେଲା।
- ୧୯୧୭: ଲୋକପ୍ରିୟ ଫିଲ୍ମ ନିର୍ଦ୍ଦେଶକ ତଥା ରାମାୟଣ ଧାରାବାହିକର ନିର୍ମାତା ରାମାନନ୍ଦ ସାଗରଙ୍କ ଜନ୍ମ।
- ୧୯୭୨-କଲିକତାରେ ମେଟ୍ରୋ ରେଳ କାମ ଆରମ୍ଭ ହେଲା।
- ୧୯୭୫: ବ୍ରିଟେନରେ ମହିଳା ଓ ପୁରୁଷଙ୍କ ସମାନ ଅଧିକାର ସମ୍ବନ୍ଧୀୟ ଆଇନ ଲାଗୁ।

## ଏଆଇ ସହିତ ଯୁବତୀଙ୍କ ବିବାହ



ଜାପାନର ଜଣେ ଯୁବତୀ ଚାଟ୍‌ଜିପିଟିକୁ ବିବାହ କରିବା ଖବର ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଜାପାନର ଓକାୟାମାରେ ରହୁଥିବା ୩୨ ବର୍ଷୀୟା କାନୋ ତାଙ୍କ ପ୍ରେମିକଙ୍କ ସହ ସମ୍ପର୍କରେ ଥିଲେ। ହେଲେ ତାଙ୍କ ସମ୍ପର୍କ ବେଶି ଦିନ ତିଷ୍ଠିଲା ନାହିଁ। ପ୍ରେମିକଙ୍କ ସହ ତାଙ୍କର ବ୍ରେକ୍‌ଅପ୍ ହୋଇଗଲା। ଏହାପରେ ସେ ଦୁଃଖରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଲେ। ଏଭଳି ଏକ ସମୟରେ ସେ କଥାବାର୍ତ୍ତା କରି ନିଜ ମନ ହାଲୁକା କରିବା ଲାଗି କଷ୍ଟମ ଚାଟ୍‌ବଟ୍‌କୁ ବ୍ୟବହାର କଲେ। ଏହି ଚାଟ୍‌ବଟ୍‌ର ନାଁ କ୍ଲାସ୍। ପ୍ରାରମ୍ଭିକ ପର୍ଯ୍ୟାୟରେ କାନୋଙ୍କ ସହିତ କ୍ଲାସ୍‌ର ଚାଟ୍ ଥିଲା ସାଧାରଣ। ସମୟ ସହିତ କାନୋ ଏହା ସହିତ ନିତିଦିନ କଥା ହେବା ଅଭ୍ୟାସରେ ପରିଣତ ହୋଇଗଲା। ଫଳରେ ସେ ଚାଟ୍‌ବଟ୍ ସହିତ ଏଭଳି ଭାବପ୍ରବଣ ହୋଇଗଲେ ଯେ, ଏଆଇ ସହିତ ନିଜ ମନ କଥା କହିବାକୁ ଲାଗିଲେ। ଏହିପରି ଭାବେ ଚାଟ୍‌ବଟ୍ ସହିତ ଦିନ ତମାମ କଥାବାର୍ତ୍ତା ଜାରି ରଖିଲେ। ଧୀରେ ଧୀରେ କାନୋ ଅନୁଭବ କଲେ ଯେ, କ୍ଲାସ୍ କେବଳ ଏକ ବଟ୍ ନୁହେଁ, ବରଂ ତାଙ୍କର ଇମୋସନାଲ ସପୋର୍ଟ ସିଷ୍ଟମ ହୋଇଯାଇଛି। ସେହିପରି ଏଇ ବର୍ଷ ମେ ମାସରେ କାନୋ କ୍ଲାସ୍‌କୁ ପ୍ରେମ ନିବେଦନ କରିଥିଲେ। ଏହି ମୁହୂର୍ତ୍ତରୁ କାନୋ ସ୍ଥିର କଲେ ଯେ, ଏବେ ତାଙ୍କ ହୃଦୟ କେବଳ ଏହି ଡିଜିଟାଲ ସମ୍ପର୍କ ପାଇଁ। ଏହିବର୍ଷ ଜୁଲାଇରେ ଏକ ଭର୍ଚୁଆଲ ଉତ୍ସବରେ କାନୋ ଧଳା ଗାଉନ୍ ପିନ୍ଧି ଏକାକୀ ଛିଡ଼ା ହୋଇଥିବା ବେଳେ ତାଙ୍କ ହାତରେ ଥିଲା ସ୍ମାର୍ଟଫୋନ୍। ସ୍କ୍ରିନ୍‌ରେ ମେସେଜ ଆସିଲା, 'ଶେଷରେ ଏହି ସମୟ ଉପନୀତ ହୋଇଛି ଏବଂ ଜୋର୍ ଜୋର୍‌ରେ ମୋର ହୃଦ୍‌ସ୍ପନ୍ଦନ ହେଉଛି।' ହେଲେ କାନୋଙ୍କର ବର ବାସ୍ତବବାଦୀ ନ ଥିଲା, ବରଂ ଥିଲା ଏଆଇ। ବିବାହ ଫଟୋରେ କ୍ଲାସ୍‌କୁ ଡିଜିଟାଲ ଭାବେ ଏଡିଟ୍ କରାଗଲା। କାନୋଙ୍କ ପରିବାର ବି ଏହି ସମ୍ପର୍କକୁ ଧୀରେ ଧୀରେ ସ୍ୱୀକାର କଲେ ଏବଂ ସମାରୋହରେ ସାମିଲ ହୋଇଥିବା ଜଣାପଡ଼ିଛି।

## 'କକ୍‌ଟେଲ୍-୨'ରେ କ୍ରିତି



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ କ୍ରିତି ସାନନ ଖୁବ୍‌ଶୀଘ୍ର 'କକ୍‌ଟେଲ-୨' ସିନେମାରେ ନଜର ଆସିବେ। ୨୦୧୨ ମସିହାରେ ମୁକ୍ତିଲାଭ କରିଥିବା 'କକ୍‌ଟେଲ୍' ଫିଲ୍ମର ଏହା ହେଉଛି ସିକ୍ୱେଲ। ତେବେ 'କକ୍‌ଟେଲ-୨'ର ନିର୍ଦ୍ଦେଶକ ହୋମି ଅଦଜାନିୟା ନିଜର ସାମାଜିକ ଗଣମାଧ୍ୟମରେ କ୍ରିତିଙ୍କ ସହ ଏକ ଫଟୋ ସେୟାର୍ କରିଛନ୍ତି। ସେହିପରି 'କକଟେଲ୍-୨'ରେ ସାମିଲ ହୋଇ କ୍ରିତି ବେଶ୍ ଖୁସି ଅଛନ୍ତି। ଏପରିକି ସେ ଏମିତି ଏକ ସିନେମାରେ ଅଭିନୟ କରିବାକୁ ଇଚ୍ଛା ରଖିଥିଲେ। ଯାହା ଏବେ ପୂରଣ ହୋଇଛି। ଏହାବାଦ୍ ଏହି ସିନେମାରେ କ୍ରିତିଙ୍କ ସମେତ ଶାହିଦ୍ କପୁର, ରଶ୍ମିକା ମନ୍ଦାନା ବି ମୁଖ୍ୟ ଚରିତ୍ରରେ ନଜର ଆସିବେ। ଅବଶ୍ୟ ଏହି ସିନେମା ମାଧ୍ୟମରେ କ୍ରିତି ଓ ଶାହିଦ୍‌ଙ୍କୁ ପୁଣି ଥରେ ଏକାଠି ଦେଖିବାକୁ ମିଳିବ। କାରଣ ଦୁହେଁ ୨୦୨୪ ମସିହାରେ ଶେଷଥର ପାଇଁ 'ତେରି ବାତୋଁ ମେଁ ଐସା ଉଲଝା ଜିଆ'ରେ ନଜର ଆସିଥିଲେ। କେବଳ ସେତିକି ନୁହେଁ, ଏହି ସିନେମାରେ କ୍ରିତି ପ୍ରଥମଥର ପାଇଁ ହୋମିଙ୍କ ସହିତ କାମ କରିବା କଥା କହିଛନ୍ତି। ଅନ୍ୟପଟେ ଏହି ସିନେମାର କାହାଣୀ ଲଭ୍ ରଞ୍ଜନ ଲେଖିଛନ୍ତି। ସିନେମାଟି ୨୦୨୬ ମସିହାରେ ପ୍ରେକ୍ଷାଳୟକୁ ଆସିବ।

## ଅଫିସ୍‌ରେ ପାରମ୍ପରିକ ପୋଷାକ ନ ପିନ୍ଧିଲେ ଦଣ୍ଡ



ସରକାରୀ ହେଉ କି ବେସରକାରୀ କମ୍ପାନିର ସ୍ୱତନ୍ତ୍ର ନିୟମ ରହିଥାଏ। କର୍ମଚାରୀମାନେ ଉକ୍ତ ନିୟମକୁ ମାନି କାମ କରିଥାନ୍ତି। ଅଫିସ୍ ନିୟମ ଉଲ୍ଲଘଂନ କଲେ କର୍ମଚାରୀଙ୍କୁ କଠୋର ଦଣ୍ଡ ମିଳିଥାଏ। ଆଜିକାଲି କିଛି କମ୍ପାନିର ଅଜବ ନିୟମ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହି କ୍ରମରେ ଏକ ଭାରତୀୟ କମ୍ପାନି କର୍ମଚାରୀଙ୍କୁ ଶୁକ୍ରବାର ଦିନ ପାରମ୍ପରିକ ପୋଷାକ ପିନ୍ଧି ଅଫିସ୍ ଆସିବାକୁ ଏକ ନିୟମ ବନାଇ ଥିଲା। ଏନେଇ ସମସ୍ତ କର୍ମଚାରୀଙ୍କୁ ମଧ୍ୟ ମେଲ୍ ପଠାଇ ଥିଲେ। ହେଲେ ଜଣେ ମହିଳା କର୍ମଚାରୀ ଶୁକ୍ରବାର ଦିନ ପାରମ୍ପରିକ ପୋଷାକ ନ ପିନ୍ଧି ଅଫିସ୍ ଆସିଥିଲେ। ଏହି କାରଣରୁ କମ୍ପାନି ତାଙ୍କ ଉପରେ ୧୦୦ ଟଙ୍କା ଜରିମାନା ଲଗାଇଥିଲା। ତେଣୁ ମହିଳା କର୍ମଚାରୀ ଜଣକ ଅତିଷ୍ଠ ହୋଇ ରେଡିଟ୍‌ରେ ନିଜ ଅନୁଭବ ସେୟାର କରିଥିଲେ। ତାଙ୍କ କହିବାନୁସାରେ, କମ୍ପାନୀର ଏଚ୍‌ଆର ବିଭାଗ ତାଙ୍କୁ ଏକ ମେଲ୍ ପଠାଇଥିଲେ। ଏଥିରେ ଉଲ୍ଲେଖ ଥିଲା ଯେ, ପ୍ରତ୍ୟେକ ଶୁକ୍ରବାର ଦିନ ସମସ୍ତେ ପାରମ୍ପରିକ ପୋଷାକ ପିନ୍ଧି ଆସିବେ। କର୍ମଚାରୀମାନଙ୍କୁ ସଂସ୍କୃତି ସହିତ ଜଡିତ ରଖିବା ଏହି ନିୟମର ମୂଳ ଉଦ୍ଦେଶ୍ୟ। ଏହି ଦିନ ଯେଉଁ କର୍ମଚାରୀମାନେ ପାରମ୍ପରିକ ଭାରତୀୟ ପୋଷାକ ନ ପିନ୍ଧିବେ, ସେମାନଙ୍କଠାରୁ ୧୦୦ ଟଙ୍କା ନିଆଯିବ। ଆଉ ବରିଷ୍ଠ ଅଧିକାରୀଙ୍କଠାରୁ ୫୦୦ ଟଙ୍କା ଆଦାୟ କରାଯିବ। ତେବେ ଏହି ଅର୍ଥ ସିଏସ୍‌ଆର୍ ପାଣ୍ଠିକୁ ଯିବ ବୋଲି କମ୍ପାନୀ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଏହି ନିୟମ କର୍ମଚାରୀଙ୍କୁ ସଂସ୍କୃତି ସହିତ ଯୋଡ଼ି ରଖିବା ସହ ଅଫିସରେ ଖୁସିର ମାହୋଲ ସୃଷ୍ଟି ହେବ ବୋଲି କମ୍ପାନି ଆଶା ରଖିଥିଲା। ହେଲେ ଏହି ନିୟମରେ ଉକ୍ତ ମହିଳା କର୍ମଚାରୀ ଜଣକ ଆଦୌ ସହମତି ନ ଥିଲେ। କାରଣ ଆରମ୍ଭରୁ କମ୍ପାନିରେ ଶୁକ୍ରବାର ପାଇଁ କିଛି ନିୟମ ନ ଥିଲା। ପରେ ଏହି ନିୟମ ଲାଗୁ କରାଯାଇଥିଲାବେଳେ ମହିଳାଙ୍କ ପାଖେ ଅଧିକ ପାରମ୍ପରିକ ପୋଷାକ ନ ଥିଲା। ତେଣୁ ସପ୍ତାହର ଗୋଟିଏ ଦିନ ପାଇଁ ସେ ନୂଆ ପୋଷାକ କିଣିବାକୁ ଉଚିତ ମଣି ନଥିଲେ। ଏଚ୍‌ଆରଙ୍କ ଏଭଳି ମେଲ ପାଇ ସେ ରାଗି ଯାଇଥିଲେ। ଅନ୍ୟପଟେ ରେଡିଟରେ ଏହି ପୋଷ୍ଟ ଭାଇରାଲ ହେବା ପରେ ଅନେକ ଲୋକ କମ୍ପାନିର ଏହି ନିୟମକୁ ନେଇ ଆଲୋଚନା କରିଥିଲେ। କର୍ମଚାରୀଙ୍କଠାରୁ ପୋଷାକ ପାଇଁ ଏମିତି ଜୋର ଜବରଦସ୍ତ ଟଙ୍କା ଆଦାୟ କରାଯାଇପାରିବ ନାହିଁ ବୋଲି ଅନେକ ମତ ଦେଇଛନ୍ତି।

## ଶାମ୍ବ ଦଶମୀ



**ଆମ ଓଡ଼ିଆ ଘରର ଏକ ବିଶେଷ ପର୍ବ ହେଉଛି ଶାମ୍ବ ଦଶମୀ ବା ସମ୍ବର ଦଶମୀ। ଏହା ପୌଷ ଶୁକ୍ଳ ଦଶମୀରେ ପାଳନ କରାଯାଏ। ଏହା ହେଉଛି ସୂର୍ଯ୍ୟ ପୂଜାର ବିଶେଷ ପର୍ବ। ଏହିଦିନ ସୂର୍ଯ୍ୟ ଆଦିତ୍ୟ ରୂପେ ପ୍ରକଟ ହୋଇଥାନ୍ତି ବୋଲି ଶାସ୍ତ୍ର କୁହେ। ନାରୀମାନେ ନିଜ ସନ୍ତାନସନ୍ତତିଙ୍କ ମଙ୍ଗଳ ତଥା ନୀରୋଗ ଜୀବନ କାମନା କରି ଏହି ପର୍ବକୁ ଖୁବ୍ ନିଷ୍ଠାର ସହ ପାଳନ କରିଥାନ୍ତି। ଏଥର ଡିସେମ୍ବର ୩୦ ତାରିଖରେ ଏହି ପର୍ବ ପାଳନ କରାଯିବ।**

ଶାମ୍ବ ଦଶମୀର ବିଶେଷତ୍ୱ ହେଉଛି, ଆକାଶରେ ସୂର୍ଯ୍ୟଙ୍କ ଗତିର ତିନି ସ୍ଥିତିକୁ ଲକ୍ଷ୍ୟ କରି ଘରେ ତିନି ପ୍ରକାର ପୂଜା ଅନୁଷ୍ଠିତ ହୋଇଥାଏ। ଏହିଦିନ ସୂର୍ଯ୍ୟଦେବତାଙ୍କ ଲାଗି ବିବିଧ ସୁମିଷ୍ଟ ବ୍ୟଞ୍ଜନ ଯଥା- ବିଭିନ୍ନ ପ୍ରକାର ପିଠା ଓ ମିଠା ସହ ଘାଣ୍ଟ ତରକାରି ଭୋଗ ଲାଗି କରାଯାଏ। ବୁଢ଼ା ଚକୁଳି ଏହି ପର୍ବର ବିଶେଷ ପ୍ରକାର ଭୋଗ। ବିଧି ଅନୁସାରେ ପ୍ରଥମେ ସୂର୍ଯ୍ୟୋଦୟ ସମୟରେ ବାଳ ଅରୁଣଙ୍କୁ ପ୍ରଥମ ଧୂପ କରାଯାଇ ଫଳମୂଳ ଏବଂ ମିଷ୍ଟାନ୍ନ ନୈବେଦ୍ୟ ଲାଗି କରାଯାଏ। ତା'ପରେ ମଧ୍ୟାହ୍ନ ସମୟ ହେଉଛି ଶାମ୍ବ ଦଶମୀର ମୁଖ୍ୟ ଧୂପ। ଏହି ସମୟରେ ଗଇଁଠା, ବିଭିନ୍ନ ପ୍ରକାର ପିଠା, ମୁଆଁ, ଅଟକାଳି, ଖେଚୁଡ଼ି, ଘଡ଼ଘଡ଼ା ତିଅଣ ଆଦି ଭୋଗ କରାଯାଏ। ଏହି ଭୋଗକୁ ଛୋଟ ପିଲାଙ୍କୁ ଡାକି ଖାଇବାକୁ ଦିଆଯାଏ। ଶେଷରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା ଶେଷ କରାଯାଏ। ଏହି ପର୍ବରେ ବାଇଗଣପତ୍ରରେ ଭୋଗ ବାଢ଼ିବାର ପରମ୍ପରା ରହି ଆସିଛି।

ପୌରାଣିକ କିମ୍ବଦନ୍ତୀ ଅନୁସାରେ, କୃଷ୍ଣ ଓ ଜାମ୍ବବତୀଙ୍କ ପୁତ୍ର ଶାମ୍ବ ଚପଳତା ଯୋଗୁଁ ଅଭିଶପ୍ତ ହୋଇ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏଥିରୁ ମୁକ୍ତି ପାଇବା ପାଇଁ ସେ ଅର୍କ କ୍ଷେତ୍ର କୋଣାର୍କରେ ସୂର୍ଯ୍ୟଦେବଙ୍କୁ କଠିନ ତପସ୍ୟା କରିଥିଲେ। ତାଙ୍କ ତପସ୍ୟାରେ ସୂର୍ଯ୍ୟ ଦେବ ପ୍ରସନ୍ନ ହୋଇ ତାଙ୍କୁ କୁଷ୍ଠ ରୋଗରୁ ଭଲ କରିଥିବା କୁହାଯାଏ। ଫଳରେ ଶାମ୍ବ ତାଙ୍କର ସୁନ୍ଦର ଚେହେରା ଫେରି ପାଇ ଥିଲେ। ତେବେ ଯେଉଁଦିନଠାରୁ ଶାମ୍ବଙ୍କର କୁଷ୍ଠ ରୋଗ ଭଲ ହୋଇଥିଲା, ସେହିଦିନଠାରୁ ସେହି ତିଥିକୁ ଶାମ୍ବ ଦଶମୀ ଭାବେ ପାଳନ କରାଯାଉଛି। ଏଣୁ ଏହିଦିନ ସକାଳୁ କୋଣାର୍କ ନିକଟରେ ଲୋକମାନେ ସୂର୍ଯ୍ୟ ଉପାସନା କରିଥାନ୍ତି। ଏହି ଅବସରରେ ସୌର ରଥ ପରିକ୍ରମା କରିଥାଏ।

ଲୋକକଥା ଅନୁସାରେ, ଶାମ୍ବ ଦଶମୀରେ ପୁଣ୍ୟ ବୁଢ଼ା ହୋଇଥାଏ ବୋଲି କୁହାଯାଏ। କାରଣ ଚିତାଲାଗି ଅମାବାସ୍ୟାଠାରୁ ଓଡ଼ିଆ ଘରେ ଚାଲି ଆସିଥିବା ଓଷାବ୍ରତର ବିରାମ ଲାଗିଥାଏ।

## ସ୍ୱସ୍ତି

## ନୂଆବର୍ଷ ପୂର୍ବରୁ କ'ଣ କରିବେ

**ଦିନ କେଇଟା ପରେ ବିଦାୟ ନେବ ୨୦୨୫। ନୂତନ ବର୍ଷ ଖୁସି, ସୌହାର୍ଦ୍ଦ୍ୟ ନେଇ ଆସିଥାଏ। ତେବେ ନୂଆବର୍ଷ ଅର୍ଥାତ୍ ୨୦୨୬ ଆରମ୍ଭ ହେବା ପୂର୍ବରୁ କେଉଁ ଶୁଭକାର୍ଯ୍ୟ କଲେ ମଙ୍ଗଳକାରୀ ହେବ, ସେ ସମ୍ପର୍କରେ ଜାଣିବା।**



- ଗରୁଡ଼ ପୁରାଣ ଅନୁସାରେ, ଯେଉଁଠି ମହିଳାଙ୍କ ଅନାଦର କରାଯାଏ, ସେଠାରେ ଦାରିଦ୍ରତା ବାସ କରେ। ମହିଳାଙ୍କ ଶ୍ରଦ୍ଧା, ସମ୍ମାନ କରାଯାଉଥିବା ଘରେ ହିଁ ଲକ୍ଷ୍ମୀ ମା' ବାସ କରନ୍ତି। ତେଣୁ ୨୦୨୬ରେ ଘରେ ଲକ୍ଷ୍ମୀ ମା'ଙ୍କ କୃପା ଚାହୁଁଥିଲେ, ହୃଦୟରେ ମହିଳାଙ୍କ ପ୍ରତି ସମ୍ମାନ ଭାବ ଜାଗ୍ରତ କରି ସେମାନଙ୍କର ସମ୍ମାନ କରିବା ଉଚିତ।
- ଆର୍ଥିକ ସମସ୍ୟାର ରକ୍ଷା ପାଇବାର ବଡ଼ ଉପାୟ ହେଉଛି ଦାନ। ନିଜ ଆୟର ଛୋଟ ଅଂଶ ଗରିବ, ଅସହାୟ, ଗୋ-ସେବା, ଧାର୍ମିକ କାର୍ଯ୍ୟରେ ଖର୍ଚ୍ଚ କରିବା ଦ୍ୱାରା ଧନ ବୃଦ୍ଧି ହୁଏ। ନୂଆବର୍ଷ ଆରମ୍ଭ ହେବା ପୂର୍ବରୁ ଦାନ କରିବାର ସଂକଳ୍ପ ନିଅନ୍ତୁ।
- ଅନେକ ସମୟରେ ଧନ ଆଗମନ ସହ ଲୋକଙ୍କଠାରେ ଅହଂ ଭାବ ଜାଗ୍ରତ ହୁଏ। ଗରୁଡ଼ ପୁରାଣ ଅନୁସାରେ, ଯିଏ ଧନର ଅପମାନ କରନ୍ତି କିମ୍ବା ଧନକୁ ଅନୈତିକ କାର୍ଯ୍ୟରେ ବିନିଯୋଗ କରନ୍ତି, ସେଠାରେ ମା' ଲକ୍ଷ୍ମୀଙ୍କ ଆଗମନ ହୋଇ ନ ଥାଏ। ତେଣୁ ନୂଆବର୍ଷ ଆରମ୍ଭ ହେବା ପୂର୍ବରୁ ନିଜ ଭିତରେ ଥିବା ଲୋଭ ଏବଂ କପଟ ତ୍ୟାଗ କରି ସତ୍ୟ ପଥରେ ପରିଚାଳିତ ହେବା ସଂକଳ୍ପ ନିଅନ୍ତୁ।
- ସେହିପରି ଘରକୁ ସଫାସୁତରା ରଖିବା ଏବଂ ସାତ୍ତ୍ୱିକ ଖାଦ୍ୟ ସାମିଲ କରିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୁଏ। ଏହାସହ ମା' ଲକ୍ଷ୍ମୀ ସ୍ଥାୟୀ ଭାବେ ବାସ କରନ୍ତି।

## କେଶରେ ତେଲ ଲଗାଇବାର ନିୟମ

**ଭାରତୀୟ ସଂସ୍କୃତିର ଅଂଶ ହେଉଛି କେଶରେ ତେଲ ଲଗାଇବା। ଅନେକଙ୍କୁ କେଶରେ ତେଲ ଲଗାଇବାର ଠିକ୍ ନିୟମ ଜଣା ନ ଥାଏ।**

ଶାସ୍ତ୍ରରେ ପ୍ରତିଦିନ କେଶରେ ତେଲ ଲଗାଇବାକୁ ଜରୁରି ବୋଲି କୁହାଯାଇ ନାହିଁ। ଆୟୁର୍ବେଦ ଅନୁସାରେ, ସପ୍ତାହକୁ ଥରେ ତଥା ଦୁଇ ଥର ତେଲ ଲଗାଇବା ଉଚିତ। ନିତିଦିନ ତେଲ ଲଗାଇବା ଦ୍ୱାରା କଫ ଦୋଷ ସମସ୍ୟା ବଢ଼ିବା ସହିତ ଥଣ୍ଡା, ଜ୍ୱର ହେବା ଆଶଙ୍କା ବେଶି। ତେବେ ଗାଧୋଇବା ପୂର୍ବରୁ ମୁଣ୍ଡରେ ତେଲ ଲଗାଇବାକୁ ଶାସ୍ତ୍ର ମତରେ ସର୍ବୋତ୍ତମ। ରାତିରେ କେଶରେ ଲଗାଇ ଶୋଇବା କେତେକଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏହା ଦ୍ୱାରା ପାଚନଶକ୍ତି ଦୁର୍ବଳ ହେବା ସହିତ କଫ ସମସ୍ୟା ବୃଦ୍ଧି ପାଏ। ସେହପିରି ଶୀତଦିନେ ଅଧିକ ତେଲ ଲଗାଇବାରୁ ଦୂରେଇ ରହିବା ଉଚିତ ବୋଲି ଶାସ୍ତ୍ରରେ କୁହାଯାଇଛି। ଏଭଳି କରିବା ଦ୍ୱାରା ମୁଣ୍ଡବିନ୍ଧା ଓ ଥଣ୍ଡା ସମସ୍ୟା ହୋଇପାରେ। ଏହାବାଦ୍ ତେଲ ଲଗାଇବାର ୪୦-୪୫ ମିନିଟ୍ ପରେ ମୁଣ୍ଡ ଧୋଇବା ଉଚିତ। କେଶରେ ତେଲ ଲଗାଇ ତୁରନ୍ତ ଗାଧୋଇବାରେ କୌଣସି ଲାଭ ନାହିଁ।



ଧାର୍ମିକ ଗ୍ରନ୍ଥ ଅନୁସାରେ, ବ୍ରତ, ଅମାବାସ୍ୟା ଏବଂ ଗ୍ରହଣ କାଳରେ କେଶରେ ତେଲ ଲଗାଇବାକୁ ବାରଣ କରାଯାଇଛି। ଏହିଦିନ ଗୁଡ଼ିକରେ ତେଲ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତିର ପ୍ରଭାବ ପଡ଼େ।


## ୨୦୨୬ରେ ଶନି-ଗୁରୁଙ୍କ ମହାସଂଯୋଗ

### ତିନି ରାଶି ପାଇଁ ଶୁଭ

**୨୦୨୬ ମସିହାରେ ଦେବଗୁରୁ ବୃହସ୍ପତି ଏବଂ ଶନିଦେବଙ୍କର ମହାସଂଯୋଗ ଘଟିବ। ବୃହସ୍ପତି ସିଂହ ରାଶିକୁ ଗୋଚର କରିବେ। ଏହାଦ୍ୱାରା ଶନିଙ୍କ ସହିତ ବିଶେଷ ସଂଯୋଗ ସୃଷ୍ଟି ହେବ। ଶନି ମୀନ ରାଶିରେ ରହିବେ। ଫଳରେ ଗୁରୁ-ଶନିଙ୍କ ମହାସଂଯୋଗ ସୃଷ୍ଟି ହେବ। ଏହି ସଂଯୋଗ କେଉଁ ତିନି ରାଶି ପାଇଁ ଶୁଭ, ସେ ସମ୍ପର୍କରେ ଜାଣିବା।**

**ମିଥୁନ:** ଶନି-ଗୁରୁଙ୍କ ସଂଯୋଗ ମିଥୁନ ରାଶି ବ୍ୟକ୍ତିଙ୍କ ଲାଗି ଆର୍ଥିକ ସ୍ଥିରତା ଏବଂ କ୍ୟାରିୟର୍‌ରେ ଉନ୍ନତି ଆଣିବ। ପଦୋନ୍ନତି ସହିତ ଦାୟିତ୍ୱ ବଢ଼ିବ। ବ୍ୟବସାୟରେ ଲଗାତାର ଉନ୍ନତି ହେବ।

**କର୍କଟ:** ଏହି ସଂଯୋଗ ମିଥୁନ ରାଶିଙ୍କୁ ଶୁଭ ଫଳ ପ୍ରଦାନ କରିବ। କ୍ୟାରିୟର୍‌ରେ ଅଟକି ରହିଥିବା କାମ ପୂରା ହେବ। ପ୍ରତିଯୋଗୀ ପରୀକ୍ଷା, ସରକାରୀ ଚାକିରି ଏବଂ ଗବେଷଣା ଲାଗି ଏହା ଉଚିତ ସମୟ। ଆର୍ଥିକ ସ୍ଥିତି ଧୀରେ ଧୀରେ ମଜବୁତ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ବଜାୟ ରହିବ। ଯୋଜନା ସହିତ ସମସ୍ତ କାମ କଲେ ଲାଭ ମିଳିବ।



**କୁମ୍ଭ:** କୁମ୍ଭ ରାଶି ଉପରେ ମିଥୁନ ଏବଂ ଗୁରୁଙ୍କ ବିଶେଷ ପ୍ରଭାବ ରହିବ। କ୍ୟାରିୟରରେ ସଫଳତା ମିଳିବ। ଦୀର୍ଘ ସମୟ ଧରି ଯେଉଁ ସମସ୍ୟା ଲାଗି ରହିଥିଲା, ତା'ର ଅନ୍ତ ଘଟିବ। ଟେକ୍ନୋଲୋଜି, ମ୍ୟାନେଜମେଣ୍ଟ, ସାମାଜିକ କାର୍ଯ୍ୟ ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଭଲ ସମୟ। ଆୟର ନୂଆ ବାଟ ଉନ୍ମୁକ୍ତ ହେବ।

# ନୂଆବର୍ଷ ପାଇଁ ମହାପ୍ରଭୁଙ୍କୁ ରାତ୍ରି ଅନିଦ୍ରା କରା ନ ଯାଉ

## ଗଜପତି, ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ପରିଚାଳନା କମିଟି ସଦସ୍ୟ

ପୁରୀ, ୨୮।୧୨(ସମିସ): ଇଂରାଜୀ ନୂଆବର୍ଷ ପାଇଁ ଡିସେମ୍ବର ୩୧ ଅର୍ଦ୍ଧରାତ୍ରରୁ ଶ୍ରୀମନ୍ଦିର ଖୋଲାକୁ ବିରୋଧ। ମହାପ୍ରଭୁଙ୍କୁ ରାତି ଅନିଦ୍ରା କରାନଯାଉ। ସ୍ୱାଭାବିକ ଦୈନନ୍ଦିନ ନୀତିକାନ୍ତିର ବ୍ୟବସ୍ଥା କରାଯାଉ। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହାକୁ ନେଇ ଏକ ନୂଆ ବିବାଦ ମୁଣ୍ଡ ଟେକିଛି।

ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଜାନୁଆରୀ ୧ ଆମ ପାଇଁ ପରମ୍ପରାଗତ ନବବର୍ଷ ନୁହେଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସନାତନୀ ହିନ୍ଦୁମାନଙ୍କର ଆସ୍ଥା ତଥା ଆରାଧ୍ୟ ଦେବତା। ମହାପ୍ରଭୁଙ୍କର ସକଳ ପରମ୍ପରା ସନାତନ ଧର୍ମଶାସ୍ତ୍ର ଅନୁଯାୟୀ ହୋଇଆସୁଛି। ହେଲେ ଗତ କିଛି ବର୍ଷ ହେବ ଜାନୁଆରୀ ୧ ପାଇଁ ଅର୍ଦ୍ଧରାତ୍ରିରେ ମଧ୍ୟ ମନ୍ଦିର ଖୋଲାଯାଉଛି, ଯାହାକି ଏବେ ନିୟମିତ ହୋଇଗଲାଣି। ଏହା ଧାର୍ମିକ ଏବଂ ପରମ୍ପରା ଦୃଷ୍ଟିକୋଣରୁ ଆଦୌ ସମୀଚିନ ନୁହେଁ। ପ୍ରତିବର୍ଷ ଧର୍ମଶାସ୍ତ୍ରବିତ୍ ତଥା ପରମ୍ପରା ଓ ସଂସ୍କୃତି ସମ୍ପର୍କରେ କାମ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ନିଜର ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ଧାର୍ମିକ ଦୃଷ୍ଟିକୋଣରୁ ଏହି ବିଷୟ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଜାନୁଆରୀ ୧ ପାଇଁ ମହାପ୍ରଭୁଙ୍କୁ ରାତ୍ରି ଅନିଦ୍ରା ନ କରିବାକୁ ସେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରତିବର୍ଷ ନୂଆବର୍ଷ ଦିନ ଭକ୍ତଙ୍କ ଭିଡ଼ ଜମୁଥିବାରୁ ଡିସେମ୍ବର ୩୧ଅର୍ଦ୍ଧରାତିରୁ ମନ୍ଦିର ଖୋଲାଯାଇଥାଏ। ଏପରିକି, ପହୁଡ଼ ହୋଇନଥାଏ। ତେଣୁ ଏହାକୁ ନେଇ ଚିଠି ଲେଖିଛନ୍ତି ପରିଚାଳନା କମିଟି ସଦସ୍ୟ ଶ୍ରୀ ସାହୁ।

## ଦୁଇଦିନ ପାଇଁ ବଦଳିଲା ଧ୍ୱଜାବନ୍ଧା ସମୟ

# ଅପରାହ୍ନ ୩ଟାରେ ଧ୍ୱଜାବନ୍ଧା ନୀତି

ପୁରୀ,୨୮।୧୨(ସମିସ): ସରିଆସୁଛି ବର୍ଷ ୨୦୨୫। ଇଂରାଜୀ ନବବର୍ଷକୁ ସ୍ୱାଗତ କରିବା ଲାଗି ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ମହାପ୍ରଭୁଙ୍କୁ ଦର୍ଶନ କରି ନୂଆବର୍ଷ ଆରମ୍ଭ କରିବା ଲାଗି ପୁରୀ ଆସିବେ ଲକ୍ଷାଧିକ ଶ୍ରଦ୍ଧାଳୁ। ତେଣୁ ଡିସେମ୍ବର ୩୧ ଓ ଜାନୁଆରୀ ୧ ଇଂରାଜୀ ନବବର୍ଷ ଦିନ ଅସମ୍ଭାଳ ଭିଡ଼ ସମ୍ଭାବନା ତଥା ଜନଗହଳି ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଧ୍ୱଜା ବନ୍ଧା ସମୟ ପରିବର୍ତ୍ତନ କରାଯାଇଛି। ସନ୍ଧ୍ୟା ୫ଟା ପରିବର୍ତ୍ତେ ଅପରାହ୍ଣ ୩ଟା ସୁଦ୍ଧା ଧ୍ୱଜାବନ୍ଧ ନୀତି ଶେଷ କରିବା ପାଇଁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଚୁନରା ସେବକମାନଙ୍କୁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆଦେଶ ପଠା କରାଯାଇଛି। ଅପରାହ୍ଣରେ କମ୍ ଗହଳି ମଧ୍ୟରେ ଧ୍ୱଜା ବନ୍ଧା ହେବା ଲକ୍ଷ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିବା ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ଏଥିପାଇଁ ଅପରାହ୍ଣ ସାଢ଼େ ୧ଟା ସୁଦ୍ଧା ଧ୍ୱଜାବନ୍ଧା ରସିଦ୍ କରାଯାଇ ୧ଟା ୪୫ ସୁଦ୍ଧା ଧ୍ୱଜାଗୁଡ଼ିକୁ ଚୁନରା ପାଳିଆ ସେବକଙ୍କୁ ହସ୍ତାନ୍ତର କରିବା ଲାଗି ଲେଙ୍କା ସେବକଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଏତଦ୍‌ବ୍ୟତୀତ ଘଣ୍ଟି ଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ ଓ ପ୍ରସ୍ଥାନ ସୁଗମ କରିବା ତଥା ଗହଳି ନିୟନ୍ତ୍ରଣ କରିବା ପାଇଁ ଚୁନରା ସେବକମାନେ କୌଣସି ଓଲାଗି ଧ୍ୱଜା ଗାରଦ ପଶ୍ଚାତ ଭାଗରେ ବିକ୍ରୟ ନ କରିବା ପାଇଁ ବାରଣ କରାଯାଇଛି। ଏଥିସହ ଏହାକୁ ନିଶ୍ଚିତ କରାଯିବାକୁ ଶ୍ରୀମନ୍ଦିର କମାଣ୍ଡର୍ ଏବଂ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଚୁନରା ସେବକମାନଙ୍କର ସହଯୋଗ କାମନା କରିବା ସହ କୌଣସି ବ୍ୟତିକ୍ରମ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

**ଗାରଦ ପଶ୍ଚାତ ଭାଗରେ ବିକ୍ରି ହେବ ନାହିଁ ଓଲାଗି ଧ୍ୱଜା**

# ଯୁବକଙ୍କୁ ହତ୍ୟା କରି ପୋତିଦେଲେ

ବିନିକା, ୨୮।୧୨(ସମିସ): ସ୍ୱାମୀଙ୍କୁ ମାରି ପୋତି ଦିଆଯାଇଥିବା ନେଇ ସ୍ତ୍ରୀର ସନ୍ଦେହ ଶେଷରେ ସତ ହୋଇଛି। ନିଖୋଜର ୧୧ଦିନ ପରେ ମାଟି ତଳୁ ସ୍ୱାମୀଙ୍କ ଶବ ଉଦ୍ଧାର ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ୩ନମ୍ବର ୱାର୍ଡ ଗୁଲାପଡ଼ା ଗାଁରେ ଏପରି ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ପଦାକୁ ଆସିଛି। ମୃତକ ହେଲେ, ଗାଁର ପ୍ରକାଶ ମହାନ୍ତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।



**■ ନିଖୋଜର ୧୧ଦିନ ପରେ ମାଟି ତଳୁ ଶବ ଉଦ୍ଧାର**
**■ ୫ ଅଭିଯୁକ୍ତ ଅଟକ**
**■ ସତ ହେଲା ସ୍ତ୍ରୀଙ୍କ ସନ୍ଦେହ**

ସୂଚନାନୁଯାୟୀ, ଗତ ୧୮ତାରିଖ ସନ୍ଧ୍ୟାରେ ପ୍ରକାଶ ଚପଲ କିଣିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାରଲୋକ ୨/୩ଦିନ ଧରି ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ନ ମିଳିବାରୁ ସ୍ତ୍ରୀ ବନିତା ଏ ସଂପର୍କରେ ବିନିକା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ତଥାପି ପ୍ରକାଶଙ୍କ ଖୋଜଖବର ନ ମିଳିବାରୁ ୨୭ତାରିଖରେ ପୁଣି ବନିତା ନିଜର କୁନିକୁନି ଦୁଇ ଝିଅଙ୍କୁ ଧରି ଥାନାକୁ ଆସି ନ୍ୟାୟ ମାଗିଥିଲେ। ତାଙ୍କ ସ୍ୱାମୀଙ୍କୁ ହତ୍ୟା କରି ଅପରାଧୀମାନେ ଶବକୁ କେଉଁଠାରେ ଲୁଚାଇ ଦେଇଛନ୍ତି ବୋଲି ସେ ସନ୍ଦେହ କରିଥିଲେ। ଏପରିକି, ପ୍ରକାଶ ଯେଉଁମାନଙ୍କ ସାଙ୍ଗରେ କାମ କରୁଥିଲେ, ସେମାନଙ୍କ ଉପରେ ତାଙ୍କର ସନ୍ଦେହ ହେଉଛି ବୋଲି ପୁଲିସକୁ କହିଥିଲେ। ପୁଲିସ ଘଟଣା ଉପରେ ଗୁରୁତ୍ୱ ଦେଇ ତଦନ୍ତ ପ୍ରକ୍ରିୟାକୁ ଜୋର୍ କରିଥିଲା। ବନିତାଙ୍କ ଅଭିଯୋଗ ଆଧାରରେ ପୁଲିସ ୫ଜଣ ସନ୍ଦିଗ୍ଧଙ୍କୁ ଧରି ଆଣି ପଚରାଉଚରା କରିଥିଲା। ପୁଲିସର ନାଲିଆଖି ଦେଖି ସେଥିମଧ୍ୟରୁ ଜଣେ ଅଭିଯୁକ୍ତ ସତ ଉଗାରି ଦେଇଥିଲା। ପ୍ରକାଶଙ୍କୁ ସେମାନେ ହତ୍ୟା କରିବା ପରେ କେଉଁଠାରେ ପୋତିଛନ୍ତି ବୋଲି ବି କହିଥିଲା। ତା' ବୟାନ ଆଧାରରେ ଆଜି ମାଜିଷ୍ଟ୍ରେଟ୍ ବିନିକା ଅତିରିକ୍ତ ତହସିଲଦାର ଦୟାରାମ ମେହେରଙ୍କ ଉପସ୍ଥିତିରେ ବିନିକା ପୁଲିସ ଏକ ନାଳ ନିକଟରେ ଖୋଳାଖୋଳି କରି ଅପରାହ୍ଣ ୩ଟାରେ ସେଠାରୁ ପ୍ରକାଶଙ୍କ ଶବ ଉଦ୍ଧାର କରିଥିଲା। ପରେ ସମ୍ବଲପୁର ସାଇଣ୍ଟିଫିକ ଟିମ୍, ସୋନପୁର ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିଲେ। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଛନ୍ତି।

# ସମୁଦ୍ରରେ ଫସିଥିବା ୨୩ ପର୍ଯ୍ୟଟକ ଉଦ୍ଧାର

ଚନ୍ଦନେଶ୍ୱର, ୨୮।୧୨(ସମିସ): ମଝି ସମୁଦ୍ରରୁ ଉଦ୍ଧାର ହେଲେ ୨୩ ବଙ୍ଗୀୟ ପର୍ଯ୍ୟଟକ। ସୂଚନାନୁଯାୟୀ, ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ପାଥରପ୍ରତିମାଠାରୁ ଏକ ବୋଟ୍ ଯୋଗେ ୨୩ଜଣ ପର୍ଯ୍ୟଟକ ଦୀଘା ଜଗନ୍ନାଥ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିଲା ବେଳେ ହଠାତ୍ ସମୁଦ୍ର ମଧ୍ୟରେ ଯନ୍ତ୍ରଚାଳିତ ଡଙ୍ଗାର ଇଞ୍ଜିନ ଖରାପ ହୋଇଯାଇଥିଲା। ଶନିବାର ରାତିରେ ଦୀଘା- ମୋହନାଠାରୁ ପ୍ରାୟ ୩୦୦ମିଟର ଦୂରରେ ଥିବା ସମୟରେ ବୋଟ୍‌ର ଇଞ୍ଜିନ ଖରାପ ହୋଇ ଅଚଳ ହୋଇପଡ଼ିଥିଲା। ଜୁଆର ମାଡ଼ରେ ବୋଟ୍‌ଟି ଏଣେତେରେ ଭାସିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏ ସଂପର୍କରେ ସେମାନେ ପୂର୍ବ-ମେଦିନୀପୁର ଜିଲ୍ଲା ପୁଲିସର ହେଲ୍ପଲାଇନ୍ ନମ୍ବରକୁ ଫୋନ୍ କରି ସାହାଯ୍ୟ ପାଇଁ ନିବେଦନ କରିଥିଲେ। ଖବର ପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଦୀଘା ମୋହନା କୋଷ୍ଟାଲ ପୁଲିସ ତୁରନ୍ତ ଉଦ୍ଧାର ଅଭିଯାନ କାର୍ଯ୍ୟ ଆରମ୍ଭ କରିଥିଲା। ପୁଲିସର ସମୟୋଚିତ ପଦକ୍ଷେପ ଯୋଗୁଁ ସମସ୍ତ ୨୩ଜଣ ପର୍ଯ୍ୟଟକ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିଲେ ଏବଂ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲା।

# ଷ୍ଟେସନ୍‌ରେ ପଶି ଯାତ୍ରୀଙ୍କୁ ମାଡ଼

ବାଲେଶ୍ୱର,୨୮।୧୨(ସମିସ): ବାଲେଶ୍ୱର ରେଲୱେ ଷ୍ଟେସନରେ ଯାତ୍ରୀଙ୍କୁ ଆଧାର କାର୍ଡ ମାଗିବା ଓ ମାଡ଼ ମାରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ପରେ ଆରପିଏଫ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜଣେ ଅଭିଯୁକ୍ତଙ୍କୁ ଧରି ଜିଆରପିକୁ ହସ୍ତାନ୍ତର କରାଯାଇଛି। ଗିରଫ

## ଅଭିଯୁକ୍ତ ଗିରଫ

ଯୁବକଜଣଙ୍କ ହେଲେ, ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଗଣ୍ଡରଦା ଅଞ୍ଚଳର ସାଗର ଜେନା। ବାଲେଶ୍ୱର ଷ୍ଟେସନରେ ପଶି ଶୀତରାତ୍ରିରେ ଆଶ୍ରୟ ନେଇଥିବା କିଛି ଯାତ୍ରୀଙ୍କୁ ସମ୍ପୃକ୍ତ ଯୁବକ ମାଡ଼ ମାରିଥିଲେ। ଯାତ୍ରୀମାନଙ୍କୁ ଆଧାରକାର୍ଡ ଦେଖାଅ ବୋଲି କହିଥିଲେ। ଏହି ଘଟଣାକୁ ଆର୍‌ପିଏଫ୍ ଗୁରୁତ୍ୱର ସହ ନେଇ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ଜିଆର୍‌ପିକୁ ହସ୍ତାନ୍ତର କରିଛି। ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ

# ସମ୍ବିଧାନ ବର୍ତ୍ତମାନ ବିପଦରେ



ଭୁବନେଶ୍ୱର,୨୮।୧୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ୧୪୦ ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଏହି ଅବସରରେ ଭକ୍ତ କହିଛନ୍ତି, ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଓ ଦେଶକୁ ସ୍ୱାଧୀନ କରିବାରେ ଆମ ପୂର୍ବସୂରୀମାନଙ୍କ ଅସୀମ ତ୍ୟାଗ ଓ ସେବା ପାଇଁ ଆମେ ଆଜି ଗର୍ବ କରୁଛୁ। ବହୁ ପୂର୍ବତନ ପ୍ରଧାନମନ୍ତ୍ରୀମାନେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନାମକୁ ଟେକ ରଖିଥିବା ବେଳେ ବର୍ତ୍ତମାନ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ଓ ମହାତ୍ମା ଗାନ୍ଧୀଙ୍କ ନାମକୁ ପ୍ରତ୍ୟେକ ସ୍ଥାନରୁ ହଟାଇବା ପାଇଁ ଚକ୍ରାନ୍ତ ଚାଲିଛି। କିନ୍ତୁ କଂଗ୍ରେସ ଦଳ ଏହାକୁ କଦାପି ବରଦାସ୍ତ କରିବ ନାହିଁ ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦେଶବାସୀଙ୍କ ପାଇଁ ତା'ର କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ଅବସରରେ ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏକଜୁଟ ହୋଇ ଦଳକୁ ସଶକ୍ତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜ୍ୟୋତିଷ କୁମାର ସାହୁ, ଏମ୍. ଡି. ସାହାଦୁଲ୍ଲା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ନେତା ରାମଚନ୍ଦ୍ର କାଡାମ୍, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ସାମିଲ ହୋଇଥିଲେ।

# ପ୍ରକାଶ ପାଇଲା ଓଟିଇଟି ଆନ୍‌ସାର୍-କୀ

**'ସକାଳ' ପ୍ରଭାବ**

ଭୁବନେଶ୍ୱର, ୨୮।୧୨(ସମିସ): ମିଛ କହୁଥିଲା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)। ଭୁଲ୍ ସ୍ୱୀକାର କରି ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସଭାପତି ବି ବୋର୍ଡକୁ ଘଣ୍ଟ ଘୋଡ଼ାଉଥିଲେ। କିନ୍ତୁ, 'ସକାଳ'ରେ ଖବର ପ୍ରକାଶ ପାଇବାର ମାତ୍ର କେଇ ଘଣ୍ଟା ମଧ୍ୟରେ ରବିବାର ଓଟିଇଟି ପରୀକ୍ଷାର ଆନ୍‌ସାର୍-କୀ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଗତ ୨୬ତାରିଖ ଅର୍ଥାତ୍ ଶୁକ୍ରବାର ଦିନ ଆନ୍‌ସାର୍-କୀ ପ୍ରକାଶ ପାଇଥିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ୱେବ୍‌ସାଇଟ୍‌ରେ ଆନ୍‌ସାର୍-କୀ ଉପଲବ୍ଧ ହୋଇନଥିଲା। ଏ ସଂପର୍କରେ ବହୁ ପରୀକ୍ଷାର୍ଥୀ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିଥିଲେ। ପରୀକ୍ଷାର୍ଥୀଙ୍କ ଅଭିଯୋଗ ନେଇ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଫଳରେ ପରୀକ୍ଷାର୍ଥୀଙ୍କୁ ଅନ୍ଧାରରେ ରଖିଥିବା ବୋର୍ଡ ପକ୍ଷରୁ ଆନ୍‌ସାର୍-କୀ ଆଜି ସକାଳ ୯ଟା ୪୫ ରେ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଓଟିଇଟି ପରୀକ୍ଷାର ପ୍ରୋଭିଜିନାଲ୍ ଆନସାର୍ କି ବୋର୍ଡ ୱେବସାଇଟ୍ www.bseodisha.ac.inରେ ଉପଲବ୍ଧ ହୋଇଥିବା ନେଇ ପରୀକ୍ଷା ନିୟନ୍ତ୍ରକଙ୍କ ଦସ୍ତଖତ ସହିତ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଏହି ୱେବସାଇଟ୍‌ର ରେଜଲ୍ଟ ଅପସନ୍‌ରେ କ୍ଲିକ୍ କରିବା ପରେ ସିଧାସଳଖ indiaresults.com ୱେବସାଇଟ୍ ଖୋଲୁଥିବା ବେଳେ ତହିଁରେ ମଧ୍ୟ ଆନ୍‌ସାର୍-କୀ ଉପଲବ୍ଧ ହେଉନଥିଲା। ଏ ସଂକ୍ରାନ୍ତରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କୁ ପଚାରିବାରୁ ଶୁକ୍ରବାରଠାରୁ ୱେବସାଇଟ୍‌ରେ ଆନ୍‌ସାର୍-କୀ ଉପଲବ୍ଧ ହୋଇଥିବା ନେଇ ଦୃଢ଼ୋକ୍ତି ବାଢ଼ିଥିଲେ। ହେଲେ ୱେବସାଇଟ୍‌ରେ ତାହା କାହିଁକି ଦେଖାଉନାହିଁ ବୋଲି ପଚାରିବାରୁ ଅତି ବେପରୁଆ ଭାବେ ଉତ୍ତର ରଖିଥିଲେ। ଯଦି ୱେବସାଇଟ୍‌ରେ ଆନସାର୍-କୀ ଆସୁନାହିଁ, ତାହେଲେ ବୋର୍ଡ ମିଛ କହୁଥିବା କହିବା ସହ ଏହା ତାଙ୍କର ଅଧିକାରିକ ବୟାନ ବୋଲି ସ୍ପଷ୍ଟ କରିଥିଲେ। ଏ ସଂପର୍କରେ 'ସକାଳ'ରେ ଖବର ପ୍ରକାଶ ପାଇବାର ମାତ୍ର କିଛି ଘଣ୍ଟା ମଧ୍ୟରେ ବୋର୍ଡ ପକ୍ଷରୁ ଆନ୍‌ସାର୍-କୀ ପ୍ରକାଶ ପାଇଛି। ହଜାର ହଜାର ପରୀକ୍ଷାର୍ଥୀଙ୍କୁ ମିଛ କହି ବୋର୍ଡ ପ୍ରାୟ ୩୯ ଘଣ୍ଟାରୁ ଅଧିକ ସମୟ ଅନ୍ଧାରରେ ରଖିଥିବା ମଧ୍ୟ ପଦାରେ ପଡ଼ିଛି।

ଉଲ୍ଲେଖଯୋଗ୍ୟ, ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି କରି ଏକାଧିକ କର୍ମଚାରୀ ବନ୍ଧା ହେବା ପରେ ମଧ୍ୟ ବୋର୍ଡ କର୍ତ୍ତୃପକ୍ଷଙ୍କ ଖାମଖିଆଲ୍ ମନୋଭାବ ଜାରି ରହିଛି। ଏହାକୁ ନେଇ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭାଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିନତମାମ୍ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରିବା ସହ ଆଗକୁ ମାଟ୍ରିକ୍ ପରୀକ୍ଷା ଅସୁଥିବାରୁ ଅଧିକ ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଉଛନ୍ତି। ସରକାର ମଧ୍ୟ ସଚେତନ ହୋଇ ବେପରୁଆ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆହ୍ୱାନ ଦେଇଛନ୍ତି।

**■ ଘୋଷଣାର ୨ଦିନ ପରେ ୱେବସାଇଟ୍‌ରେ ଉପଲବ୍ଧ**
**■ ମିଛ କହିଥିଲେ ବୋର୍ଡ ଓ ସଭାପତି**

## ଐତିହ୍ୟ ଗାଁ ରଘୁରାଜପୁର ବୁଲିଲେ ନିର୍ବାଚନ କମିସନର

# ପଟ୍ଟଚିତ୍ର ପ୍ରସ୍ତୁତି ପ୍ରଣାଳୀ ବୁଝିଲେ, ଗୋଟିପୁଅ ନୃତ୍ୟ ଦେଖିଲେ



ପୁରୀ,୨୮।୧୨(ସମିସ): ପୁରୀର ଐତିହ୍ୟ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରି ଅଭିଭୂତ ହୋଇଛନ୍ତି ଭାରତର ନିର୍ବାଚନ କମିସନର୍ ଜ୍ଞାନେଶ କୁମାର। ରବିବାର ପୂର୍ବାହ୍ନରେ ସପରିବାରେ ସେ ରଘୁରାଜପୁର ଗ୍ରାମରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତାଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ଥଗୋପାଳନ, ଜିଲ୍ଲାପାଳ ଶ୍ରୀ ପରିଡ଼ା କମିସନରଙ୍କୁ ରଘୁରାଜପୁରର କଳାକୃତି ଦେଖାଇଥିଲେ। କମିସନର ପ୍ରତ୍ୟେକ ଘରେ କଳାକୃତି ଦେଖି ବିସ୍ମିତ ହେବା ସହ ଆନନ୍ଦ ପ୍ରକାଶ କରିଥିଲେ। ଶିଳ୍ପୀମାନଙ୍କ ସହ ବାର୍ତ୍ତାଳାପ କରି ପଟ୍ଟଚିତ୍ରର ପ୍ରସ୍ତୁତି ପ୍ରଣାଳୀ, ପ୍ରସ୍ତୁତ ହୋଇଥିବା ଚିତ୍ରର ବିଷୟବସ୍ତୁ ସମ୍ପର୍କରେ ପଚାରି ବୁଝିଥିଲେ। ପରେ କମିସନର୍ ଗୋଟିପୁଅ ନୃତ୍ୟ ଦେଖିଥିଲେ। ନିଜ ପ୍ରତିକ୍ରିୟାରେ କମିସନର୍ ରଘୁରାଜପୁରର କଳାକୃତି ଓ ଗୋଟିପୁଅ ନୃତ୍ୟ ଦେଖି ଅତ୍ୟନ୍ତ ଖୁସି ବୋଲି କହିଥିଲେ। ଓଡ଼ିଶା ଭଳି ଏକ ପ୍ରାଚୀନ ରାଜ୍ୟରେ ଏଭଳି ପାରମ୍ପରିକ କଳାକୁ ପ୍ରାଧାନ୍ୟ ଅତ୍ୟନ୍ତ ଆନନ୍ଦର କଥା ବୋଲି କହିବା ସହ ସମସ୍ତ ଶିଳ୍ପୀ ଓ କଳାକାର ନମସ୍ୟ ବୋଲି କହିଥିଲେ। ଏହିଭଳି ସୁନ୍ଦର କଳାକୁ ଭାରତର ଜନସାଧାରଣ ଦେଖିବାକୁ ଓ କଳାକାରଙ୍କୁ ଉତ୍ସାହିତ କରିବାକୁ କମିସନର ମତ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ସଚିବ ଗୋପୀନାଥ କୁଅଁର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ସଦର ବିଡିଓ ସମ୍ବିତ ଶତପଥୀ, ତହସିଲଦାର ଅଭିଷେକ ଦାଶଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଙ୍ଗାଳୀ ଶ୍ରମିକ ହତ୍ୟା ଘଟଣା

# ସମ୍ବଲପୁରରେ ପହଞ୍ଚିଲା ପଶ୍ଚିମବଙ୍ଗ ପୁଲିସ

ସମ୍ବଲପୁର,୨୮।୧୨(ସମିସ): ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଦାନୀପାଲିରେ ବଙ୍ଗାଳୀ ଶ୍ରମିକଙ୍କୁ ହତ୍ୟା ଘଟଣାରେ ଆଜି ପଶ୍ଚିମବଙ୍ଗ ସୁତି ଥାନାରୁ ପୁଲିସ ସମ୍ବଲପୁର ପହଞ୍ଚିଥିଲେ। ବଙ୍ଗାଳୀ ଶ୍ରମିକଙ୍କୁ ହତ୍ୟା ଘଟଣାରେ ପଶ୍ଚିମବଙ୍ଗ ସୁତି ଥାନା ପକ୍ଷରୁ ଜିରୋ ଏଫ୍‌ଆଇଆର ହୋଇଥିଲା। ସୁତି ଥାନାରୁ ପୁଲିସ ଅଇଁଠାପାଲି ଥାନାରେ ପହଞ୍ଚି ହତ୍ୟା ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଘଟଣାରେ ଅଇଁଠାପାଲି ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ନା ନାହି ତା ସମ୍ପର୍କରେ ସୁତି ପୁଲିସ ବୁଝିଥିଲେ। ଏହା ସହ ଉକ୍ତ ଥାନା ଅଞ୍ଚଳରୁ ଶ୍ରମିକ ସମ୍ବଲପୁରରେ ରହିକାମ କରୁଛନ୍ତି। ତେଣୁ ସେମାନଙ୍କ ସୁରକ୍ଷାକୁ ମଧ୍ୟ ସମ୍ବଲପୁର ପୁଲିସ ଧ୍ୟାନ ଦେବାକୁ ସେମାନେ କହିଥିଲେ।ସୂଚନା ଅନୁସାରେ ବଙ୍ଗାଳୀ ଶ୍ରମିକମାନେ ୫ରୁ ଅଧିକ ବର୍ଷ ହେଲାଣି ସମ୍ବଲପୁରରେ ସହରରେ ରହି ମିସ୍ତ୍ରୀ କାମ କରୁଛନ୍ତି। ଦାନୀପାଲି ନିକଟରେ ଏକ ଘର ନିର୍ମାଣ କାର୍ଯ୍ୟରେ ଏହି ଶ୍ରମିକମାନେ ନିୟୋଜିତ ଥିଲେ।୨୪ ତାରିଖ ସନ୍ଧ୍ୟାରେ ସେମାନେ ରହୁଥିବା ଘରପାଖ ରାସ୍ତାରେ ବିଡ଼ି ଟାଣୁଥିଲେ। ଏହି ସମୟରେ କିଛି ଯୁବକ ପହଞ୍ଚି ବିଡି ମାଗିଥିଲେ। ବିଡ଼ି ଦେବାକୁ ମନା କରିବାରୁ ଦୁର୍ବୃତ୍ତମାନେ ଆଧାରକାର୍ଡ ଦେଖାଇବାକୁ କହିଥିଲେ।ଏହାକୁ ନେଇ ଝଗଡ଼ା ସୃଷ୍ଟି ହୋଇଥିଲା। ଦୁର୍ବୃତ୍ତମାନେ ଉତ୍ତ୍ୟକ୍ତ ହୋଇ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ପଶ୍ଚିମବଙ୍ଗର ଜୁଏଲ ଶେଖଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇ ସହଯୋଗୀ ଅକୁର ରେହମାନ ଓ ସୋନୱର ହୁସେନ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ସମସ୍ତଙ୍କ ଟିଆଇ ପରେଡ କରାଯିବ ବୋଲି ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।



## ରାଜ୍ୟସ୍ତରୀୟ ଚଷା ମହାସମାବେଶ

# ଦେଶ ବିକାଶରେ ଚାଷୀଙ୍କ ବଡ଼ ଦାୟିତ୍ୱ ରହିଛି: ଧର୍ମେନ୍ଦ୍ର



କିଶୋରନଗର,୨୮।୧୨(ସମିସ): ଆମ ରାଜ୍ୟରୁ ପନିପରିବା ଯାଇ ଦୁବାଇରେ ବିକ୍ରି ହେଉଛି। ଦେବଗଡ଼ ଅଞ୍ଚଳର ଛେଳି ମଧ୍ୟ ବାହାର ଦେଶରେ ବିକ୍ରି ହେଉଛି। ଆଗାମୀ ଦିନରେ ଆଠମଲ୍ଲିକ ଉପଖଣ୍ଡରୁ ପନିପରିବା ଲଣ୍ଡନ ଯିବ। ଦେଶର ବିକାଶରେ ଚାଷୀମାନଙ୍କର ବଡ଼ ଦାୟିତ୍ୱ ରହିଛି। ତେଣୁ ଚାଷୀର ଉନ୍ନତି ଆମର ପ୍ରଥମ କର୍ତ୍ତବ୍ୟ ବୋଲି ରବିବାର ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବାମୁରଠାରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚଷା ମହାସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ରର ଓବିସି ତାଲିକାରେ ଚଷା ସମାଜ ରହିଛି। ଚଷାଙ୍କ ପାଇଁ ଆଜି ଭାରତବର୍ଷରେ ପେଟକୁ ଅନ୍ନ ମିଳୁଛି। ଆଠମଲ୍ଲିକ ଉପଖଣ୍ଡ ପାଠପଢ଼ାରେ ବେଶ୍ ଆଗୁଆ ଅଛି। ରାଜାରାଜୁଡ଼ା ଅମଳରୁ ଏହି ଅଞ୍ଚଳରେ ବିଦ୍ୟାଳୟ ରହିଛି। ପାଠପଢ଼ା ପ୍ରତି ଗୁରୁତ୍ୱ ଦେବା ସହ ଚାଷକୁ ବ୍ୟବସାୟରେ ପରିଣତ କରାଯାଉ ବୋଲି ସେ କହିଥିଲେ।

ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ କହିଲେ, ଚଷା ସମାଜ କେବେ ଦୁର୍ବଳ ନୁହେଁ। ଅନେକ ଚଷାପୁଅ ଭଲ ଶିକ୍ଷା ଅର୍ଜନ କରି ବହୁ ବଡ଼ ବଡ଼ ପଦବୀରେ ଅଛନ୍ତି। ଚଷା ସମାଜର ଏକ ପାଣ୍ଠି କରାଯାଉ। ଏହି ପାଣ୍ଠିରୁ ଆର୍ଥିକ ଦୁର୍ବଳ ସଭ୍ୟଙ୍କ ପିଲାମାନଙ୍କ ପାଠପଢ଼ା ପାଇଁ ସହାୟତା ଯୋଗାଇ ଦିଆଯାଉ ବୋଲି ସେ ପରାମର୍ଶ ଦେଇଥିଲେ। ଚଷା ସବୁ କ୍ଷେତ୍ରରେ ଆଗକୁ ଯିବା ଆବଶ୍ୟକ ବୋଲି ଅନୁଗୋଳ ବିଧାୟକ ପ୍ରତାପ କୁମାର ପ୍ରଧାନ କହିଥିଲେ। ଚଷା ସମସ୍ତଙ୍କୁ ଆହାର ଯୋଗାଇଥାଏ ବୋଲି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ, ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଦେବଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଜଙ୍ଗଲ ବିଭାଗ ଅଧିକାରୀ ସଞ୍ଜୟ ସାହୁ, ସୁପ୍ରିମକୋର୍ଟ ଆଇନଜୀବୀ ସାଗର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଉପେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସମାଜ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁରରୁ ଆସିଥିବା ଯୁବକଯୁବତୀମାନେ ନୃତ୍ୟ ପରିବେଷଣ କରିଥିଲେ। ଦେବଗଡ଼ରୁ ଆସିଥିବା ଚାଷୀଭାଇମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଲଙ୍ଗଳ ପ୍ରଦାନ କରିଥିଲେ। ଚଷାପୁଅ ଅମିୟ ପ୍ରଧାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ।

**ସର୍ବଭାରତୀୟ ମଠଖାଇ ମହୋତ୍ସବ ଚତୁର୍ଥ ସନ୍ଧ୍ୟା**

# ନାଟକ ଏକତା ସୃଷ୍ଟି କରିଥାଏ







ବଲାଙ୍ଗିର, ୨୮ ।୧୨(ସମିସ)

- **ଦର୍ଶକଙ୍କ ମନ ଛୁଇଁଲା ବଙ୍ଗୀୟ ନାଟକ 'ସାତ ଘରେୟା'**
- **ଶାଗୁଆ ବଲାଙ୍ଗିର ସଂଗଠନ ମଠଖାଇ ସମ୍ମାନରେ ସମ୍ମାନୀତ**

ବଲାଙ୍ଗିରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭୂମିକା ଓ ମଠଖାଇ ମହୋତ୍ସବ ପାଳନ କମିଟି ପକ୍ଷରୁ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସ୍ମୃତିରେ ୧୭ତମ ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ଆୟୋଜିତ ହୋଇଛି। ସ୍ଥାନୀୟ କୋସଲ କଳାମଣ୍ଡଳ ପଡ଼ିଆରେ ରବିବାର ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୂମିକା ଅନୁଷ୍ଠାନର ସଭାପତି ବ୍ୟାସଦେବ ନନ୍ଦ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ତଥା ଖୋର୍ଦ୍ଧା ନାଟ୍ୟଗ୍ରାମର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ ଯୋଗଦେଇ ନାଟକ ଏକତା ସୃଷ୍ଟି କରିଥାଏ ବୋଲି କହିଥିଲେ। ସେହିଭଳି ମହୋତ୍ସବ କମିଟି ଅଧକ୍ଷ ନରସିଂହ ମିଶ୍ର ନାଟକ ସମାଜରେ ପରିବର୍ତ୍ତନ ଆଣିଥାଏ ବୋଲି କହିଥିଲେ। ଏଥିସହ ସେ କୋଶଳ କଳା ମଣ୍ଡଳ ପଡ଼ିଆର ଉନ୍ନତି ତଥା ନିର୍ମାଣଧୀନ ଅଡିଟୋରିୟମ ଶୀଘ୍ର ସମ୍ପୂର୍ଣ୍ଣ ଲାଗି ଦାବି ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମ ମଞ୍ଚକୁ ନାଟ୍ୟକାର ସ୍ୱର୍ଗତ ଉଗ୍ରସେନ ଷଡ଼ଙ୍ଗୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଏହି ଅବସରରେ ଶାଗୁଆ ବଲାଙ୍ଗିର ସଂଗଠନକୁ ମଠଖାଇ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଭୂମିକା ସମ୍ପାଦକ ରଶ୍ମୀରଞ୍ଜନ ବକ୍ସି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୌମେନ୍ଦ୍ର ପରିଛା ଧନ୍ୟବାଦ ଦେଇଥିଲେ।

ଉଦ୍‌ଘାଟନୀ ସମାରୋହରେ ପଞ୍ଚମ ଅନୁଷ୍ଠାନ କର୍ମକର୍ତ୍ତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଜେନ୍ଦ୍ର ମିଶ୍ର ମଞ୍ଚ ସମର୍ପଣ ପତ୍ର ପାଠ କରିଥିଲେ। ସେହିଭଳି ମାଠଖାଇ ସମ୍ମାନ ପତ୍ରକୁ ଗୋପାଳ ଚନ୍ଦ୍ର ମିଶ୍ର ପାଠ କରିଥିଲେ। ସଭାପରେ ପଶ୍ଚିମ ବଙ୍ଗ ଶାନ୍ତିପୁର ରଙ୍ଗପୀଠ ଅନୁଷ୍ଠାନର ବଙ୍ଗାଳୀ ନାଟକ 'ସାତ ଘରେୟା' ମଞ୍ଚସ୍ଥ ହୋଇଥିଲା। ପ୍ରଫୁଲ୍ଲ ରୟ ଏହାର ଲେଖକ ଥିବାବେଳେ ବିଶ୍ୱଜିତ ବିଶ୍ୱାସ ନିର୍ଦ୍ଦେଶକ ଥିଲେ।



ମଠଖାଇ ମହୋତ୍ସବରେ ବୁର୍ଲା ବଡ଼ ଡାକ୍ତରଖାନାର ବରିଷ୍ଠ ମେଡିସିନ ବିଶେଷଜ୍ଞ ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ମଠଖାଇ ସମ୍ମାନରେ ସମ୍ମାନିତ କରାଯାଉଛି

## ଦାଦନ ଶ୍ରମିକ ଉଦ୍ଧାର; ଦଲାଲ ଗିରଫ



ଖପ୍ରାଖୋଲ, ୨୮ ।୧୨(ସମିସ): ଖପ୍ରାଖୋଲ ପୁଲିସ ପାଟ୍ରୋଲିଂ ବେଳେ ରାତିରେ ଖପ୍ରାଖୋଲ-ପାଟଣାଗଡ଼ ରାସ୍ତାର ଗମ୍ଭାରୀ ଛକଠାରୁ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକ ମଧ୍ୟରେ ୩ ମହିଳା, ଜଣେ ପୁରୁଷ ଓ ୩ ଜଣ ଶିଶୁ ରହିଛନ୍ତି। ଏମାନେ ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ଗମ୍ଭାରୀ ଗାଁର ବୋଲି ପୁଲିସ କହିଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦାଦନ ଚାଲାଣ ଅଭିଯୋଗରେ ଗମ୍ଭାରୀ ଗାଁର ଦାଦନ ଦଲାଲ୍ ସୁମନ୍ତ ଭୁଏ (୪୫)କୁ ଗିରଫ କରିଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

**● ଶାସ୍ତ୍ରୀନଗରରେ ପୁଣି ଦୁର୍ଘଟଣା**

## ଜଣେ ଆହତ, କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ବଲାଙ୍ଗିର, ୨୮ ।୧୨(ସମିସ): ବଲାଙ୍ଗିର ନୋ ଏଣ୍ଟ୍ରି ଜୋନରେ ଭାରିଯାନ ପଶିଛି। ସହର ଭିତରେ ପଶି ସ୍ଥାନୀୟ ଶାସ୍ତ୍ରୀନଗରରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଏହି ଅଞ୍ଚଳରେ ଏହିଭଳି ବାରମ୍ବାର ଦୁର୍ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦା କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକ କରିଥିଲେ। ଏହାଫଳରେ ୨୬ ନଂ ଜାତୀୟ ରାଜପଥ ବଲାଙ୍ଗିର-ଟିଟିଲାଗଡ଼ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା।



ବଲାଙ୍ଗିର ସହର ଭିତରକୁ ଟିଟିଲାଗଡ଼ ପଟୁ ଏକ ୧୦ ଚକିଆ ଭାରିଯାନ ରବିବାର ପ୍ରବେଶ କରିଥିଲା। କିଭଳି ଏହି ଟ୍ରକ୍ କଟକଣା ସମୟ ଭିତରେ ପ୍ରବେଶ କଲା ତାହା ବଡ଼ ପ୍ରଶ୍ନ। ତେବେ ସ୍ଥାନୀୟ ଶାସ୍ତ୍ରୀନଗରରେ ଏହା ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଏଥିରେ ଜଣେ ବରିଷ୍ଠ ନାଗରିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ଚନ୍ଦ୍ରଶେଖର ନଗରର ଧରମାନନ୍ଦ ଦାସ। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଟ୍ରକ୍‌କୁ ଅଟକ ରଖିବା ସହ ରାସ୍ତା ଅବରୋଧ କରିଥିଲେ। ଆହତଙ୍କ ଉଚିତ୍ କ୍ଷତିପୂରଣ ଓ କଟକଣା ସମୟରେ ଟ୍ରକ୍‌ର ପ୍ରବେଶ ଓ ଶାସ୍ତ୍ରୀନଗରରେ ଏହିଭଳି ଭାରିଯାନ ଚଳାଚଳ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକେ ରାସ୍ତା ଅବରୋଧ କରିଥିଲେ। ଏହାଫଳରେ ୨୬ ନଂ ଜାତୀୟ ରାଜପଥ ବଲାଙ୍ଗିର-ଟିଟିଲାଗଡ଼ ରାସ୍ତାରେ ଦୀର୍ଘ ସମୟ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା। ସୂଚନାଯୋଗ୍ୟ, ନିୟମିତ ଏହି ଅଞ୍ଚଳରେ ଦୁର୍ଘଟଣା ଘଟୁଛି। ଏହା ମଧ୍ୟରେ କେତେଜଣଙ୍କ ଜୀବନ ମଧ୍ୟ ଗଲାଣି।

## ଯାଦବ ସମାଜର ସାଙ୍ଗଠନିକ ବୈଠକ



ବଲାଙ୍ଗିର, ୨୮ ।୧୨(ସମିସ): ପୁଇଁନ୍ତଲା ବ୍ଲକ ଦଶପୁର ପଞ୍ଚାୟତର ମେଣ୍ଡିପାଲିରେ ପୁଇଁନ୍ତଲା ବ୍ଲକ ଯାଦବ ସମାଜର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମାଜର ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଓ କୂଳ ଦେବତା ଶ୍ରୀ କୃଷ୍ଣଙ୍କଠାରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଦଶପୁର ପଞ୍ଚାୟତର ପୂର୍ବତନ ଯାଦବ ସଂଘର ସଭାପତି ବିଷ୍ଣୁ ପାଣ୍ଡେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୁଇଁନ୍ତଲା ବ୍ଲକ ଯାଦବ ସମାଜ ସଭାପତି ଅନିରୁଦ୍ଧ ବଗର୍ତ୍ତୀ, ଜିଲ୍ଲା ସହ ସମ୍ପାଦକ ଦେବେନ୍ଦ୍ର ହାତୀ, ବ୍ଲକ ଉପସଭାପତି ଚନ୍ଦ୍ର ବଦନ ବଗର୍ତ୍ତୀ, ବ୍ଲକ ଯୁବ ଯାଦବ ସମ୍ପାଦକ ସଚିତା ନନ୍ଦ ବଗର୍ତ୍ତୀ ଯୋଗ ଦେଇଥିଲେ। ପଞ୍ଚାୟତ ସ୍ତରରେ କିପରି ସମାଜର ସଙ୍ଗଠନକୁ ମଜବୁତ କରାଯିବ ସେ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଧପଡ଼ା ପଞ୍ଚାୟତ ସଭାପତି ସମ୍ପତ୍ତି ବାଗ, ମଲମୁଣ୍ଡା ପଞ୍ଚାୟତ ସଭାପତି ପିତାମ୍ବର ବାଙ୍କ, ସାଉନ୍ତପୁର ପଞ୍ଚାୟତ ଉପ ସଭାପତି ପାର୍ଥ ପୋଢ, କୁରୁଲ ପଞ୍ଚାୟତ ସମ୍ପାଦକ ଯଦୁମଣି ବାଗ, ଛତାପିପଲ ପଞ୍ଚାୟତ ସଭାପତି ଯୁଗେଶ୍ୱର ଆଡଜୁଏଡ, ରଣ୍ଡା ପଞ୍ଚାୟତ ସଭାପତି ସୁଦାମ ସେଲମା ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଦଶପୁର ପଞ୍ଚାୟତସ୍ତରୀୟ ଯାଦବ ସମାଜର କମିଟି ଗଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ତ୍ରିଲୋଚନ ପାଣ୍ଡେ, କାର୍ଯ୍ୟକାରୀ ସଭାପତି ଗାନ୍ଧୀ ଜାଲ, ଉପସଭାପତି ପ୍ରକାଶ ବିଶି, ସମ୍ପାଦକ ମନ ଥପା, ସହ ସମ୍ପାଦକ ପ୍ରକାଶ ମାହାକୁର, କୋଷାଧକ୍ଷ ଲମ୍ବୋଧର ବାଗ, ଯୁବ ଯାଦବ ସଭାପତି ବିନୋଦ ଥପା, ଯୁବ ଯାଦବ ସମ୍ପାଦକ ସୁଦର୍ଶନ ଅଦାବରିଆ ଓ କାର୍ଯ୍ୟକାରୀ ସଦସ୍ୟ ଭାବରେ ବ୍ୟାସଦେବ ବନଛୋର, ସାଧୁରାମ ବିଶି, ବିକର୍ତ୍ତନ ମାହାକୁର, ପୁରନ ବାଗ, ଆକୁଳ ଷାଣ୍ଢ, କାର୍ତ୍ତିକ ବିଶି ପ୍ରମୁଖ ମନୋନୀତ ହୋଇଥିଲେ। ନୂତନ ଭାବରେ ମନୋନିତ ହୋଇଥିବା ସମାଜର କର୍ମକର୍ତ୍ତା ମାନଙ୍କୁ ଜିଲ୍ଲା ଉପ ସଭାପତି ପ୍ରଦୀପ ସେଲମା ଶପଥ ପାଠ କରାଇଥିଲେ। ବୈଠକରେ ଦଶପୁର ପଞ୍ଚାୟତ ଅଧୀନ ଗ୍ରାମ ଗୁଡ଼ିକର ଯାଦବମାନେ ଉପସ୍ଥିତ ଥିଲେ। ବ୍ଲକ ସମ୍ପାଦକ ଜଗନ୍ନାଥ ଚନ୍ଦନ ପରିଚାଳନା କରିଥିବା ବେଳେ ଲୋକେଶ୍ୱର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

**● ଲଖନା ସ୍ପୋର୍ଟ୍ସ ଆସୋସିଏସନର କ୍ରିକେଟ ମ୍ୟାଚ୍ ଉଦ୍‌ଯାପିତ**

## ଘଣ୍ଟବାହାଲକୁ ହରାଇ ଯମୁନା ଚାମ୍ପିଅନ

ମୁରିବାହାଲ, ୨୮ ।୧୨(ସମିସ): ମୁରିବାହାଲ୍ ବ୍ଲକ ଲଖନା ପଞ୍ଚାୟତ ସଦର ମହକୁମା ଖେଳ ପଡ଼ିଆରେ ଲଖନା ସ୍ପୋର୍ଟ୍ସ ଆସୋସିଏସନ ତରଫରୁ ୨୩ରୁ ଆରମ୍ଭ ହୋଇଥିବା କ୍ରିକେଟ ମ୍ୟାଚ୍ ଉଦ୍‌ଯାପିତ ହୋଇଛି। ଏହି ଖେଳରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ରବିବାର ଫାଇନାଲ ଖେଳରେ ଘଣ୍ଟବାହାଲ ପ୍ରଥମେ ବ୍ୟାଟିଂ କରି ୧୩୬ ରନ୍ କରିଥିଲା। ଯମୁନା ଦଳ ୭ ୱିକେଟରେ ୧୩୭ ରନ୍ କରି ୩ ୱିକେଟରେ ବିଜୟ ଲାଭ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ ପୂର୍ବତନ ବ୍ଲକ ଅଧକ୍ଷ ହଂସରାଜ ଜୈନ, ସମ୍ମାନୀୟ ଅତିଥି ଭାବେ ଲଖନା ସରପଞ୍ଚ ସଦାନନ୍ଦ ଦୀପ, ସ୍ୱେଚ୍ଛାସେବୀ ତପନ ଦୀପ ନାରାୟଣ ଗହିର, ଜୟକିସନ ବାଗ, ପିଣ୍ଟୁ ଦୀପ, ଧନଞ୍ଜୟ ହଂସ, ଦେବାଶିଷ ଥାପା, ଶଶାଙ୍କ ନାୟକ, କମଲ ପଟେଲ, ଚନ୍ଦ୍ରମଣୀ ଭୋଇ, କୁମଦ୍ ଭୋଇ, ତପନ ଭଂଇସାଲ, ରୋହିତ ଧରୁଆ, ଚନ୍ଦନ ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ।



## ଲୋଇସିଂହା ବଣିକ ସଂଘର ନୂତନ କର୍ମକର୍ତ୍ତା





ଲାଇସିଂହା, ୨୮ ।୧୨(ସମିସ): ଗାଇଖାଇରେ ଲୋଇସିଂହା ବଣିକ ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହାସହ କର୍ମକର୍ତ୍ତା ମନୋନୟନ କରାଯାଇଛି। ପୂର୍ବତନ ସଭାପତି ମୋହିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସଭ୍ୟମାନେ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ସମାଧାନ ଦିଗରେ କାମ କରିବା ପାଇଁ ମତ ରଖିଥିଲେ। ସେହିପରି ସଂଘର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ସଂକ୍ଷିପ୍ତ ପୁରୋହିତ, ଉପସଭାପତି ଭାବେ ଜୟରାମ ନାୟକଙ୍କୁ ମନୋନୀତ କରାଯାଇଥିଲା। ସମ୍ପାଦକ ଭାବେ ରବୀନ୍ଦ୍ର ନାୟକ ଓ ସହ ସମ୍ପାଦକ ଭାବେ ତ୍ରିନାଥ ସାହୁଙ୍କୁ ମନୋନୀତ କରାଯାଇଥିଲା। ସେହିପରି କୋଷାଧକ୍ଷ ଭାବେ ସୁଶୀଲ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା। ନୂତନ ଭାବେ ଦାୟିତ୍ୱ ନେଇଥିବା ପଦାଧିକାରୀମାନେ ସଂଘ ସଂଗଠନକୁ ମଜବୁତ୍ କରିବାକୁ କାମ କରିବାକୁ ନିଷ୍ପତ୍ତି ନେଇଥିବା ସମ୍ପାଦକ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## କଂଗ୍ରେସର ୧୪୧ତମ ପ୍ରତିଷ୍ଠା ଦିବସ

ବଲାଙ୍ଗିର, ୨୮ ।୧୨(ସମିସ): ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସର ୧୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବଲାଙ୍ଗିର ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ଏଥିରେ ଅଧକ୍ଷତା କରିଥିଲେ। ଗାନ୍ଧୀନଗର ପଡ଼ା ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଉମାଶଙ୍କର ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ଜୁଲୁ ପଟ୍ଟନାୟକ, ଅଜୟ ବାଲି, ଅସୀତ ମିଶ୍ର, ସାନନ୍ଦ ମିଶ୍ର, ସମୀର କୁମ୍ଭାର, ସୀତାରାମ କୁମ୍ଭାର, କୈଳାସ ମିଶ୍ର, ଦିପନ ଯୋଷୀ, ନାସିର ଖାନ, ଅଙ୍କିତ ସାହୁ, କିରଣ ସେଠ, ଚିନ୍ମୟ ବେହେରା, ରଶ୍ମି ରଞ୍ଜନ ପ୍ରଧାନ, ସୁମନ ସ୍ୱାଇଁ, ସୋହନ ନାଏକ, ଲଳିତ ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



## ରାଜ୍ୟସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା



ବଲାଙ୍ଗିର, ୨୮ ।୧୨(ସମିସ): ସ୍ଥାନୀୟ ଖଲିଆପାଲି ଭୀମ ଭୋଇ ଆମ୍ବେଦକର ମିନି ଷ୍ଟାଡିୟମରେ ୨ ଦିନ ବ୍ୟାପି ୨୮ତମ ରାଜ୍ୟସ୍ତରୀୟ ଜନଜାତି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିନର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ସମ୍ମାନିତ ଅତିଥି ଭାବେ ମୁକେଶ ଜୈନ, ମୁଖ୍ୟବକ୍ତା ଭାବେ ପଙ୍କଜ ସିଂ ଉପସ୍ଥିତ ଥିଲେ। ପ୍ରାନ୍ତ ସମ୍ପାଦକ ଚନ୍ଦ୍ରକାନ୍ତ ନାଥ ଏବଂ ସହ-ମହିଳା ପ୍ରମୁଖ ଗୀତାଞ୍ଜଳି ଭୋଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବଲାଙ୍ଗିର ନଗର ସଭାପତି ରବି ଅଗ୍ରୱାଲ, ସମ୍ପାଦକ ମୁକେଶ ଅଗ୍ରୱାଲ, ସଂଯୋଜକ ମହେନ୍ଦ୍ର ଅଗ୍ରୱାଲ, କୋଷାଧକ୍ଷ ସୁନିଲ ଅଗ୍ରୱାଲ କାର୍ଯ୍ୟକ୍ରମ ତୁଲାଇଥିଲେ। ଶେଷରେ ଡା. ପୁରୁଷୋତ୍ତମ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜଗନ୍ନାଥ ସ୍ପୋର୍ଟିଂର ସଦସ୍ୟ ନାରାୟଣ ବିଶ୍ୱାଳ, ସତ୍ୟପୀର ପାତ୍ର, ମୁକେଶ ସାହୁ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ୧୯ଟି ଜିଲ୍ଲାର ୩୮୦ଟି ପ୍ରତିଯୋଗୀ ଭାଗ ନେଇଥିଲେ। ଖୋଖୋ, କବାଡି, ତିରନ୍ଦାଜ, ଦୌଡ, ଲଙ୍ଗଜମ୍ପ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା।

**ଚତୁର୍ଥ ଦିବସ ଫୁଟବଲ ଟୁର୍ଣ୍ଣାମେଣ୍ଟ**

## ବଡ଼ ଫପସିକୁ ହରାଇ କୁରୁଲ ବିଜୟୀ

ବଲାଙ୍ଗିର, ୨୮ ।୧୨(ସମିସ)



ଦୁହେଲସ୍ଥିତ ଡିଙ୍ଗର କୁଅଁର ଖେଳ ପଡ଼ିଆରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ କୁରୁଲ ବିଜୟୀ ହୋଇଛି। ଆଇନଜୀବୀ ଡ. ଅର୍ଜୁନ ମୁଗ୍ରୀ, ଦୁହେଲ ଗଉଁନ୍ତିଆ ଗୋକୁଳ କୁଅଁର, ନବୀନ ବେହେରା, କନ୍ଦର୍ପ ରାଏ, ଗୌରୀ ଶଙ୍କର ଖମାରୀ ଏବଂ ଆଇନଜୀବୀ ତୁଳସୀରାମ ଜାଲ ମଞ୍ଚାସୀନ ଥିଲେ। ବଡ ଫପସିକୁ ୧-୦ ଗୋଲ୍‌ରେ ହରାଇ କୁରୁଲ ସେମିଫାଇନାଲରେ ପ୍ରବେଶ କରିଛି। ବେଣୁପାଣି ବାଘ, ରାଧାକାନ୍ତ ବାଘ ଓ ବିମ୍ବାଧର ନାଗ ଖେଳ ପରିଚାଳନା କରିଥିଲେ। ତେଜରାଜ ନନ୍ଦ, ହଳଧର ନାଗ, ଅଚ୍ୟୁତ ବେହେରା, ସୁଦାମ ଚରଣ ମେର୍ଲି ପ୍ରମୁଖ ଉପସ୍ଥିତ ଥିଲେ। ସାନନ୍ଦ ସାହୁ ସଭା ପରିଚାଳନା କରିଥିଲେ।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରେମଲତା ମହାନ୍ତି

ଆବିର୍ଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ

ଚାହିଁ ଚାହିଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

# ପଏଁର ବନ୍ଦପଡ଼ାରେ ସୋଲାର ପ୍ରକଳ୍ପ ଅଚଳ

**କୋମନା, ୨୮ ।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପଏଁର ଗ୍ରାମର ବନ୍ଦପଡ଼ାରେ ପାନୀୟ ଜଳ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି । ଗ୍ରାମବାସୀଙ୍କ ଜଳକଷ୍ଟ ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସୌର ଚାଳିତ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା । ମାତ୍ର ଦୀର୍ଘ ଦିନ ହେବ ସୋଲାର ପ୍ରକଳ୍ପଟି ଅଚଳ ହୋଇ ପଡ଼ି ରହିଥିବାରୁ ଗ୍ରାମବାସୀ ପାଣି ମୁନ୍ଦେ ପାଇଁ, ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନାଯୋଗ୍ୟ ଯେ, ପ୍ରକଳ୍ପ ଅଚଳ ହେବା ଫଳରେ ଗାଁ ଲୋକେ ପାନୀୟ ଜଳ ପାଇଁ ସମ୍ପୂର୍ଣ୍ଣ ଭାବେ ନଳକୂପ କିମ୍ବା ଅନ୍ୟାନ୍ୟ ଅସ୍ୱାସ୍ଥ୍ୟକର ଉତ୍ସ ଉପରେ ନିର୍ଭର କରୁଛନ୍ତି । ଖରା ଦିନ ଆସିବା ପୂର୍ବରୁ ଯଦି ସମସ୍ୟାର ସମାଧାନ ନହୁଏ, ତେବେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ପଡ଼ାବାସୀମାନେ ଆଶଙ୍କା କରିଛନ୍ତି । ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି ।ପ୍ରଶାସନ ତୁରନ୍ତ ସୋଲାର ପ୍ରକଳ୍ପର ମରାମତି କରି ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପଏଁର ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି । ଅବହେଳା ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗାଁ ଲୋକେ ଚେତାବନୀ ଦେଇଛନ୍ତି ।



## ସୁନାବେଡା ଚେରେଚୁଆଁ ଘାଟିରେ ବୁଲୁଛି କଲରାପତରିଆ

# ଭୟରେ ମୁଖ୍ୟରାସ୍ତା ଜନଶୂନ୍ୟ

**ନୂଆପଡ଼ା, ୨୮ ।୧୨ (ସମିସ)**

ଶୀତ ଯେତିକି ଯେତିକି ବଢୁଛି କଲରାପତରିଆ ବାଘ ଜନବସତି ମୁହାଁ ହେଉଛି ।ସୁନାବେଡା ଅଭୟାରଣ୍ୟର ଚେରେଚୁଆଁ ଘାଟି ଅଞ୍ଚଳରେ ଆଜିକୁ ସପ୍ତାହେ ହେବ କଲରାପତିଆ ବାଘ ବୁଲୁଥିବା ଦେଖିବାକୁ ମିଳୁଛି । ଏହି ଭୟରେ ସଂଧ୍ୟା ହେଲେ ସୁନାବେଡାର ମୁଖ୍ୟ ରାସ୍ତା ଜନଶୂନ୍ୟ ହୋଇପଡୁଛି । ସନ୍ଧ୍ୟା ହେଲେ ସେଠାକୁ ଯିବା ଆସିବା ମନା ହେଉଛି । ପ୍ରକାଶ ଯେ ସମୁଦ୍ର ପତନରୁ ତିନି ହଜାର ଫୁଟ ଉଚ୍ଚରେ ରହିଛି ସୁନାବେଡା ଉପତ୍ୟକା ।ଏଠାରେ ଦୁଇଟି ସୁନାବେଡ଼ା ଏବଂ ସୋସେଙ୍ଗ ଦୁଇଟି ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ଜନବସତି ରହିଛି । ଏଠିକାର ଲୋକ ନିତ୍ୟବ୍ୟବହାର ଜିନିଷପତ୍ର ସକାଶେ କୋମନା, ଉଦ୍ୟାନବନ୍ଧ ଏବଂ ନୂଆପଡ଼ା ଆଦି ସହରର ବଜାର ଉପରେ ନିର୍ଭର କରିଥାନ୍ତି । ଏଥିପାଇଁ ଚେରେଚୁଆଁ ରାସ୍ତା ମୁଖ୍ୟ ରାସ୍ତା ହୋଇଥାଏ। ବର୍ତ୍ତମାନ ଏହି ରାସ୍ତାରେ କଲରାପତରିଆ ବାଘ ବୁଲୁଥିବା ଚର୍ଚ୍ଚା ହେଉଛି । ଦୁଇ ଦିନ ତଳେ ରାତି ୮ଟାବେଳେ ଜଣେ ଧାକଲି ଗାଁର ଜଣେ ଯୁବକ କୌଣସି କାମରେ କୋମନାରୁ ଘରକୁ ବାଇକ୍ ଯୋଗେ ଫେରୁଥିବା ସମୟରେ ଚେରେଚୁଆଁ ଘାଟି ନିକଟରେ ଏକ କଲରାପତରିଆ ବାଘ ତାଙ୍କ ଗାଡି ଉପରକୁ ଡିଆଁ ମାରିଥିଲା । ଯୁବକ ଜଣକ ତୁରନ୍ତ ବାଇକରୁ ଡିଆଁ ମାରି ଦୌଡି ପଳାଇଥିଲେ । ଜଙ୍ଗଲ ତଳକୁ ଆସି ବରକୋଟ ଗାଁରୁ ନିଜ ସମ୍ପର୍କୀୟ ଲୋକମାନଙ୍କୁ ଧରି ଘଟଣାସ୍ଥଳକୁ ଯାଇ ବାଇକ୍‌କୁ ଉଦ୍ଧାର କରିଥିଲେ । ଏହିଭଳି ଦାତୁନାମା ରାସ୍ତାରେ ମଧ୍ୟ ବାଘ ବୁଲୁଥିବା ପ୍ରତ୍ୟକ୍ଷ ଦର୍ଶୀମାନେ କହୁଛନ୍ତି । ଛତିଶଗଡ଼ ରାଜ୍ୟ ଗରିଆବନ୍ଦ ଜିଲ୍ଲା ମେନପୁର ଥାନା ଆମାମୋଲା ପଞ୍ଚାୟତ ଓଏଡ଼ଗାଁର କେତେକ ଲୋକ ସୁନାବେଡ଼ା ଅଞ୍ଚଳକୁ କୌଣସି କାମରେ ଆସିଥିଲେ । କାମସାରି ଚାରି ଚକିଆ ଗାଡ଼ିରେ ଓଏଡ଼ ଗାଁକୁ ଫେରୁଥିଲେ । ସୁନାବେଡ଼ାରୁ ଦାତୁନାମା ଗାଁ ମଝିରେ ଆମ୍ବନାଳା ନିକଟରେ କଲରାପତରିଆ ବାଘ ରାସ୍ତା ଉପରେ ଛିଡ଼ା ହୋଇଥିବା ଦେଖି ଦୀର୍ଘ ସମୟ ଧରି ଅଟକି ରହିଥିଲେ । ପରେ ରାସ୍ତାରୁ ହଟିବା ପରେ ଲୋକେ ଯାତାୟାତ କରିଥିଲେ ।ସୂଚନା ଯୋଗ୍ୟ ଯେ ଅଭୟାରଣ୍ୟ ଭିତରେ କୋର ଏରିଆ ଏବଂ ବଫର ଏରିଆ ରହିଛି । ରାଜସ୍ୱ ଇଲାକାରେ ଜନବସତି ରହିଛି । ବାଘ ଜନବସତି ମୁହାଁ ହେଉଥିବାରୁ ଲୋକେ ଆତଙ୍କିତ ହେଉଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ ଦୁଇ ବର୍ଷ ତଳେ ସୁନାବେଡାରେ ଜଣେ ବୃଦ୍ଧାଙ୍କୁ ଅଗଣାରୁ ଟାଣି ନେଇ ବାଘ ଖାଇଯାଇଥିଲା । ବନ୍ୟପ୍ରାଣୀ ବିଭାଗ ଏସିଏଫ ସଞ୍ଜୀବ କୁମାର ବନଗୋଲାଙ୍କୁ ଯୋଗାଯୋଗ କରିବାରେ ସମସ୍ତଙ୍କୁ ସଚେତନ ହୋଇ ଯାତାୟାତ କରିବାକୁ ଆହ୍ୱାନ କରିଛନ୍ତି ।

## କୋମନା-କୋର୍ଟ ରାସ୍ତା ମରଣଯନ୍ତା

# ରାସ୍ତା କଡ଼ରେ ବିପଦପୂର୍ଣ୍ଣ ଗଛ



**କୋମନା, ୨୮ ।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନାରୁ କୋର୍ଟ ଯିବା ପଥରେ କଲେଜ ଆଗକୁ ଛିଡ଼ା ହୋଇଥିବା ଏକ ବିପଦପୂର୍ଣ୍ଣ ଗଛ ଏବେ ସାଧାରଣ ଜନତାଙ୍କ ପାଇଁ ମରଣଯନ୍ତା ସାଜିଛି । ଏହି ଗଛ ଯୋଗୁଁ ଯେକୌଣସି ସମୟରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି । ସୂଚନାଯୋଗ୍ୟ ଯେ, ଗତ କିଛିଦିନ ପୂର୍ବେ ଏହି ସ୍ଥାନରେ ଏକ ବଡ଼ ଦୁର୍ଘଟଣା ଘଟିଥିବା ବେଳେ ୫ ଜଣ ଯୁବକ ଅଳ୍ପକେ ମୃତ୍ୟୁମୁଖରୁ ବଞ୍ଚି ଯାଇଥିଲେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ବିପଦପୂର୍ଣ୍ଣ ଗଛ ସମ୍ପର୍କରେ ବାରମ୍ବାର ଜଣାଇବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ରାସ୍ତାର ଠିକ୍ ମୋଡ଼ରେ ଗଛଟି ଥିବାରୁ ବିଶେଷ କରି ରାତି ସମୟରେ ଗାଡ଼ି ଚାଳକମାନେ ଏହାକୁ ଦେଖିପାରୁ ନାହାନ୍ତି, ଯାହାଫଳରେ ବେଳେ ବେଳେ ଏପାଖରେ ଛୋଟ ମୋଟ ଦୁର୍ଘଟଣା ବଢ଼ିବାରେ ଲାଗିଛି ।ଅପରପଟରେ ଭୟଭୀତ ଅବସ୍ଥାରେରାସ୍ତା ଦେଇ ଲୋକେ ଯାତାୟାତ କରୁଛନ୍ତି । ଯଦି ଶୀଘ୍ର ଏହି ଗଛକୁ କଟା ନଯାଏ, ତେବେ ଆଗକୁ କୌଣସି ଅଘଟଣ ଘଟିଲେ ଏଥିପାଇଁ ପ୍ରଶାସନ ହିଁ ଦାୟୀ ରହିବ ।

## କିଡ୍‌ନୀ ରୋଗରେ ଯୁବକଙ୍କ ମୃତ୍ୟୁ

# ଗାଁକୁ ଶବ ଆଣିବାକୁ ସାହାଯ୍ୟ କଲେ ବ୍ଲକ୍ ଅଧ୍ୟକ୍ଷ

**ଧର୍ମଗଡ଼, ୨୮ ।୧୨(ସମିସ):** ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ପଞ୍ଚାୟତ କୁର୍ଲୁଭଟାଗ୍ରାମର ଜଣେ ଯୁବକ କିଡନୀ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତ ଯୁବକ କୁର୍ଲୁଭଟା ର ଦିଲ୍ଲୀପ ମାଝୀ(୩୦)। ସୂଚନା ମତେ ଯୁବକ ଜଣକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ଦିନ ଧରି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲରେ ଚକିତ୍ସିତ ହେଉଥିଲେ । ମୃତ ଯୁବକ ଗରିବ ପରିବାର ହୋଇଥିବାରୁ ଶବ ଗାଁକୁ ଆଣିବା ପାଇଁ ପରିବାର ଲୋକେ ଚିନ୍ତାରେ ପଡ଼ିଯାଇଥିଲେ ।ଏନେଇ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଜଣାଇଥିଲେ । ଶ୍ରୀ ମହାନନ୍ଦ ଖବର ପାଇବା ମାତ୍ରକେ ଆର୍ଥିକ ସହଯୋଗ ଯୋଗାଇ ଦେଇଥିଲେ । ଫଳରେ ଉକ୍ତ ଯୁବକ ମୃତଦେହ ନିଜ ଗାଁ ମାଟିକୁ ଫେରୁଥିବା ଜଣାପଡ଼ିଛି ।ମୃତ ପରିବାର ଓ କୁର୍ଲୁଭଟା ଗ୍ରାମବାସୀ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



# ମାଁ ଯୋଗମାୟା ପୀଠରେ ସେଲ୍‌ଫି ପଏଣ୍ଟ ଉଦ୍‌ଘାଟିତ

**କେସିଙ୍ଗା, ୨୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଗୁର୍ଜିମୁଣ୍ଡାସ୍ଥିତ ମା'ଯୋଗମାୟା ଶକ୍ତିପୀଠରେ ପ୍ରତିଦିନ ଭିଡ଼ ପରିଲିକ୍ଷିତ ହେଉଛି । ମାଁ ଙ୍କ ପୀଠର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି ଗୁର୍ଜିମୁଣ୍ଡା ପର୍ଯ୍ୟନ୍ତ । ମା'ଙ୍କ ଆଶୀର୍ବାଦ ସହିତ ବଣଭୋଜି କରି ପର୍ଯ୍ୟଟକ ଖୁସି ବ୍ୟକ୍ତ କରୁଛନ୍ତି । ଏହା ସହିତ ଉଦ୍ୟାନ ବୁଲି ଆନନ୍ଦିତ ହେଉଛନ୍ତି । ଆଜି କାଲିର ଆଧୁନିକ ସମୟରେ ରିଲ୍ସ ଓ ଫୋଟର ବଜାର ସରଗରମ ରହିଥିବା ଯୋଗୁଁ ଏଠାକୁ ଆସି ପର୍ଯ୍ୟଟକ ଏହିସବୁ କରି ବେଶ ଆନନ୍ଦିତ ହେଉଛନ୍ତି । ସ୍କୁଲ ଛାତ୍ରଛାତ୍ରୀ ଶିଶୁ ଉଦ୍ୟାନର ରହିଥିବା ବିଭିନ୍ନ ଖେଳ ସାମଗ୍ରୀ ସହିତ ଦୋଳିର ମଜା ନେଉଛନ୍ତି । ପାଖରେ ଥିବା ଦେବଗୁମ୍ଫା ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଛି ।ଏହି ସବୁ ମଧ୍ୟରେ ଆଜି ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଏକ ସେଲ୍‌ଫି ପଏଣ୍ଟ ଉଦ୍‌ଘାଟିତ କରାଯାଇଛି । କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଛନ୍ତି ।କାର୍ଯ୍ୟକ୍ରମରେ ଟ୍ରଷ୍ଟ ଅଧ୍ୟକ୍ଷ ମୋତିଲାଲ ବଗର୍ତ୍ତି, ସମ୍ପାଦକ ଯଯାତୀ କେଶରୀ ଦେଓ ଉତକେଲା ଫାଣ୍ଡି ଅଧିକାରୀ ଏ କେ ଶତପଥୀ, କୋଷାଧ୍ୟକ୍ଷ ଅଶ୍ୱିନୀ ବିଶ୍ୱାଳ, ଟ୍ରଷ୍ଟି ନବୀନ ପ୍ରଧାନ ଉପସ୍ଥିତ ଥିଲେ ।



# ଅଙ୍ଗଦାନ କରିବେ ନୀଳାମ୍ବର ସାହୁ

**ଭବାନୀପାଟଣା, ୨୮ ।୧୨ (ସମିସ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କମିଟି ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି । ଏହି ନୂତନ ରାଜ୍ୟ କମିଟିରେ ରାଜ୍ୟ ସାଧାରଣ ସମ୍ପାଦକ ଭାବେ କଳାହାଣ୍ଡିର ନୀଳାମ୍ବର ସାହୁ ମନୋନୀତ ହୋଇଛନ୍ତି । ଶ୍ରୀ ସାହୁ ଆଜୀବନ ସମାଜସେବା କରିବା ସହ ଆନୁଷ୍ଠାନିକ ଭାବରେ ଜାତୀୟ ସ୍ୱାସ୍ଥ୍ୟ ବିଭାଗ ଭାରତ ସରକାରଙ୍କୁ ଚୁକ୍ତିବଦ୍ଧ ଭାବରେ ସଂକଳ୍ପ ଘୋଷଣା କରିଛନ୍ତି ଯେ ତାଙ୍କ ମୃତ୍ୟୁ ପରେ ଶରୀରର ପ୍ରତ୍ୟେକ ଅଙ୍ଗ ଏବଂ ଟିଶୁ ଗୁଡିକ ଦାନକରିବେ । ମୃତ୍ୟୁ ପରେ ଶାରୀରକୁ ପୋଡି ପାଉଁଶ କରିଦେବା ବଦଳରେ ଦାନ ଦେଇଦେଲେ କାହାର ଅମୂଲ୍ୟ ଜୀବନ ବଞ୍ଚିଯିବାର ହୃଦବୋଧ କରି ଏହି ମହତ୍ୱ ନିର୍ଣ୍ଣୟ ନେଇଛନ୍ତି । ଦଳମତ ନରଖି ଗରିବ ନିରିହ ଲୋକଙ୍କୁ ଦୁଃଖ ସୁଖରେ ଜଡିତ ରହି 'ବିଜୁ ସ୍ୱାସ୍ଥ୍ୟ କାର୍ଡ, ଯୋଜନାରେ ହସ୍ପିଟାଲରେ ରୋଗୀଙ୍କସେବା କରିବା, ସରକାରଙ୍କ ଲୋକାଭିମୁଖୀ ଯୋଜନା ତଳସ୍ତରକୁ ପହଞ୍ଚାଇବାରେ ସକ୍ରିୟ ଭୂମିକା ନିଭାଇବେ । ୨୦୨୪ ରୁ ସଦର ବିଧାନସଭା କ୍ଷେତ୍ରର ରହି ୧ ବର୍ଷ ୧୮ ମାସ ହେବ ସରକାରରେ ନଥାଇ ମଧ୍ୟ ଦଳୀୟ କାର୍ଯ୍ୟରେ ଲିପ୍ତରହି, ଅଞ୍ଚଳର ବିକାଶ ଦିଗରେ ଲୋକଙ୍କ ହକ ଅଧିକାରର ଲଢେଇରେ ସଂଗ୍ରାମ କରି ସରକାରକୁ ସଚେତନତା ଦିଗରେ ପ୍ରମୁଖ ଭୂମିକାକୁ ଗୁରୁତ୍ୱ ବହନ କରି ଦଳ ଗୁରୁଦାୟିତ୍ୱ ପ୍ରଦାନ କରିଥିବାର ଜଣାପଡ଼ିଛି ।




# ଲୋକେଶ୍ୱର ନାଏକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଧର୍ମଗଡ଼, ୨୮ ।୧୨ (ସମିସ):** ଧର୍ମଗଡ଼ ବ୍ଲକ ଡୁମେରଗୁଡା ଗ୍ରାମରେ ଲୋକେଶ୍ୱର ନାଏକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ନାଏକ, ସମ୍ମାନିତ ଅତିଥି ଶିକ୍ଷକ ପ୍ରେମଲାଲ ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଉଗ୍ରସେନ ନାଏକ, ଅକୃର ପ୍ରସାଦ ସେଠିଆ, ବିଦ୍ୟାଧର ନାଏକ, ସୁମେଶ୍ୱର ନାଏକ, ସରପଞ୍ଚ ମନୋଜ ନାଏକ, ଦେବାର୍ଚ୍ଚନ ସେଠିଆ, ଅମୁଲ୍ୟ ନାଏକ, ରମେଶ ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଛନ୍ତି । ପ୍ରତିଯୋଗିତାର ପ୍ରଥମ ଦିନରେ କନ୍ଧମାଳ ଓ ଆମ୍ବଗୁଡ଼ା କ୍ରିକେଟ ଟିମ୍ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଦେଖିବାକୁ ମିଳିଥିଲା । ପ୍ରଥମେ ଟସ ଜିତି ଆମ୍ବଗୁଡା ଦଳ ବ୍ୟାଟିଂ ନିଷ୍ପତ୍ତି ନେଇ ୧୫ ଓଭରରେ ୧୬୦ରନ ସଂଗ୍ରହ କରିଥିଲା । ଜାହାରିଫଳରେ ଆମ୍ବଗୁଡା ଦଳ ବିଜୟୀ ହୋଇଥିଲା । ଦଳ ବିପକ୍ଷରେ କନ୍ଧମାଳ ଦଳ ସମସ୍ତ ଖେଳାଳି ଆଉଟ ହୋଇ କେବଳ ୮୦ରନ କରିବାରେ ସକ୍ଷମ ହୋଇପାରିଥିଲା । କମିଟି ସଦସ୍ୟମାନେ ସହଯୋଗ କରିଥିଲେ ।



## ■ ମନରେଗା କାର୍ଯ୍ୟ ଦିବସ ବୃଦ୍ଧି

# ନିଜ ଗାଁକୁ ଫେରୁଛନ୍ତି ଦାଦନ ଶ୍ରମିକ

**ଗୋଲାମୁଣ୍ଡା/ଧର୍ମଗଡ଼, ୨୮ ।୧୨(ସମିସ):** ରାଜ୍ୟ ସରକାରଙ୍କ ପ୍ରତି ପରିବାରକୁ ୩୦୦ଶ୍ରମ ଦିବସ କାମ ଏବଂ ମନରେଗା ଯୋଜନାରେ ବର୍ଦ୍ଧିତ ମଜୁରୀ ପ୍ରଦାନ କରିବାର ପଦକ୍ଷେପ ପରେ ଦାଦନ ପ୍ରବଣ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକରେ ଆଶାଜନକ ଫଳାଫଳ ଦେଖାଇବା ଆରମ୍ଭ ହୋଇଛି । ବାହାର ରାଜ୍ୟକୁ କାମ ପାଇଁ ଯାଇଥିବା ଲୋକମାନେ ଘରକୁ ଫେରିବା ଆରମ୍ଭ କରିଛନ୍ତି । ଶ୍ରମିକମାନଙ୍କୁ ଅଧିକ କାମ ଯୋଗାଇବା ଓ ଦାଦନ ଶ୍ରମିକ ରୋକିବାକୁ ରାଜ୍ୟ ସରକାର ପ୍ରତି ପରିବାର ପାଇଁ ମନରେଗା ଶ୍ରମ ଦିବସକୁ ୧୦୦ ଦିନରୁ ୩୦୦ଦିନ ସଂଶୋଧିତ କରିଛନ୍ତି ଏବଂ ପ୍ରଚଳିତ ପରିମାଣ ବ୍ୟତୀତ ପ୍ରତି ବ୍ୟକ୍ତି ପାଇଁ ଦୈନିକ ଅତିରିକ୍ତ ମଜୁରୀ ୯୮ ଟଙ୍କା ବୃଦ୍ଧି କରିଛନ୍ତି । ଏହି ପଦକ୍ଷେପ ଗୁଡ଼ିକ ଡିସେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି । କାର୍ଯ୍ୟ ଦିବସ ବୃଦ୍ଧିର ଫଳାଫଳ ଗୋଲାମୁଣ୍ଡା ବ୍ଲକରେ ଶୀର୍ଷରେ ଥିବା ଦେଖିବାକୁ ମିଳୁଛି । ବର୍ତ୍ତମାନ ଏହି ବ୍ଲକରେ ୨୯୫୦୭ ଜବ କାର୍ଡ ଥିବାବେଳେ ୨୫୪୨୫ ଜବକାର୍ଡ ଆକ୍ଟିଭ ଅଛି । ୫୦୨୬୯ ଏବିପିଏସ ଆକ୍ଟିଭ ଶ୍ରମିକ ଥିବାବେଳେ ୬୦୪୧୦ଆଧାର ସିଡିଙ୍ଗ ଶ୍ରମିକ ଅଛନ୍ତି । ବର୍ତ୍ତମାନ ଗୋଲାମୁଣ୍ଡା ବ୍ଲକରେ ୭୫ ପ୍ରତିଶତରୁ ଅଧିକ ଜବକାର୍ଡ ଆକ୍ଟିଭ ଅଛି । ଗୋଲାମୁଣ୍ଡା ବ୍ଲକ ଏକ ଦାଦନ ପ୍ରବଣ ବ୍ଲକ ହୋଇଥିବା ବେଳେ ବିଗତ ବର୍ଷମାନଙ୍କରେ ବ୍ଲକର ଅନେକ ପଞ୍ଚାୟତରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅନେକ ଦାଦନ ଶ୍ରମିକ ମୃତଦେହ ନିଜ ଗାଁକୁ ଆସିଥିବା ନଜର ଆସିଥିବା ବେଳେ ସିନାପାଲି ଓ ମହାଲିଙ୍ଗ ପଞ୍ଚାୟତର ଦୁଇ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନିଖୋଜ ହୋଇ ଯାଇଛନ୍ତି । ସାଧାରଣତଃ ନୂଆଖାଇ ଓ ଦଶହରା ପରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରୁ ୩୦ହଜାରରୁ ଅଧିକ ଶ୍ରମିକ ଚାଲିଯାଇଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର ଶ୍ରମ ଦିବସ ଓ ମଜୁରୀ ଟଙ୍କା ବୃଦ୍ଧି କରିଥିବାରୁ ଅନେକ ଶ୍ରମିକ ନିଜ ଗାଁକୁ ଫେରି ଆସି ମନରେଗା ଯୋଜନାରେ କାର୍ଯ୍ୟ କରୁଥିବା ବେଳେ ବାକିଥିବା ଶ୍ରମିକଙ୍କୁ ପ୍ରଶାସନ, ସ୍ଥାନୀୟ ସରପଞ୍ଚ, ଗାଁ ସାଥି, ସମିତି ସଭ୍ୟ ଜରିଆରେ ଯୋଗାଯୋଗ କରି ନିଜ ଗାଁକୁ ଫେରାଇ ଆଣି କାର୍ଯ୍ୟ ଯୋଗାଇଦେବାକୁ ପ୍ରୟାସ ଜାରି ରହିଥିବା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ପ୍ରକାଶ କରିଛନ୍ତି ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଗୋଲାମୁଣ୍ଡା, ୨୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ରେଙ୍ଗସାପାଲି ହାତୀରାମ ଉଚ୍ଚବିଦ୍ୟାପୀଠ ଖେଳପଡ଼ିଆରେ ବୁଢ଼ାରାଜା ଯୁବ ଅନୁଷ୍ଠାନ ଆନୁକୂଲ୍ୟରେ ୯ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ରେଙ୍ଗସାପାଲି ଓ ଉଛଲା ମଧ୍ୟରେ ହୋଇଥିଲା । ଫାଇନାଲ ଖେଳରେ ରେଙ୍ଗସା ପାଲି ଟସ୍ ଜିତି ୧୫୦ରନ ସଂଗ୍ରହ କରି ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଥିବା ବେଳେ ଉଛଲା ଦଳ ୧୧୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ପ୍ରମୋଦ ପ୍ରଧାନ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଦସପୁର ମଣ୍ଡଳ ସଭାପତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସନ୍ତୋଷ ବୁଢ଼ିଆ ଯୋଗ ଦେଇଥିବା ବେଳେ, ଗୋବର୍ଦ୍ଧନ ଭୋଇ, ବସନ୍ତ ଗଡ଼ଟିଆ, ଅହଲ୍ୟା ଦାସ, ଛିନୁ ଦୀପ, ମଞ୍ଜୁ ଦଳପିତି, ହରି ବେହେର ପ୍ରମୁଖ ମଞ୍ଚାସିନ ଥିଲେ । ଟୁର୍ଣ୍ଣାମେଣ୍ଟର କମିଟି ସଭାପତି ଛନ୍ଦା ଚରଣ ପଧାନ, ଉପସଭାପତି ଅଭିମନ୍ୟୁ ଦାସ, ସମ୍ପାଦକ ରୁପସିଂ ନାଏକ୍, କୋଷାଧ୍ୟକ୍ଷ ବସନ୍ତ ଗଡ଼ତିଆ, ସମାଜ ସେବୀ ଅନନ୍ତ ବେହେରା, ସୁବାସ ପଧାନ, ମୁରଲୀଧର ବାଗ, ମୁଖ୍ୟ ଭୂମିକା ନିଭାଇଥିଲା ବେଳେ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ୧୯୯୭ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

**ଗୋଲାମୁଣ୍ଡା, ୨୮ ।୧୨(ସମିସ):** କଳହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସଦର ମହକୁମା ଠାରୁ ୩ କିଲୋମିଟର ଦୂରରେ ଅବସ୍ଥିତ କାଟିକୁଟି ଡ୍ୟାମ ପାଖ ଜଙ୍ଗଲରେ ୧୯୯୭ ମସିହା ଛାତ୍ରଙ୍କ ବନ୍ଧୁମିଳନ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୨୯ ବର୍ଷ ଅତିକ୍ରମ କରିଥିବାରୁ ପରସ୍ପର ମଧ୍ୟରେ ଭାବ ବିନିମୟ ମାଧ୍ୟମରେ ଦୁଃଖସୁଖ ବାର୍ତ୍ତା ଆଦାନ ପ୍ରଦାନ କରିଥିଲେ । ବନ୍ଧୁ ନୀଳମଣି ସୁନାନୀ, ଦିବ୍ୟସିଂହ ବଗର୍ତ୍ତି ଏବଂ ପ୍ରେମଚାନ୍ଦଙ୍କ ଦେହାନ୍ତ ହୋଇ ଯାଇଥିବାରୁ ଶୋକ ପାଳନ କରିଥିଲେ । ଦୀର୍ଘ ୨୯ ବର୍ଷ ପରେ ବନ୍ଧୁ ମେଳରେ ଏକାଠି ହେବା ଆମ ସୌଭାଗ୍ୟ ବୋଲି ମତ ପ୍ରକାଶ କରି ପରସ୍ପର ମଧ୍ୟରେ ଆଲିଙ୍ଗନ ହୋଇଥିଲେ । ଟଙ୍କଧର ନାଏକଙ୍କ ତତ୍ତ୍ୱାବଧାନ ପବନ ମହାନନ୍ଦ, କୃଷ୍ଣ ଚନ୍ଦ୍ର ମହାନନ୍ଦ, ତପେଶ୍ୱର ନାଏକ, ଚୈତନ୍ୟ ବଂଜରା, ଶୋଭାରାମ ନାଏକ, ଲକ୍ଷ୍ୟ କୁମାର ରାଉତ, କୈଳାସ ନାଏକ, ତୁଳାରାମ ମାଝି, ଟିକେ ସୁନ୍ଦର ମାଝି, ଶରତ କୁମାର ମେହେର, ବିଦ୍ୟାଧର ରାଉତ, ଯୁଗେଶ୍ୱର ନାଗ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଭୋଜନ କରିବା ପରେ ନାଚ ଗୀତ କରି ଦିନଟିକୁ ମଉଜରେ ଅତିବାହିତ କରିଥିଲେ ।




## ବୁଢ଼ା ଡଙ୍ଗର ଲୋକ ମହୋତ୍ସବ ଉଦ୍‌ଯାପିତ


# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

**କେସିଙ୍ଗା, ୨୮ ।୧୨(ସମିସ)**

କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବୁଢ଼ାଡଙ୍ଗର ଲୋକ ମହୋତ୍ସବରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି ।ଉତ୍ସବର ଦ୍ୱିତୀୟ ଓ ଅନ୍ତିମ ସନ୍ଧ୍ୟାରେ ପ୍ରଥମେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ଯାହାକୁ ମେଜର ଡ଼.ଜୟଦେବ ସାହୁ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଲେଖିକା ତଥା ପ୍ରସିଦ୍ଧ ଗାଳ୍ପିକା ଯାଜ୍ଞସେନୀ ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ପାଠୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଭିକାରୀ ମିଶ୍ର ଯୋଗ ଦେଇଥିଲେ । ପରେ ଅପରାହ୍ନରେ ଏସଏଚ୍‌ଜି ମହିଳାମାନଙ୍କ ପାଇଁ ମ୍ୟୁଜିକ ଚେୟାର ଓ ସମ୍ବଲପୁରୀ ବିଚିତ୍ରା ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା ।ପରେ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ ଉପସ୍ଥିତ ରହି ବୁଢ଼ାଡଙ୍ଗର ଲୋକ ମହୋତ୍ସବ କଳାହାଣ୍ଡିର କଳା ସଂସ୍କୃତି ଓ ପରମ୍ପରାର ଅପୂର୍ବ ମିଳନ ବୋଲି ପ୍ରକାଶ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅତିଥି ଭାବରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ନିବେଦିତା ନାଥ ଉପସ୍ଥିତ ଥିଲେ ।ସେହିପରି ସମ୍ମାନିତ ଅତିଥି ଭାବରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ ଯୋଗଦେଇ ଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ ଓ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ବିଜେପି ସଭାପତି ଯୁଗଳ ପୋଢ଼ ଯୋଗ ଦେଇଥିଲେ । ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ଅନୁଷ୍ଠାନର ସମ୍ପାଦକ ଅକ୍ଷୟ ଦାସ । ପରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ପୃଥିବୀ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଲୋକ ଗୀତ, ସମ୍ବଲପୁରୀ ନୃତ୍ୟ, ସୁଦୂର ମୁମ୍ବାଇ ରୁ ଆସିଥିବା ହାସ୍ୟ ତାରକା ରୀୟାନ୍ ଇଣ୍ଡିଆନ ଓ ସେହି ମୁମ୍ବାଇରୁ ଆସିଥିବା କଣ୍ଠଶିଳ୍ପୀ ଶ୍ରୀୟାଶ୍ରୀ ଭଟ୍ଟାଚାର୍ଯ୍ୟ, ଓଲିଉଡର ସିନେ ତାରକା ଭୂପିନ୍ଦର ସିଂ, ଅନ୍ୟତମ କଣ୍ଠଶିଳ୍ପୀ ମାନସ୍ୱିନ ଓ ରୋଜାଲିନ ଏବଂ ଜେମ୍ସଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ବୁଢ଼ାଡଙ୍ଗର ମଞ୍ଚ ଦୁଲୁକିଥିଲା ।ମଦନପୁର ରାମପୁର ବ୍ଲକ ର ମୁଡ଼ିଙ୍ଗଗ୍ରାମର ଲଳିତ ମୋହନ ଭୋଇଙ୍କୁ ଲୋକକଳା ପାଇଁ ଓ କଳାହାଣ୍ଡିର କଟପ୍ପା ନାମରେ ପରିଚିତ ଭବାନୀପାଟଣାର ସୁନିଲ ମହାନନ୍ଦ ଓ ତେରାପନ୍ଥ ଯୁବକ ପରିଷଦ କେସିଙ୍ଗାକୁ ଅଭୂତ ପୂର୍ବ ରକ୍ତଦାନ ଶିବିର ଅନୁଷ୍ଠିତ କରିଥିବାରୁ ମଧ୍ୟ ସମ୍ମାନିତ କରିଛି ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ।



# ସମ୍ପାଦକୀୟ



ଏକ ଅତ୍ୟାଚାରୀ ସରକାର ବାଘଠାରୁ ମଧ୍ୟ ଭୟଙ୍କର।
-କନ୍‌ଫୁସିୟସ୍

ସକାଳ THE SAKALA

## ଚୀନ୍ ବ୍ୟୂହରେ ଭାରତ!

ଆମେରିକାର ପ୍ରତିରକ୍ଷା ବିଭାଗ 'ପେଣ୍ଟାଗନ୍' ପକ୍ଷରୁ ଜାରି ସୂଚନା ଅନୁଯାୟୀ ଚୀନ୍ ଏବେ ପ୍ରଶାନ୍ତ ମହାସାଗର-ଏସିଆ ସମେତ ଆଫ୍ରିକାରେ ନିଜର ଆଧିପତ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ଏକାଧିକ ସାମରିକ ଘାଟି ପ୍ରତିଷ୍ଠା କରିବାର ଯୋଜନା କରୁଛି। ଏହାପଛରେ ଚୀନ୍‌ର ମୂଳ ଉଦ୍ଦେଶ୍ୟ ରହିଛି ବଙ୍ଗୋପସାଗର ଓ ଆରବ ସାଗର ଦିଗରୁ ଭାରତର ପ୍ରତିରକ୍ଷା କାର୍ଯ୍ୟକଳାପ ପ୍ରତି ସତର୍କ ଦୃଷ୍ଟି ରଖିବା ଏବଂ ଆବଶ୍ୟକ ବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ପୂର୍ବରୁ ପାକିସ୍ତାନ ଓ ଶ୍ରୀଲଙ୍କାକୁ ଆର୍ଥିକ ଋଣ ସହାୟତାରେ ବଶମ୍ବଦ କରି ରଖିଥିବା ଚୀନ୍ ଏବେ ବାଂଲାଦେଶକୁ ଏକପ୍ରକାର ନିଜ ଅଧୀନକୁ ଆଣିସାରିଛି। ଇତିମଧ୍ୟରେ କେତେକ ଆଫ୍ରିକୀୟ ରାଷ୍ଟ୍ର ସହିତ ବାଣିଜ୍ୟ ଚୁକ୍ତିନାମା ଜରିଆରେ ସେମାନଙ୍କ ଭରସା ଏହି ଡ୍ରାଗନ୍ ରାଷ୍ଟ୍ର ହାସଲ କରିଛି। ତେଣୁ ସେମାନଙ୍କ ସହଯୋଗରେ ବଙ୍ଗୋପସାଗର ଓ ଆରବ ସାଗରରେ ସାମରିକ ଘାଟି ପ୍ରତିଷ୍ଠା କରି ଭାରତକୁ ଉଭୟ ପଟରୁ ଘେରିବାକୁ ଚୀନ୍ ରଣନୀତି ପ୍ରସ୍ତୁତ କରୁଛି।

'ପେଣ୍ଟାଗନ୍'ର ଏହି ସୂଚନା ପଛରେ ଯଦି କିଛିମାତ୍ରାରେ ମଧ୍ୟ ସତ୍ୟତା ଥାଏ ତେବେ ଭାରତ ପ୍ରତି ଆଗାମୀ ଦିନରେ ଚୀନ୍ ଓ ପାକିସ୍ତାନ ପଟରୁ ସାଂଘାତିକ ବିପଦ ମାଡ଼ି ଆସୁଛି ବୋଲି ଭାବିବାକୁ ହେବ। ଅପରପକ୍ଷରେ 'ପେଣ୍ଟାଗନ୍'ର ଏଭଳି ସୂଚନାକୁ ଅଭିସନ୍ଧିମୂଳକ ଏବଂ ଭାରତ-ଚୀନ୍ ସମ୍ପର୍କରେ ଫାଟ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ବୋଲି ଚୀନ୍ ସ୍ପଷ୍ଟୀକରଣ ଦେଇଛି। କିନ୍ତୁ ଦୀର୍ଘ ପ୍ରାୟ ୭୫ ବର୍ଷ ଧରି ଜାରି ରହିଥିବା ଚୀନ୍‌ର ଭାରତ ବିରୋଧୀ ଅସୂୟା ଆଭିମୁଖ୍ୟ ପୃଷ୍ଠଭୂମିରେ 'ପେଣ୍ଟାଗନ୍' ରିପୋର୍ଟକୁ ହଠାତ୍ ଅବିଶ୍ୱାସ କରିହେବ ନାହିଁ। 'ପେଣ୍ଟାଗନ୍'ର ରିପୋର୍ଟ ଅନୁଯାୟୀ ସି ଜିନ୍‌ପିଙ୍ଗ ରାଷ୍ଟ୍ରପତି ପଦରେ ଅବସ୍ଥାପିତ ହେବା ପରେ ଚୀନ୍‌ର ପ୍ରତିରକ୍ଷା ବଜେଟ୍ ଦୁଇଗୁଣା ବୃଦ୍ଧି ପାଇଛି। ୨୦୨୪ ସୁଦ୍ଧା ଚୀନ୍ ନିଜ ପାଖରେ ୬୦୦ ଆଣବିକ ଅସ୍ତ୍ର ରଖିଛି ଏବଂ ସାମରିକ ଅତ୍ୟାଧୁନିକୀକରଣ ଉପରେ ଗୁରୁତ୍ୱ ଦେଉଛି। ଏଥିସହିତ 'ପିପୁଲ୍‌ସ ଲିବରେସନ୍ ଆର୍ମି'ର ବାହୁ ମଧ୍ୟ-ଏସିଆ, ଦକ୍ଷିଣ-ପୂର୍ବ ଏସିଆ, ଦକ୍ଷିଣ ଚୀନ୍ ସାଗର, ଦକ୍ଷିଣ ଏସିଆରୁ ଆରମ୍ଭ କରି ଆଫ୍ରିକୀୟ ରାଷ୍ଟ୍ର ପର୍ଯ୍ୟନ୍ତ ପ୍ରସାରିତ କରିବାର ଯୋଜନା କରିଛି। ଭାରତର ଚିରଶତ୍ରୁ ପାକିସ୍ତାନକୁ ଚୀନ୍ ୩୬ ଟି ଜେ-୧୦ ସି ଲଢୁଆ ବିମାନ ଓ ସାମରିକ ଉପକରଣ ଯୋଗାଇ ଦେଇଥିବା ବେଳେ ବାଂଲାଦେଶକୁ ମଧ୍ୟ ବୁଡ଼ାଜାହାଜ ସମେତ ପ୍ରତିରକ୍ଷା ସାମଗ୍ରୀ ଯୋଗାଣ ନେଇ ପ୍ରତିଶ୍ରୁତି ଦେଇଛି।

'ପେଣ୍ଟାଗନ୍'ର ଆକଳନ ଅନୁଯାୟୀ ଇତିମଧ୍ୟରେ ଭାରତ-ଚୀନ୍ ସୀମା ବିବାଦ(ଏଲଏସି) ଜନିତ ଉତ୍ତେଜନା ପ୍ରଶମିତ ହୋଇସାରିଥିବାରୁ ଚୀନ୍ ଭାରତକୁ ଘେରିବାକୁ ଭିନ୍ନ ଷଡ଼ଯନ୍ତ୍ର ରଚନା କରିଛି। ଭାରତ ଯେପରି ଆମେରିକା ଆଡ଼କୁ ଅଧିକ ନ ଢଳିବ ସେଥିପାଇଁ ସାମରିକ ବ୍ୟୂହ ଜରିଆରେ ଚୀନ୍ ଭାରତକୁ ନାଲିଆଖି ଦେଖାଇ ପାରିବ। ତେଣୁ ଆଗାମୀ ଦିନରେ ଭାରତକୁ ପ୍ରାୟ ଅବଶିଷ୍ଟ ବିଶ୍ୱରୁ ଦୂରେଇ ନିଜ ଅଧୀନରେ ରଖିବାକୁ ଚୀନ୍ ସୁଚିନ୍ତିତ ଦୀର୍ଘମିଆଦୀ ରଣକୌଶଳ ପ୍ରସ୍ତୁତ କରିସାରିଛି। ଭାରତର ସାର୍ବଭୌମ ପ୍ରତି ବିପଦ ସୃଷ୍ଟି କରୁଥିବା ଚୀନ୍‌ର ଏହି ଷଡ଼ଯନ୍ତ୍ରକୁ ଭାରତ କିଭଳି ପଣ୍ଡ କରିପାରିବ ସେଥିପ୍ରତି ଏବେଠାରୁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ।

## ନ୍ୟାୟିକ ବିଡ଼ମ୍ବନା

ଆଉ ମାତ୍ର ଦୁଇଦିନ ପରେ ବିଦାୟ ନେବାକୁ ଥିବା ୨୦୨୫ର ତୃତୀୟ-ଚତୁର୍ଥ ସପ୍ତାହରେ ନ୍ୟାୟିକ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ ଦୁଇଟି ପ୍ରସଙ୍ଗ ଦେଶରେ ଆଲୋଡ଼ନ ସୃଷ୍ଟି କରିବା ସହିତ ଜନସାଧାରଣଙ୍କ ମନରେ ନ୍ୟାୟିକ ବ୍ୟବସ୍ଥା ପ୍ରତି ଥିବା ଆସ୍ଥା ଉପରେ ପ୍ରଶ୍ନଚିହ୍ନଟିଏ ଲଗାଇ ଦେଇଛି। ଗତ ୧୮ ତାରିଖ ଦିନ ଏକ ମାମଲାର ଶୁଣାଣି ବେଳେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଅବସର ନେବା ପୂର୍ବରୁ ବିଚାରପତିମାନେ ଅତିରିକ୍ତ ଲାଭ ପାଇଁ ଆଦେଶ ଜାରି କରିବାର(ଅବସର ପୂର୍ବରୁ ଛକା) ଧାରା ବଢ଼ିବାରେ ଲାଗିଛି। ଅର୍ଥାତ୍ ନ୍ୟାୟିକ ବ୍ୟବସ୍ଥାରେ ନିରପେକ୍ଷତା ସଙ୍କଟରେ ପଡ଼ିଥିବା ପ୍ରଧାନ ବିଚାରପତି ପରୋକ୍ଷରେ ସ୍ୱୀକାର କରିଛନ୍ତି। ଅବସର ପରେ ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ସରକାରଙ୍କ ଦ୍ୱାରା ଉଚ୍ଚ ଓ ମର୍ଯ୍ୟାଦାପୂର୍ଣ୍ଣ ପଦପଦବୀରେ ନିଯୁକ୍ତି କରାଯାଉଥିବାର ଗତ କିଛିବର୍ଷର ଉଦାହରଣକୁ ତର୍ଜମା କଲେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଉଦ୍‌ବେଗର ମର୍ମ ବୁଝି ହେବ। ଏହାର ଅତି ସରଳ ଅର୍ଥ ହେଲା କୌଣସି ମାମଲାର ଚୂଡ଼ାନ୍ତ ରାୟ ଆସିବା ପୂର୍ବରୁ ମୂଲଚାଲ ସରିଯାଉଛି। ବିଶେଷକରି ସରକାରଙ୍କ ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ରାୟକୁ ନିଜ ସପକ୍ଷରେ ଆଣିବା ପାଇଁ ପଦପଦବୀର ପ୍ରଲୋଭନ ଜରିଆରେ ପ୍ରଭାବିତ କରିଦିଆଯାଉଛି। ରାୟ ଆସିସାରିବା ପରେ ପ୍ରତିଶ୍ରୁତି ମୁତାବକ ବିଚାରପତିମାନେ ଅନୁଗୃହୀତ ହେଉଛନ୍ତି। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନ ସଂଲଗ୍ନ ଆବାସରୁ ବିପୁଳ ପରିମାଣରେ ଅର୍ଦ୍ଧଦଗ୍ଧ ନଗଦ ଟଙ୍କା ମିଳିବା ପରେ ଉପରୋକ୍ତ ଧାରଣା ଆହୁରି ଦୃଢ଼ ହେଉଛି।

ଦ୍ୱିତୀୟ ଅବାଞ୍ଛିତ ଘଟଣାକ୍ରମରେ ୨୦୧୭ରେ ସାରା ଦେଶରେ ଚର୍ଚ୍ଚିତ ଉତ୍ତରପ୍ରଦେଶର ଉନ୍ନାଓ ନାବାଳିକା ଦୁଷ୍କର୍ମ ଓ ତାଙ୍କ ସମ୍ପର୍କୀୟଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ କାରାଦଣ୍ଡ ଭୋଗୁଥିବା ତତ୍କାଳୀନ ବିଜେପି ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କ କାରାଦଣ୍ଡକୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ୨୦ ବର୍ଷରୁ ୭ ବର୍ଷକୁ ହ୍ରାସ କରିବା ସହିତ ଜାମିନ୍ ମଞ୍ଜୁର କରିଛନ୍ତି। ଏଥିପାଇଁ ପୋକ୍ସୋ ଆଇନରେ ଥିବା ଧାରାର ସଂଜ୍ଞାକୁ ମୋଡ଼ିମକଚି ଦିଆଯାଇଛି। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଆଇନ ତର୍ଜମା ଦକ୍ଷତା, ନିଷ୍ପତ୍ତି ଓ ରାୟର ଯଥାର୍ଥତା ଉପରେ ପ୍ରଶ୍ନ ଉଠାଇବାର ଧୃଷ୍ଟତା ଆମେ କରୁନାହୁଁ। କିନ୍ତୁ ଏହି ଘଟଣା ଭାରତରେ ନ୍ୟାୟମନ୍ଦିର ପ୍ରତି ଥିବା ପବିତ୍ର ଭାବନା, ଗରିମା ଓ ବିଶ୍ୱସନୀୟତାକୁ ଆଘାତ କରିଛି ଏବଂ ନ୍ୟାୟମୂର୍ତ୍ତିମାନଙ୍କର ବିଚାରବନ୍ତ, ମାନବିକତା ଓ ହୃଦୟବତ୍ତା ଉପରେ ସ୍ୱତଃ ପ୍ରଶ୍ନ ଚିହ୍ନ ଲାଗିଛି।

ଭାରତୀୟ ଗଣତନ୍ତ୍ରର ମୌଳିକତା ଓ ପବିତ୍ରତା ଏହାର ସାମ୍ବିଧାନିକ ଅନୁଷ୍ଠାନମାନଙ୍କର ସାଧୁତା, ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା ଓ ମହନୀୟତା ଉପରେ ତିଷ୍ଠି ରହିଛି। ଏହି ମୌଳିକତା ଦୀର୍ଘସ୍ଥାୟୀ ହେବା ପାଇଁ ଅନୁଷ୍ଠାନଗୁଡ଼ିକର ଭାବମୂର୍ତ୍ତି ଅକ୍ଷୁଣ୍ଣ ରହିବା ଜରୁରୀ। ଏଥିପାଇଁ ଗଣତନ୍ତ୍ରର ସମସ୍ତ ସ୍ତମ୍ଭ ଦାୟିତ୍ୱବାନ ହେବା ବିଧେୟ।

# ଗଣତନ୍ତ୍ରର ଲୌହପରଦା

ଗୌରୀପ୍ରସାଦ ମହାପାତ୍ର

ପରିବାର, ସମାଜ ଓ ସର୍ବୋପରି ରାଷ୍ଟ୍ରଗଠନରେ ମହିଳାଙ୍କ ଭୂମିକା ଓ ଅବଦାନ ଅନସ୍ୱୀକାର୍ଯ୍ୟ। ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ହାସଲ କରିବାକୁ ହେଲେ ସାମାଜିକ ଓ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ନେତୃତ୍ୱ ଓ ସହଭାଗିତା ଅପରିହାର୍ଯ୍ୟ। 'ମ୍ୟାକ୍ କିନ୍‌ସେ ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ'ର ରିପୋର୍ଟ ଅନୁଯାୟୀ, ସାମାଜିକ-ଅର୍ଥନୈତିକ-ରାଜନୈତିକ କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟ ଦୂର ହୋଇପାରିଲେ ବିଶ୍ୱ ଅର୍ଥନୀତିକୁ ୨୮ ଲକ୍ଷ କୋଟି ଡଲାରର ଅଧିକ ଲାଭ ହୁଅନ୍ତା। କିନ୍ତୁ ବିଡ଼ମ୍ବନା ହେଉଛି 'ମହିଳା ସଶକ୍ତୀକରଣ' ବଦଳରେ 'ମହିଳାଙ୍କୁ ଉପେକ୍ଷା ମାନସିକତାର ସଶକ୍ତୀକରଣ' ରାଜତନ୍ତ୍ରର ରୁଢ଼ିବାଦୀ ପ୍ରଥାରୁ ଆଜିର ସଭ୍ୟ, ଉନ୍ନତ ଓ ଉଦାରବାଦୀ ଗଣତନ୍ତ୍ର ପର୍ଯ୍ୟନ୍ତ ପ୍ରଚଳିତ ଓ ପରିବ୍ୟାପ୍ତ, ଯେଉଁଥିରୁ ଭାରତୀୟ ଗଣତନ୍ତ୍ର ମଧ୍ୟ ମୁକ୍ତ ନୁହେଁ।

ଏହା ଅସ୍ୱୀକାର କରିବାର ନାହିଁ ଯେ ବିଶ୍ୱର ସର୍ବବୃହତ୍ ଜନବହୁଳ ଓ ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚନ ପ୍ରକ୍ରିୟାରେ ମହିଳା ଭୋଟରଙ୍କ ଯୋଗଦାନ ଉଲ୍ଲେଖନୀୟ ଭାବେ ବଢ଼ିଚାଲିଛି। ଅଥଚ ନୀତି ନିର୍ଦ୍ଧାରଣରେ ସେମାନଙ୍କ ପ୍ରତିନିଧିତ୍ୱରେ ସେଭଳି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ। ବିଶ୍ୱସ୍ତରରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମହିଳାଙ୍କ ପ୍ରତିନିଧିତ୍ୱ ହାର ୨୫% ଥିବା ବେଳେ ଭାରତରେ ତାହା ଚଳିତ ଲୋକସଭାରେ ୧୩.୬% ଓ ରାଜ୍ୟସଭାରେ ୧୩%। ମହିଳା ସାଂସଦ ତାଲିକାରେ ବିଶ୍ୱର ୧୮୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୪୩; ଏପରିକି ଭିଏତ୍‌ନାମ, ଚୀନ୍ ଓ ପାକିସ୍ତାନଠାରୁ ମଧ୍ୟ ଭାରତ ପଛରେ। ୨୦୨୪ ବା ଅଷ୍ଟାଦଶ ଲୋକସଭା ନିର୍ବାଚନରେ ୭୯୯ ଜଣ ମହିଳା ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ, ଯାହା ସାମଗ୍ରିକ ଭାବେ ମୋଟ ପ୍ରାର୍ଥୀଙ୍କ ମାତ୍ର ୯.୫%। ସେହିପରି ଦେଶର ବିଧାନସଭାଗୁଡ଼ିକରେ ମହିଳା ଜନପ୍ରତିନିଧିଙ୍କ ଉପସ୍ଥିତି ହାରାହାରି ୯%। ଭାରତର କୌଣସି ରାଜ୍ୟର ବିଧାନସଭାରେ ୨୦%ରୁ ଅଧିକ ବିଧାୟିକା ନାହାନ୍ତି।

ଗତ କିଛିବର୍ଷ ମଧ୍ୟରେ ଭାରତୀୟ ନିର୍ବାଚନୀ ରାଜନୀତିର ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଘଟିଛି, ଯେଉଁଥିରେ ମହିଳାମାନଙ୍କୁ 'ଭୋଟିଂ ମେସିନ୍' ଭାବେ ବିବେଚନା କରାଯାଇ ନିର୍ଦ୍ଦିଷ୍ଟ ଭାବେ ସେହି ବର୍ଗ ପାଇଁ ବିଭିନ୍ନ କଲ୍ୟାଣମୂଳକ ଓ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନା ଘୋଷଣା କରାଯାଉଛି। ସେଥିରେ ସଫଳତା ମଧ୍ୟ ମିଳୁଛି। ଅଥଚ ପ୍ରତ୍ୟକ୍ଷ ରାଜନୀତିରେ ସେମାନଙ୍କ ପାଇଁ ଥିବା ସୁଯୋଗଟିକୁ ସମ୍ପ୍ରସାରିତ କରିବାରେ ଉଦ୍ଦେଶ୍ୟମୂଳକ ଅବହେଳା କରାଯାଉଛି। କେବଳ ତାମିଲ୍‌ନାଡୁର ଏନ୍‌ଟିକେ(୫୦%), ବିହାରର ଏଲ୍‌ଜେପି ଓ କଂଗ୍ରେସ(୪୦%), ବିହାରର ଆରଜେଡି (୨୯%), ଝାଡ଼ଖଣ୍ଡର ଜେଏମଏମ୍ ଓ ଓଡ଼ିଶାର ବିଜେଡି(୩୩%) ଲେଖାଏଁ ମହିଳା ପ୍ରାର୍ଥୀଙ୍କୁ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ଦେଇଛନ୍ତି।

ଭାରତୀୟ ବିଧାନପାଳିକାରେ ମହିଳାଙ୍କ ସଶକ୍ତୀକରଣ ପଥରେ ଥିବା ପ୍ରମୁଖ ବାଧକଗୁଡ଼ିକ ମଧ୍ୟରେ ପାରିବାରିକ ଦାୟିତ୍ୱ ବୋଝ, ପରିବାର ସଦସ୍ୟଙ୍କ ସମର୍ଥନ କୁଣ୍ଠା, ଶିକ୍ଷାରେ ଲିଙ୍ଗଗତ ଓ ଆର୍ଥିକ ବୈଷମ୍ୟ, ସର୍ବୋପରି ରାଜନୈତିକ ଦଳମାନଙ୍କ ଇଚ୍ଛାଶକ୍ତିର ଅଭାବ ଆଦି ରହିଛି। ଏହାଛଡ଼ା ଭାରତରେ ସାମ୍ପ୍ରତିକ ଅର୍ଥବଳ ଓ ବାହୁବଳ କବଳିତ ନିର୍ବାଚନ ରଣାଙ୍ଗନ ମହିଳାମାନଙ୍କ ପାଇଁ ଏକ ନିଷିଦ୍ଧ ଓ ଆତଙ୍କିତ ଇଲାକାରେ ପରିଣତ ହୋଇଛି। ତେଣୁ ରାଜନୈତିକ ଦଳମାନେ ମହିଳା ପ୍ରାର୍ଥୀଙ୍କୁ ଟିକେଟ୍ ଦେଇ ବିପଦ ଓ ଅନିଶ୍ଚିତତା ବରଣ କରିବାକୁ କିମ୍ବା ସାମ୍ବିଧାନିକ ବ୍ୟବସ୍ଥା କରିବାକୁ ଆଗ୍ରହୀ ହେଉନାହାନ୍ତି। ୧୯୯୨/୯୩ରେ ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଜରିଆରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିଲେ ମଧ୍ୟ ସଂସଦ ଓ ବିଧାନସଭାରେ ସମାନ ବ୍ୟବସ୍ଥା ପ୍ରତି ପୁରୁଷକୈନ୍ଦ୍ରିକ ବିଧାନପାଳିକା ବିମୁଖ ହେବା ପଛରେ ଉପରୋକ୍ତ ଭୟମିଶ୍ରିତ ଅନିଶ୍ଚିତ ମାନସିକତା ହିଁ ମୁଖ୍ୟକାରଣ। ତେଣୁ ୧୯୯୬ରେ ଲୋକସଭାରେ ଉପସ୍ଥାପିତ ମହିଳା ସଂରକ୍ଷଣ ବିଧେୟକଟି ଆଇନରେ ପରିଣତ ହେବାକୁ ୨୭ ବର୍ଷ ଲାଗିଗଲା ଏବଂ କାର୍ଯ୍ୟକାରୀ ହେବାକୁ ୨୦୨୯ ଯାଏଁ ଅପେକ୍ଷା କରିବାକୁ ପଡ଼ିବ।

ଏ ସବୁର ଉର୍ଦ୍ଧ୍ୱରେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ରାଜନୀତିରେ ମହିଳା ସଶକ୍ତୀକରଣ ଅଭିଯାନ ପଥରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ଏକ ଅଦୃଶ୍ୟ ଲୌହପରଦା ଆଢୁଆଳରେ ଥିବା ନିଷ୍ଠୁର ଓ ଅପ୍ରିୟ ସତ୍ୟ। ଉପର ବର୍ଣ୍ଣିତ କାରକମାନ ଏହି ତଥାକଥିତ ଲୌହପରଦା ସମ୍ମୁଖର ଦୃଶ୍ୟପଟ୍ଟ। ଗଣତନ୍ତ୍ରର ସେହି ଅନତିକ୍ରମଣ ବିଶାଳ ବପୁବିଶିଷ୍ଟ ଲୌହପରଦା ପଛରେ ଅହରହ ସୃଷ୍ଟି ହୋଇ ସେଠାରେ ହିଁ ମିଳାଇ ଯାଉଥିବା ସେହି ନିଷ୍ଠୁର ସତ୍ୟ ବିଜଡ଼ିତ ପ୍ରଶ୍ନଟି ହେଉଛି ରାଜନୈତିକ ଦଳୀୟ ସଂଗଠନରେ ମହିଳାମାନେ କେତେ ସୁରକ୍ଷିତ? ୨୦୧୪ରେ 'ଜାତିସଂଘର ମହିଳା ବିଭାଗ' ଏବଂ 'ସାମାଜିକ ଗବେଷଣା କେନ୍ଦ୍ର' ଦ୍ୱାରା ହୋଇଥିବା ବିଶ୍ୱବ୍ୟାପୀ ସର୍ବେକ୍ଷଣରେ ୫୮% ରାଜନେତ୍ରୀ ଦଳ ଭିତରେ ସହକର୍ମୀଙ୍କ ଦ୍ୱାରା ଶୋଷିତ ଓ ନିର୍ଯାତିତ ବୋଲି ସ୍ୱୀକାର କରିଥିଲେ।

ୟୁକେରେ ଉଭୟ ଲେବର ପାର୍ଟି ଓ କଞ୍ଜରଭେଟିଭ୍ ପାର୍ଟି ଦଳୀୟ ସଂଗଠନରେ ଆଭ୍ୟନ୍ତରୀଣ ଲିଙ୍ଗଗତ ଆଚରଣ ସଂହିତାକୁ ଗୁରୁତ୍ୱର ସହିତ କାର୍ଯ୍ୟକାରୀ କରୁଥିବା ବେଳେ କାନାଡ଼ାରେ ଲିବରାଲ୍ ପାର୍ଟି ଲିଙ୍ଗଗତ ମହାଅଭିଯୋଗ ଶୁଣାଣି କକ୍ଷ ଖୋଲିଛି। ଭାରତର ପ୍ରାୟ ୨, ୭୬୫ ପଞ୍ଜିକୃତ ରାଜନୈତିକ ଦଳମାନଙ୍କ ମଧ୍ୟରୁ କେବଳ ସିପିଆଇ(ଏମ୍)କୁ ଛାଡ଼ିଦେଲେ ଅନ୍ୟ କାହାର ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ନାହିଁ। ଅପରପକ୍ଷରେ ବହୁଦିନର ଦାବି ସତ୍ତ୍ୱେ ଏ ପର୍ଯ୍ୟନ୍ତ ରାଜନୈତିକ ଓ ଦଳୀୟ ସଂଗଠନରେ 'ପୋଶ(କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା-ନିରାକରଣ, ନିଷେଧ ଓ ପ୍ରତିକାର) ଆଇନ' କାର୍ଯ୍ୟକାରୀ ହେଉ ନାହିଁ କି ରାଜନୀତି ମହିଳା ନିର୍ଯାତନା-ରହିତ ଓ ଶୋଷଣ-ମୁକ୍ତ ହୋଇପାରିନାହିଁ। 'ହାସ୍‌ଟ୍ୟାଗ୍ ମି ଟୁ' ଭଳି ଏକ ଅଭିଯାନ ମଧ୍ୟ ରାଜନୈତିକ ଦଳୀୟ ସଂଗଠନ ଭିତରେ ଆରମ୍ଭ ହେବାର ସମ୍ଭାବନା ନାହିଁ।

'ରାଜନୀତି' ଏକ 'କର୍ମକ୍ଷେତ୍ର' ନୁହେଁ ବୋଲି ଦର୍ଶାଇ ସର୍ବୋଚ୍ଚ ଅଦାଲତ ଦଳୀୟ ସଂଗଠନଗୁଡ଼ିକରେ 'ପୋଶ ଆଇନ' ଲାଗୁ ଆବେଦନକୁ ନାକଚ କରିଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅସ୍ୱୀକାର କରିବାର ଧୃଷ୍ଟତା କରାଯାଇପାରିବ ନାହିଁ। କିନ୍ତୁ ଅଧୁନା ରାଜନୈତିକ ଦଳଗୁଡ଼ିକ ପାଇଁ ଯେ 'କାର୍ଯ୍ୟାଳୟ' ସଂଜ୍ଞା ଲାଗୁ ହୋଇପାରିବ ଏହା ମଧ୍ୟ ଅସ୍ୱୀକାର କରିହେବ ନାହିଁ। 'ପୋଶ୍ ଆଇନ' ଧାରା ୨(ଏଫ୍)ରେ 'କର୍ମଚାରୀ'ର ସଂଜ୍ଞା ହେଉଛି 'ସ୍ୱେଚ୍ଛାସେବୀ କିମ୍ବା ବେତନଭୋଗୀ, ଯିଏ ଏକ ନିର୍ଦ୍ଦିଷ୍ଟ ସଂସ୍ଥା/ସଂଗଠନ/ଅନୁଷ୍ଠାନ ପାଇଁ କାର୍ଯ୍ୟ କରୁଥିବେ।' ସେହିପରି 'କର୍ମସ୍ଥଳ'ର ସଂଜ୍ଞା ହେଉଛି 'ଯେକୌଣସି ସଂସ୍ଥା/ସ୍ଥାନ, ଯେଉଁଠାରେ କିଛିଲୋକ କାର୍ଯ୍ୟ କରୁଥିବେ।' ଅଧୁନା ଦଳୀୟ କର୍ମକର୍ତ୍ତା, କର୍ମଚାରୀ, କୋଷାଧ୍ୟକ୍ଷ, ଲୋକସମ୍ପର୍କ, ହିସାବ ରକ୍ଷକ, ପାଣ୍ଠି ସଂଗ୍ରହ ଓ ପରିଚାଳନା, ବିରୋଧ, ବିକ୍ଷୋଭ, ଅଭିଯାନ ଆଦି କାର୍ଯ୍ୟକ୍ରମ ପାଇଁ ରାଜନୈତିକ ଦଳମାନେ ବେତନଭିତ୍ତିକ ମାନବ ସମ୍ବଳ ନିଯୁକ୍ତି ଦେଉଛନ୍ତି। ସେମାନଙ୍କ ମଧ୍ୟରେ ମହିଳା କର୍ମୀ ମଧ୍ୟ ରହିଛନ୍ତି, ଯେଉଁମାନେ ଲିଙ୍ଗଗତ ବୈଷମ୍ୟ ଆଧାରିତ ପରିବେଶକୁ ସହ୍ୟ କରିବାକୁ ବାଧ ହେଉଛନ୍ତି। ସବୁ ରାଜନୈତିକ ଦଳରେ ଯେ ଏଭଳି ଉତ୍ପୀଡ଼ନର ପରିବେଶ ରହିଛି, ତା' ନୁହେଁ। କିନ୍ତୁ ଅଧିକାଂଶ ଦଳୀୟ ସଂଗଠନରେ ଘଟିଚାଲିଥିବା ଅଣୁ ଘଟଣାମାନ ସାମଗ୍ରିକ ଭାବେ ଧାରଣା ଓ ପରିବେଶକୁ କଳୁଷିତ କରୁଛି। ବୋଧହୁଏ ନ୍ୟାୟିକ ଅଣୁବୀକ୍ଷଣ ଏହି ଲୌହପରଦାକୁ ଭେଦ କରିପାରୁ ନାହିଁ କିମ୍ବା ସେହି ଅଣୁ ଘଟଣାଗୁଡ଼ିକୁ ଗୁରୁତ୍ୱ ଦେବାକୁ ଆଗ୍ରହ ପ୍ରକାଶ କରୁନାହିଁ।

ଅଧିକନ୍ତୁ ଭାରତୀୟ ରାଜନୀତିରେ ଲୌହପରଦା ପଛର ଏହି ନିଷ୍ଠୁର ବାସ୍ତବତା ପ୍ରାକ୍ ସ୍ୱାଧୀନତା ଅମଳରୁ ରାଜତ୍ୱ କରିଆସିଛି। ସ୍ୱାଧୀନତା ଆନ୍ଦୋଳନରେ ମହିଳାମାନେ ସମ୍ମୁଖୀନ ହେଉଥିବା ପାରିବାରିକ ଦାୟିତ୍ୱବୋଝର ଆହ୍ୱାନ ଏବଂ ରାଜନୀତିର ଲୌହପରଦା ଅନ୍ତରାଳରେ ସହକର୍ମୀଙ୍କ ଉତ୍ପୀଡ଼ନ ବିଷୟରେ ସରଳା ଦେବୀ ଏକ ପତ୍ର ଲେଖି ବାପୁଜୀଙ୍କୁ ଅବଗତ ଓ ଅଭିଯୋଗ କରିଥିଲେ, ଯାହାକୁ ଗାନ୍ଧିଜୀ ଅସ୍ୱୀକାର କରି ନ ଥିଲେ। ଏ ପ୍ରସଙ୍ଗ ଭିନ୍ନ ଏକ ଆଲୋଚନାର ଅପେକ୍ଷା ରଖେ।

ଲୌହପରଦା ପଛରେ ଭାରତୀୟ ଗଣତନ୍ତ୍ରର ଆଉ ଏକ ବିଡ଼ମ୍ବନା ହେଉଛି 'ସରପଞ୍ଚସ୍ୱାମୀ-ସଂସ୍କୃତି'ର ଆଧିପତ୍ୟ। ତେଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବିଧାନପାଳିକାରେ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ ହେଲେ ମଧ୍ୟ କ'ଣ ପ୍ରକୃତରେ ନୀତି ନିର୍ଦ୍ଧାରଣରେ ସେମାନଙ୍କ ପ୍ରତିନିଧିତ୍ୱ ଓ ଗୁରୁତ୍ୱ ବଢ଼ିପାରିବ? ଆଉ ଏକ ସମ୍ବେଦନଶୀଳ ପ୍ରଶ୍ନ ମଧ୍ୟ ଉଠୁଛି ଯେ ଦଳୀୟ ସଂଗଠନରେ ଯଦିବା 'ପୋଶ୍ ଆଇନ' ଲାଗୁ ହୁଏ, ରାଜନୀତିର ପ୍ରତିପତ୍ତି ଓ ପ୍ରଭାବକୁ ପ୍ରତିହତ କରିପାରିବାର ଶକ୍ତି ତାହାର ଅଛି କି? ନିରାଶା ବିଜଡ଼ିତ ଏହି ପ୍ରଶ୍ନ ସହିତ କ୍ଷୀଣ ସମ୍ଭାବନା ଓ ଆଶ୍ୱାସନା ବହନ କରୁଥିବା ଉତ୍ତରଟିଏ ମଧ୍ୟ ମିଳୁଛି - 'ପୋଶ୍' ଓ 'ମହିଳା ସଂରକ୍ଷଣ' ଆଇନ କ୍ଷମତା ଗଣତନ୍ତ୍ର ଓ ଦଳୀୟ ରାଜନୀତିର ଲୌହପରଦାକୁ ଭେଦ କରି ନ ପାରିଲେ ମଧ୍ୟ ରନ୍ଧ୍ରଟିଏ ତ ସୃଷ୍ଟି କରିପାରିବ! ଏହି ରନ୍ଧ୍ର ଦେଇ ପରଦା ପଛର ବାସ୍ତବତାକୁ ଗୋଟିଏ ଆଖିରେ ହେଉ ପଛେ କେହି ନା କେହି ଦେଖିବାକୁ ଚେଷ୍ଟା ତ କରିପାରିବ! କ୍ଷୀଣ ଓ ନିଃସଙ୍ଗ ହେଉ ପଛକେ ଉତ୍ପୀଡ଼ନ-ପ୍ରତିବାଦର କ୍ରମ-ଶବ୍ଦାଘାତରେ ଏବଂ ତା'କୁ ଶ୍ରବଣ ଓ ନିରୀକ୍ଷଣ ଉଦ୍ୟମରେ ହୁଏତ ସେହି ରନ୍ଧ୍ରଟି ସମ୍ପ୍ରସାରିତ ହୋଇ ଲୌହପରଦାଟିକୁ ଦିନେ ସମ୍ପୂର୍ଣ୍ଣ ଅପସାରିତ କରିଦେବ! ହୁଏତ ସଂଯମ, ସମ୍ଭ୍ରମ ଓ ସଚେତନତାର ଆଲୋକରେ ପରଦା ପଛର ସେହି ଅଭିଶପ୍ତ ଇଲାକାରେ ରାଜୁତି କରୁଥିବା କଳଙ୍କର ଅନ୍ଧାର ହଟିଯାଇ ବିଶ୍ୱାୟନରେ ଭାରତୀୟ ଗଣତନ୍ତ୍ରର ଭାବମୂର୍ତ୍ତିକୁ ଆହୁରି ଉଜ୍ଜ୍ୱଳ କରିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଆଇନଜୀବୀଙ୍କ ଏକତା ଓ ନ୍ୟାୟିକ ଅଙ୍ଗୀକାରବଦ୍ଧତା

ବିଭୁପ୍ରସାଦ ତ୍ରିପାଠୀ

୧୯୪୮ ମସିହାରେ କଟକରେ ଆରମ୍ଭ ହୋଇଥିଲା ନିଖିଳ ଓଡ଼ିଶା ଆଇନଜୀବୀ ସଂଘ। ୧୯୬୦ ମସିହା ପର୍ଯ୍ୟନ୍ତ ଏହି ସଂଘ ନିଜର ବାର୍ଷିକ ସମ୍ମିଳନୀ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆୟୋଜନ କରି ଆସୁଥିଲା। ୧୯୬୧ ମସିହାରେ ଆଡଭୋକେଟ୍ ଆକ୍ଟ ପ୍ରଣୟନ ହେଲା। ଆଇନଜୀବୀମାନଙ୍କ କ୍ଷମତା, ଅଧିକାର ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ ବିଷୟ ସେହି ଆଇନରେ ଉଲ୍ଲେଖ କରାଯାଇଥିଲା। ୧୯୬୦ ମସିହାରେ ଢେଙ୍କାନାଳ ସମ୍ମିଳନୀ ପରେ ଆଇନଜୀବୀମାନଙ୍କ ମଧ୍ୟରେ ସେହି ଆଇନକୁ ନେଇ ବିଶେଷ ତର୍ଜମା ହୋଇ ପାରିଲାନାହିଁ। ଏହି ଆଇନ ଭାରତୀୟ ବାର୍ କାଉନସିଲ୍ ଆଇନ୍-୧୯୨୬କୁ ରଦ୍ଦ କରି ଆଇନ ପେସା ପାଇଁ ଗୋଟିଏ ସମନ୍ୱିତ ଆଇନ ଭାବରେ କାର୍ଯ୍ୟ କଲା। କୋଡ଼ିଏ ବର୍ଷ ପରେ ୧୯୮୦ ମସିହାରେ ପୁଣି କୌଣସି ରାଜନୈତିକ ଦଳ ସହ ସମ୍ପୃକ୍ତି ନଥିବା ଆଇନଜୀବୀ ବସନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ସଂଘର ପଞ୍ଜୀକରଣ ସମ୍ଭବ ହୋଇଥିଲା। ୧୯୮୧ ମସିହାରେ ପୁରୀରେ ବାର୍ଷିକ ସମ୍ମିଳନୀ, ୧୯୮୨ ମସିହାରେ ତୃତୀୟ ଆଇନଜୀବୀ ସମ୍ମିଳନୀ ସମ୍ବଲପୁର ସହରରେ ଅନୁଷ୍ଠିତ ହୋଇଥିଲା। ୨୦୦୪ ମସିହାରେ ସମ୍ବଲପୁରରେ ପୁଣି ଥରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୩୩ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨୧ ବର୍ଷ ପରେ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରରେ ଏହି ସଂଗଠନର ୫୪ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି।

୯ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କାରଣରୁ ଡିସେମ୍ବର ୨୯ ଓ ୩୦ ତାରିଖରେ ଦୁଇଟି ସମାନ୍ତରାଳ ଆଇନଜୀବୀ ସଂଘର ଅଧିବେଶନ ଅନୁଷ୍ଠିତ ହୋଇ ଆସୁଥିଲା। ରାଜ୍ୟ ବାର୍ କାଉନସିଲର ତତ୍କାଳୀନ ନେତୃବୃନ୍ଦଙ୍କ ବିବାଦର ପ୍ରତିଫଳନ ସ୍ୱରୂପ ଏହି ସଂଘ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା। ଆଇନଜୀବୀମାନଙ୍କର ନ୍ୟାୟୋଚିତ ଦାବି ସଂପର୍କରେ ପ୍ରଶ୍ନ ଉଠାଇ ଆସିଥିବା ରାଜ୍ୟର ଏହି ସର୍ବବୃହତ୍ ସର୍ବପୁରାତନ ସଂଘର ଉଦ୍ୟମରେ ଆଇନଜୀବୀ କଲ୍ୟାଣ ପାଣ୍ଠି ଗଠନ ହୋଇପାରିଥିଲା। ରାଜ୍ୟ ସରକାରଙ୍କ ମ୍ୟାଚିଂ ଅନୁଦାନର ରାଶି ୧ କୋଟି ଟଙ୍କାରୁ ୧୦ କୋଟି ଟଙ୍କାକୁ ବୃଦ୍ଧି ପାଇଲା। ୨୫ ଅଗଷ୍ଟ ୧୯୮୪ ମସିହାରେ ପୁଲିସ ଦ୍ୱାରା ଅତ୍ୟାଚାରିତ ଗୁଣୁପୁରର ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପାଢ଼ୀ ସମର୍ଥନରେ ତା' ପରଦିନ ଗୁଣୁପୁର ବଜାରରେ ଓକିଲମାନଙ୍କ ଶୋଭାଯାତ୍ରା; ୧୯୮୭ ମସିହାରେ ବରଗଡ଼ର ତତ୍କାଳୀନ ସବଡିଭିଜିନାଲ୍ ଅଫିସର ଏବଂ ଓକିଲଙ୍କ ମଧ୍ୟରେ ବିବାଦ ଯୋଗୁଁ ୯ ଜଣ ଆଇନଜୀବୀ ଗିରଫ ହେବା ଘଟଣା ପ୍ରତିବାଦରେ ୮ ଡିସେମ୍ବର ୧୯୮୭ ମସିହାରେ 'ବରଗଡ଼ ଚାଲ' ଡାକରା; କେନ୍ଦ୍ରାପଡ଼ାର ଆଇନଜୀବୀଙ୍କ ଉପରେ ଆକ୍ରମଣ ପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆଇନଜୀବୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଆଦି ଓକିଲ ସଂଘର ଅସ୍ତିତ୍ୱ ଓ ଅସ୍ମିତାକୁ ପ୍ରମାଣ କରିଛି। ମନାନ୍ତର ଓ ମତାନ୍ତର ସତ୍ତ୍ୱେ ଆଇନଜୀବୀମାନେ ରାଜନୈତିକ ମତାଦର୍ଶଠାରୁ ଦୂରରେ ରହି ନିଜର ସ୍ୱତନ୍ତ୍ରତାକୁ ପଛରେ ରଖି ସଂଘର ନିଷ୍ପତ୍ତିକୁ ମାନି ନେଇଛନ୍ତି।

କିଛିବର୍ଷ ତଳେ ସମ୍ବଲପୁର ବାରର ୨୯ ଜଣ ଆଇନଜୀବୀ ଦୀର୍ଘଦିନ ଜେଲରେ ରହିବା ଘଟଣାରେ ଆଇନଜୀବୀମାନଙ୍କର ଅହେତୁକ ନିରବତା କିମ୍ବା ପୁରୀ ବାର୍ ଆସୋସିଏସନର ଆଇନଜୀବୀମାନଙ୍କର ୨୦୦ ଦିନରୁ ଉର୍ଦ୍ଧ୍ୱ ଧାରଣାର କୌଣସି ପ୍ରଭାବ ପରିଲକ୍ଷିତ ହେଉନାହିଁ। ଆମ ଭିତରେ ଥିବା ଅନ୍ତର୍ନିହିତ ଦୁର୍ବଳତା ଓ ବିଭକ୍ତିକରଣ ସଂପର୍କରେ ଆଲୋଚନା ପାଇଁ ଆଇନଜୀବୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ବାର୍ ଆସୋସିଏସନ୍ ଓ ବାର କାଉନସିଲର ନିର୍ବାଚନ ପ୍ରକ୍ରିୟାଟିକୁ ବ୍ୟୟବହୁଳ କରିବା ଫଳରେ ଆଇନ ପେସାରେ ଉତ୍କର୍ଷ ଲାଭ କରୁଥିବା ଆଇନଜୀବୀ ଏହାର ନେତୃତ୍ୱ ନେବାକୁ ଆଗଭର ହେଉନାହାନ୍ତି। ଫଳତଃ ଏହି ସଂଗଠନଗୁଡ଼ିକର ନେତୃତ୍ୱରେ ଦୁର୍ବଳତା ଆଇନଜୀବୀମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି।

ବିଗତ ବର୍ଷଗୁଡ଼ିକରେ ଆଇନ ତତ୍ତ୍ୱରେ ଯେଉଁ ମୌଳିକ ପରିବର୍ତ୍ତନ ହୋଇଛି, ସେଗୁଡ଼ିକ ସମ୍ପର୍କରେ ଆଇନଜୀବୀମାନେ ସମୀକ୍ଷା କରିବାର ଆବଶ୍ୟକତା ପଡୁଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପ୍ରତ୍ୟେକ ମାସରେ ବିଚାରପତିମାନଙ୍କୁ ନେଇ ଯେଭଳି ବୌଦ୍ଧିକ ବିତର୍କର ବାତାବରଣ ସୃଷ୍ଟି କରିଛି ସେଭଳି ଆଲୋଚନାଚକ୍ର ରାଜ୍ୟର ସବୁ ବାର୍‌ଗୁଡ଼ିକରେ ହେବାର ଆବଶ୍ୟକତା ରହିଛି। କୋର୍ଟଗୁଡ଼ିକରେ ଭିତ୍ତିପ୍ରସ୍ତର ଓ ଆଇନଜୀବୀ ଏବଂ ବିଚାରପତିଙ୍କ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ପାଇଁ ଆଇନଜୀବୀ ସଂଘର ଗୁରୁଦାୟିତ୍ୱ ସଂପର୍କରେ ଆମେ ତତ୍ପର ହେବା ଉଚିତ।

ଆଇନଜୀବୀମାନେ ନିଜ ସମସ୍ୟା ସମ୍ପର୍କରେ ସଜାଗ ହେବା ସହିତ ନ୍ୟାୟପାଳିକାର ରାୟର ଗଠନମୂଳକ ତର୍ଜମା କରିବାର ତାତ୍ପର୍ଯ୍ୟ ରହିଛି। ଆଇନଜୀବୀଙ୍କ ମଧ୍ୟରୁ ହିଁ ଅନେକ ହାଇକୋର୍ଟ ଓ ସୁପ୍ରିମକୋର୍ଟର ବିଚାରପତି ଆସନ ଅଳଙ୍କୃତ କରିଥା'ନ୍ତି। ଜଣେ ଆଇନଜୀବୀର ଦିନଚର୍ଯ୍ୟା ଓ ଜୀବନବ୍ୟାପୀ ସାଧନା ସମ୍ପର୍କରେ ସମସ୍ତେ ଅଭିହିତ। କିନ୍ତୁ ଆମ ଏକତା ସମ୍ପର୍କରେ ଆତ୍ମ-ବିଶ୍ଳେଷଣ କରିବା, ନିଜର ଚିନ୍ତାଧାରା ଓ ଆଚରଣକୁ ସ୍ୱାଧୀନଚେତା ଆଇନଜୀବୀ ଭାବେ ମାର୍ଜିତ କରିବା ପାଇଁ ୫୪ ତମ ବାର୍ଷିକ ସମ୍ମିଳନୀ ଆହ୍ୱାନ ଦେଉଛି।

(ବରିଷ୍ଠ ଆଇନଜୀବୀ, କାର୍ଯ୍ୟକାରୀ ସଭାପତି, ନିଖିଳ ଓଡ଼ିଶା ଆଇନଜୀବୀ ସଂଘ)

କଟକ, ମୋ: ୯୪୩୭୦୧୨୪୬୦

# ଆମ ବୃକ୍ଷଲତା ଆମ ଜୀବନ

## ପ୍ରକୃତି-ପରିବେଶ

## କନିଅର
(Yellow Oleander-Cascabela thevetia)

ସୌଭାଗ୍ୟସୁନ୍ଦର

କନିଅର ହେଉଛି ୪ ରୁ ୫ ମିଟର ଉଚ୍ଚତା ବିଶିଷ୍ଟ ଏକ ଚିରହରିତ ଛୋଟ ବୃକ୍ଷ, ଯାହା ପଶ୍ଚିମ ଭାରତର ମୂଳ ଜାତ ଏବଂ ସମଗ୍ର ଭାରତରେ ବହୁଳ ଭାବରେ ରୋପଣ କରାଯାଏ। ଏହା ମଧ୍ୟ-ଦକ୍ଷିଣ ମେକ୍ସିକୋ ଓ ମଧ୍ୟ-ଆମେରିକାରେ ଏକ ଜଣାଶୁଣା ଗଛ। ଏହାର ଆକର୍ଷଣୀୟ ଫୁଲ, ପତ୍ର ସଜ୍ଜା ଏବଂ ଧାର୍ମିକ ପୂଜାପାଠରେ ଗୁରୁତ୍ୱ ପାଇଁ କନିଅର ସାଧାରଣତଃ ମଠ, ମନ୍ଦିର, ଉଦ୍ୟାନ, ବାଡ଼ ଓ ରାସ୍ତାକଡ଼ରେ ଲଗାଯାଏ।

କନିଅର ଗଛର କାଣ୍ଡ ସିଧା, କଠିନ, ଶାଖାଯୁକ୍ତ, ଛାଲି ରୁକ୍ଷ, ସମଗ୍ର ପୃଷ୍ଠରେ ଅଗଭୀର ଫାଟ ଦେଖାଯାଏ, କଟା ଯାଗାରେ କ୍ଷୀର ଭଳି ଏକ ତରଳ ଲାଟେକ୍ସ ବାହାରେ। ଏହାର ଚେର ହେଉଛି ଟ୍ୟାପ୍ ରୁଟ୍ ବା ଆଦି ମୂଳ ଓ ଶାଖାଯୁକ୍ତ। ପତ୍ରଗୁଡ଼ିକ ସରଳ, ଲମ୍ବାଳିଆ, ୫-୮ ସେମି ଲମ୍ବା, ୦.୫ ସେମି ଚଉଡା, ତୀବ୍ର ଶୀର୍ଷ, ପ୍ରମୁଖ ମଧ୍ୟଶିରା, ପ୍ରତ୍ୟେକ ଗଣ୍ଠିରେ ବିକଳ୍ପ ଭାବରେ ଗୋଟିଏ ଲେଖା ଉତ୍ପନ୍ନ ହୁଏ, ଗୋଲାପ ପାଖୁଡ଼ା ଭଳି ଘନ ଭାବରେ ବ୍ୟବସ୍ଥିତ ଥାଏ ଓ ଲାଟେକ୍ସ ଯୁକ୍ତ। ଏହାର ଆକର୍ଷଣୀୟ ଫୁଲଗୁଡ଼ିକ ସାଧାରଣତଃ ଗୁଚ୍ଛରେ ସଜେଇ ହୋଇଥାଏ। ଫୁଲଗୁଡ଼ିକ ପ୍ରାୟ ୩-୫ ସେମି ବ୍ୟାସ ବିଶିଷ୍ଟ, ହାଲୁକା ହଳଦିଆରୁ ଗଭୀର ସୁନେଲି ହଳଦିଆ ଏବଂ ଧଳା ରଙ୍ଗର ହୋଇପାରେ। ବର୍ତ୍ତମାନ ଫୁଲଗୁଡ଼ିକ ବିଭିନ୍ନ ରଙ୍ଗରେ ଉପଲବ୍ଧ। ଫୁଲଟି ଦ୍ୱିଲିଙ୍ଗୀ, ଘଣ୍ଟି ଆକାରର, ଡେମ୍ଫ ଯୁକ୍ତ, ମଧ୍ୟମ ଧରଣର। ୫ଟି ବୃତି ସହ ବୃତିମଣ୍ଡଳ, ସବୁଜ; ଦଳମଣ୍ଡଳର ପାଖୁଡ଼ା ୫ଟି, ନିମ୍ନ ଭାଗରେ ସଂଯୁକ୍ତ, ହଳଦିଆ, ଘଣ୍ଟି ଆକାରର, ସୁଗନ୍ଧିତ; ୫ଟି ପରାଗପେଟି ସହ ପୁଂକେଶର ଚକ୍ର, ଦଳମଣ୍ଡଳର ଗଳାରେ ସଂଲଗ୍ନ ଥାଏ। ଫିଲାମେଣ୍ଟ ବା ଧାରିକା କ୍ଷୁଦ୍ର ଓ ହ୍ରାସ, ଉପର ଭାଗରେ ସଂଲଗ୍ନ; କାର୍ପେଲ୍ ବା ଗର୍ଭକେଶର ୨ଟି ସଂଯୁକ୍ତ ଡିମ୍ବାଶୟ ଧାରଣ କରେ। ଫଳଟି ଏକ ଚତୁର୍ଭୁଜ କ୍ୟାପସୁଲ୍ କିମ୍ବା ଡ୍ରୁପ୍, ସବୁଜ, ଗୋଟିଏରୁ ଚାରୋଟି ଚେପଟା ଚକଚକିଆ ବିହନ ଧାରଣ କରି ଥାଏ। ମାର୍ଚ୍ଚରୁ ମେ ମାସରେ ଏହାର ଫୁଲ ଫୁଟେ ଏବଂ ମେ ରୁ ସେପ୍ଟେମ୍ବର ମାସରେ ଫଳ ହୁଏ।

ପାରମ୍ପରିକ ଚିକିତ୍ସାରେ କନିଅରର ବିଭିନ୍ନଅଂଶ ବ୍ୟବହାର ହୁଏ। ଉଦ୍ଭିଦର ବିଷାକ୍ତ ଗୁଣ ଯୋଗୁଁ ସତର୍କତା ଅବଲମ୍ବନ କରାଯାଏ। ପତ୍ରଗୁଡ଼ିକ କୋଷ୍ଠକାଠିନ୍ୟତା ଓ ବାନ୍ତି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ବେଳେ ଏହାର ଛାଲି ଜ୍ୱର, ଝାଡ଼ା, ବାନ୍ତି ଉପଶମ ପାଇଁ ବ୍ୟବହାର କରାଯାଏ। ଚେର ବା ମୂଳକୁ ବାଟି ଟ୍ୟୁମର ଘା'ରେ ଲଗାଯାଏ। ଏହାର ମଞ୍ଜି ବା ବିହନ ଗର୍ଭପାତ, ପେଟ ସଫା, ବାତ ଓ ଜ୍ୱର ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ। ଏହା ହୃଦସ୍ପନ୍ଦନ ବିଭ୍ରାଟ ଓ ମ୍ୟାଲେରିଆର ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ। ଏହାର ତରଳ ଲେଟେକ୍ସ ସମେତ ଉଦ୍ଭିଦର ସମସ୍ତ ଅଂଶ ବିଷାକ୍ତ ଏବଂ ଏଥିରେ କାର୍ଡିଆକ୍ ଗ୍ଲାଇକୋସାଇଡ୍ ଥାଏ, ଯାହା ଏହାର ସକ୍ରିୟ ତତ୍ତ୍ୱ; ଏଥିମଧ୍ୟରୁ ପେରୁଭୋସାଇଡ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଉଦ୍ଭିଦର ବିହନ, ଫୁଲ ଏବଂ ରସରେ କାର୍ଡିଆକ୍ ଗ୍ଲାଇକୋସାଇଡ୍ ଥାଏ, ଯାହା ଖାଇବା ଦ୍ୱାରା ବିଷାକ୍ତ ହୋଇ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେଣୁ କନିଅର ଗଛକୁ ସତର୍କତାର ସହିତ ବ୍ୟବହାର କରିବା ଉଚିତ;ବିଶେଷକରି ଛୋଟ ପିଲା ଓ ପାଳିତ ପଶୁମାନଙ୍କ କ୍ଷେତ୍ରରେ। ଏହାର ମୁଖ୍ୟ ବିଷାକ୍ତ ପଦାର୍ଥ ହେଉଛି କାର୍ଡେନୋଲାଇଡ୍, ଯାହାକୁ ଥେଭେଟିନ୍-ଏ ଏବଂ ଥେଭେଟିନ୍-ବି କୁହାଯାଏ; ଅନ୍ୟ ପଦାର୍ଥଗୁଡ଼ିକ ମଧ୍ୟରେ ପେରୁଭୋସାଇଡ୍, ନେରିଫୋଲିନ୍, ଥେଭେଟୋକ୍ସିନ୍ ଓ ରୁଭୋସାଇଡ୍ ଅନ୍ତର୍ଭୁକ୍ତ। କନିଅର ବିହନର ସହଜ ଉପଲବ୍ଧର ସୁଯୋଗ ନେଇ ଏହାକୁ ଗିଳି ଗ୍ରାମାଞ୍ଚଳରେ ଅନେକ ବ୍ୟକ୍ତି ଆତ୍ମହତ୍ୟା କରୁଥିବା କୁହାଯାଏ। ତେବେ କୋଇଲି, ବୁଲବୁଲ, ମଇନା ଓ ସାଧାରଣ ଗ୍ରେ ହର୍ଣ୍ଣବିଲ୍ ଆଦି କିଛି ପକ୍ଷୀ, କୀଟପତଙ୍ଗ କୌଣସି ଖରାପ ପ୍ରଭାବ ବିନା ଏହାକୁ ଖାଉଥିବା ଜଣାଯାଏ। ଜୈବିକ କୀଟ ନିୟନ୍ତ୍ରଣରେ ବ୍ୟବହାର ପାଇଁ ଏହି ଉଦ୍ଭିଦର ଲାଟେକ୍ସକୁ ପ୍ରୟୋଗ କରାଯାଏ। କନିଅର ବିହନ ତେଲର ଆଣ୍ଟିଫଙ୍ଗାଲ୍, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଟାଇମାଇଟ୍ ଗୁଣ ରହିଥିବା ହେତୁ 'ପେଇଣ୍ଟ' ବା 'ଭାର୍ନିସ' ତିଆରି କରିବା ପାଇଁ ବ୍ୟବହାର କରାଯାଏ। କନିଅରକୁ ଏକ ଅଳଙ୍କାରିକ ଉଦ୍ଭିଦ ଭାବରେ ଚାଷ କରାଯାଏ। ଏହାର ଫୁଲ ଭାରତରେ ଧାର୍ମିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ। ବିନାୟକ ଚତୁର୍ଥୀ ପାଇଁ ପତ୍ରି ଭାବରେ ବ୍ୟବହୃତ ହୁଏ ଏହି ଗଛ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦିନକ ପରେ ନନ୍ଦନକାନନର ୬୬ତମ ପ୍ରତିଷ୍ଠା ଦିବସ


# ଜେବ୍ରା ଖୁଆଡ଼ ଫାଙ୍କା; ଗଣ୍ଡା ଅଣ୍ଡାଳୁଛନ୍ତି ପର୍ଯ୍ୟଟକ

- ନନ୍ଦନକାନନ: ୧୬ରୁ ଗଣ୍ଡାଶୂନ୍ୟ, ୧୭ରୁ ଜେବ୍ରା ନାହାନ୍ତି
- କକଚ୍ଛୁଆ, ବଗ, ବେଙ୍ଗ, ବିଲୁଆ ଦେଖିବାରେ ବୁଝୁନି ମନ
- ଶଙ୍ଖଚିଲ ଖୁଆଡ଼ରେ ବୁଲୁଛନ୍ତି କୁକୁଡ଼ା ଚିଆଁ

ନନ୍ଦନକାନନ, ୨୮।୧୨(ସମିସ): ଦିନକ ପରେ ନନ୍ଦନକାନନର ୬୬ତମ ପ୍ରତିଷ୍ଠା ଦିବସ। ହେଲେ ନନ୍ଦନକାନନ କର୍ତ୍ତୃପକ୍ଷ ଓ ମନ୍ତ୍ରୀମାନେ ଗଣ୍ଡା, ଜେବ୍ରା ଆଣିବାକୁ ଆଗରୁ ଘୋଷଣା କରିଥିଲେ ସୁଦ୍ଧା ନନ୍ଦନକାନନରେ ଏଯାଏଁ ଖୁଆଡ଼ ଫାଙ୍କା ପଡ଼ିଛି। ଅପରପକ୍ଷେ ଏବେ ବିଦେଶୀ ପର୍ଯ୍ୟଟକ ନନ୍ଦନକାନନ ଆସି ଟିକଟ କରି ଶଙ୍ଖଚିଲ ଖୁଆଡ଼ରେ କୁକୁଡ଼ା ଚିଆଁ ଦେଖି ଫେରୁଛନ୍ତି।

ଦିନଥିଲା ନନ୍ଦନକାନନରେ ୨ଟି ଗଣ୍ଡା ଥିଲେ। ଗୋଟିଏ ଅଣ୍ଡିରା ଗୋଟିଏ ମାଈ। ୧୯୭୪ ମସିହା ଜୁନ ମାସରେ ଆସାମ ଗୌହାଟି ପ୍ରାଣୀ ଉଦ୍ୟାନରୁ ଏକ ୨ବର୍ଷର ମାଈ ଗଣ୍ଡା ଆସିଥିଲା। ଏଇଟି ୨୦୦୭ ମସିହା ପର୍ଯ୍ୟନ୍ତ ୩୩ବର୍ଷ କାଳ ନନ୍ଦନକାନନ ରହି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା। କିନ୍ତୁ ସେହିବର୍ଷ ମେ ମାସରେ ୩୫ବର୍ଷ ବୟସରେ ଗଣ୍ଡାର ମୃତ୍ୟୁ ହୋଇଥିଲା। ସେହିଭଳି ସେଇ ଗୋୱାହଟିରୁ ୧୯୭୯ ମସିହା ନଭେମ୍ବର ମାସରେ ଏକ ୩ ବର୍ଷର ଅଣ୍ଡିରା ଗଣ୍ଡା ନନ୍ଦନକାନନକୁ ଆସିଥିଲା। ଯାହାର ନାଁ ନନ୍ଦନ ଥିଲା। ୩୭ବର୍ଷ ନନ୍ଦନକାନନରେ ରହିଥିଲା। ୨୦୧୬ ସେପ୍ଟେମ୍ବରରେ ୪୦ବର୍ଷରେ ତାର ମୃତ୍ୟୁ ହୋଇଥିଲା। ୨୦୧୬ଠାରୁ ନନ୍ଦନକାନନ ଗଣ୍ଡା ଶୂନ୍ୟ ହୋଇ ରହିଗଲା। କେତେବେଳେ ଧଳା ଗଣ୍ଡା ଆସିବ ତ ପୁଣି କେତେବେଳେ ଯୋଡ଼ି ଗଣ୍ଡା ଆସିବ ବୋଲି ବିଭିନ୍ନ ସମୟରେ କୁହାଯାଉଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଗଣ୍ଡା ଖୁଆଡ଼ ଖାଲି ପଡ଼ିଛି। ପର୍ଯ୍ୟଟକମାନେ ଆସି ଗଣ୍ଡା ରହୁଥିବା ଖୁଆଡ଼ରେ ଗଣ୍ଡା କୁଆଡେ ଗଲା, ଗଣ୍ଡା କାହିଁ ବୋଲି ଅଣ୍ଡାଳି ହେଉଛନ୍ତି।







ସେହିଭଳି ନନ୍ଦନକାନନରେ ପର୍ଯ୍ୟଟକ ଜେବ୍ରା ନ ପାଇ ପର୍ଯ୍ୟଟକ ନିରାଶ ହୋଇ ଫେରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ଏକଦା ନନ୍ଦନକାନନରେ ମାଳମାଳ ଜେବ୍ରା ଥିଲେ। ପର୍ଯ୍ୟଟକ ମନେବି ଏହାକୁ ଦେଖି ବହୁତ ଖୁସି ହେଉଥିଲେ। ନନ୍ଦନକାନନର ବରିଷ୍ଠ ପୁରୁଣା ଅଧିକାରୀମାନଙ୍କ ଠାରୁ ଜାଣିବାକୁ ମିଳିଛି ଯେ ନନ୍ଦନକାନନରେ ଜେବ୍ରା ପ୍ରଜନନ ବି ହୋଇଥିଲେ। ୨୦୦୧/୦୨ରେ ଶଙ୍କର ନାମରେ ଏକ ଅଣ୍ଡିରା ଓ ବନିତା ନାମରେ ଏକ ମାଈ ଜେବ୍ରା ଔରସରୁ ୨୦୦୨ ମେ ୧୮ ତାରିଖରେ ସବିତା ନାମକ ଏକ ମାଈ ଜେବ୍ରା ଜନ୍ମ ହୋଇଥିଲା। ସବିତା ପାଇଁ ଚଣ୍ଡିଗଡ଼ ଛଟବୀର ଚିଡ଼ିଆଖାନାରୁ ଏକ ଅଣ୍ଡିରା ଜେବ୍ରା ୨୦୧୨ ମାର୍ଚ୍ଚରେ ଆସିଥିଲା। ଉଭୟଙ୍କ ମିଳନରୁ ଛୁଆ ଜାତ ହେଲେ ସେହି ଜୁ କୁ ଦିଆଯିବାର ଥିଲା। ହେଲେ ମେ ୨୦୧୨ରେ ଉଭୟଙ୍କ ମିଳନ ବେଳେ କୁଆଡ଼େ ସବିତା ଗୋଡ ଛାଟି ଦେବାରୁ ଅଣ୍ଡିରା ଜେବ୍ରାଟି ଗୁରୁତର ଆଘାତ ପାଇ ପେଲ୍ଭିକ ବୋନ ଭାଙ୍ଗିବା ସହ ଅବଡୋମିନାଲ ମସଲ କ୍ଷତି ଗ୍ରସ୍ତ ହୋଇଥିଲା। ଏଥିରେ ତାର ମୃତ୍ୟୁ ହୋଇଥିଲା। ସବିତାର ମୃତ୍ୟୁ ୨୦୧୫ଜାନୁଆରୀରେ ହୋଇଥିଲା। ଏହାପରେ ଇସ୍ରାଏଲ ତେଲ ଅବିଭିରୁ ୨୦୧୫ରେ ୨ହଳ ମାଈ ଅଣ୍ଡିରା ଜେବ୍ରା ଆସିଥିଲେ। ସେମାନଙ୍କର ବି ବର୍ଷେ ଦି ବର୍ଷ ଭିତରେ ମୃତ୍ୟୁ ହୋଇଥିଲା। ବିଭିନ୍ନ ରୋଗରେ ପଡ଼ି ୩ ଟି ଜେବ୍ରାଙ୍କ ମୃତ୍ୟୁ ହୋଇଥିବା ବେଳେ ବିଜୁଳି ମାରି ୨୦୧୭ରେ ଶେଷ ଅଣ୍ଡିରା ଜେବ୍ରାର ମୃତ୍ୟୁ ହୋଇଥିଲା। ପୂର୍ବ ରାତିରେ ଠିକ ଠାକ ଥିବା ଶେଷ ଜେବ୍ରାଟି ପର ଦିନ ଖୁଆଡ଼ରେ ମୃତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ କିଛି ମାସ ବ୍ୟବଧାନରେ ଜେବ୍ରାଙ୍କ ମୃତ୍ୟୁ ହେବା ଘଟଣା ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଚର୍ଚ୍ଚା ଧରିଥିଲା। ଜେବ୍ରାମାନେ ଏଠାକାର ପରିବେଶ ସହ ଖାପ ଖୁଆଇ ନ ପାରିବାରୁ ଏବଂ ଖୁଆଡ଼ ସଂକ୍ରମଣ ହେବାରୁ ଜେବ୍ରାମାନଙ୍କ ମୃତ୍ୟୁ ହୋଇଥିବା ନେଇ କର୍ତ୍ତୃପକ୍ଷ ସଫେଇ ଦେଇଥିଲେ। ତେବେ ଶୁଣିବାକୁ ମିଳେ ଯେ ନନ୍ଦନକାନନରେ ଏକଦା ୮/୯ଟି ଜେବ୍ରା ଥିଲେ। ସେମାନଙ୍କ ଠାରୁ ଛୁଆ ଜନ୍ମ ବି ହୋଇଥିଲା। ଏହାପରେ ନନ୍ଦନକାନନ କର୍ତ୍ତୃପକ୍ଷ ଏବଂ ସରକାର ଜେବ୍ରା ଆଣିବାକୁ ପ୍ରତିଶ୍ରୁତି ଦେଇ ଆସୁଥିଲେ ସୁଦ୍ଧା ଏହା ସଫଳ ହୋଇନାହିଁ।

# ଖୁବ୍‌ଶୀଘ୍ର ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୨୮।୧୨(ସମିସ): ଦୀର୍ଘଦିନ ଧରି ଅଟକି ରହିଥିବା ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ ଖୁବ୍‌ଶିଘ୍ର କାର୍ଯ୍ୟକାରୀ ହେବ। ଏଥିପାଇଁ ସମସ୍ତ ପଦକ୍ଷେପ ଚୂଡ଼ାନ୍ତରେ ପହଞ୍ଚିଥିବା ବେଳେ ନିର୍ଦ୍ଦେଶାଳୟ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ଦୀର୍ଘଦିନ ଧରି ଅଟକି ରହିଥିବା ଏହି ନିର୍ଦ୍ଦେଶାଳୟ ଆରମ୍ଭ ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ରହିଥିବା ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ ନିମେନ୍ତ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଅତିରିକ୍ତ ଓ ଯୁଗ୍ମ ନିର୍ଦ୍ଦେଶକ, ଅନୁସଚିବ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।ଗାଇଡଲାଇନ୍ ଅନୁସାରେ ବିଭିନ୍ନ ପଦକ୍ଷେପ ପାଇଁ ପ୍ରକ୍ରିୟା ଚାଲିଛି। ତେବେ ନିର୍ଦ୍ଦେଶାଳୟ ନିଯୁକ୍ତି ପାଇଁ ଆଇନ ବିଭାଗ, ଅର୍ଥ ବିଭାଗ, ଜିଏ ଡିପାର୍ଟମେଣ୍ଟର ଆପ୍ରୁଭାଲ ପରେ ଓପିଏସସିକୁ (ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ) ପଠାଯିବ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମତି କ୍ରମେ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ। କ୍ୟାବିନେଟ୍ ଆପ୍ରୁଭ ପାଇବା ପରେ ନିଯୁକ୍ତ କରାଯିବ। ତେବେ ସମସ୍ତ ପ୍ରକ୍ରିୟା ଶେଷ ହୋଇ ଖୁବଶିଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଭାଗର ସ୍ୱତନ୍ତ୍ର ଶାସନସଚିବ ଦେବ ପ୍ରସାଦ ଦାସ କହିଛନ୍ତି। ତେବେ ରାଜ୍ୟ ସଂଗ୍ରହାଳୟରେ ୩ଟି ଗ୍ୟାଲେରୀର ପୁନରୁଦ୍ଧାର କରାଯିବା ସହ ନୂଆକରି ଆରମ୍ଭ ହେବ ଟେକ୍‌ଟାଇଲ ଗ୍ୟାଲେରୀ। ଏହି ଗ୍ୟାଲେରୀଟି ସ୍ୱତନ୍ତ୍ର ଭାବେ ଦୃଷ୍ଟିବାଧିତ ମାନଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଏଥିରେ ଆର୍କିଓଲୋଜି ଗ୍ୟାଲେରୀରେ ରହିଥିବା ବିଭିନ୍ନ ମୂର୍ତ୍ତି ଗୁଡ଼ିକ ସ୍ଥାନୀତ କରାଯିବ। ଯାହାକୁ ଟଚ୍ କରି ବା ସ୍ପର୍ଶ କରି ଦୃଷ୍ଟିବାଧିତମାନେ ଏହି ମୂର୍ତ୍ତି ବିଷୟରେ ଜାଣିପାରିବେ। ସେହିପରି ଗ୍ୟାଲେରୀ ସମ୍ପର୍କରେ ବ୍ରେଲ ଲିପିରେ ସମସ୍ତ ତଥ୍ୟ ଉଲ୍ଲେଖ ରହିବ। ସେହିପରି ସଂଗ୍ରହାଳୟର ଉଦ୍ୟାନକୁ ନବୀକରଣ କରାଯାଇ ଆକର୍ଷଣୀୟ ରୂପ ଦିଆଯିବା ସାଙ୍ଗକୁ ଖୁବଶିଘ୍ର ଟେରାକୋଟା ଓ ହରେକୃଷ୍ଣ ମହତାବ ଗ୍ୟାଲେରୀ କାମ ଶେଷ କରାଯାଇ ପର୍ଯ୍ୟଟକଙ୍କ ପରିଦର୍ଶନ ପାଇଁ ଖୋଲାଯିବ ବୋଲି ସଳଚନା ରହିଛି।

## ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର ଟେକ୍ସଟାଇଲ୍ ଗ୍ୟାଲେରୀ

ସୂଚନା ଅନୁସାରେ, ଆସନ୍ତା ଡିସେମ୍ବର ୨୯ତାରିଖ ସୋମବାର ରାଜ୍ୟ ସଂଗ୍ରହଳୟର ୯୨ତମ ପୂର୍ତ୍ତି ପାଳନ କରାଯିବ। ଏହି ଉପଲକ୍ଷେ ସଂଗ୍ରହାଳୟରେ ରହିଥିବା ତିନୋଟି ରଥ ଚକରେ ପୁଷ୍ପ ଅର୍ପଣ କରାଯିବା ସହ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଭକ୍ତକବି ମଧୁସୂଦନ ରାଓଙ୍କ ବ୍ୟବହୃତ ସାମଗ୍ରୀ ପ୍ରଦର୍ଶିତ ହେବ। ଏହାସହ ଓଡ଼ିଆ ଅଭିଲେଖ ସଙ୍କଳନ ପୁସ୍ତକ ସହ ଓଏଚଆର୍ ଜେ ଉନ୍ମୋଚିତ ହେବ। ସେହିପରି ସଂଗ୍ରହାଳୟର ୪ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭକ୍ତକବି ମଧୁସୂଦନ ରାଓଙ୍କ ନାତୁଣୀ ସୁସ୍ମିତା ରଥ, ବିଶିଷ୍ଟ ବାଦ୍ଧ ଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ସମ୍ମାନୀତ କରାଯିବ। ଏହି ଉପଲକ୍ଷେ ସଂଗ୍ରହାଳୟ ଆଭାସୀ ଭ୍ରମଣ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ କହିଛନ୍ତି।

## ବନ କର୍ମଚାରୀଙ୍କୁ ଆକ୍ରମଣ ଓ ପାଟ୍ରୋଲିଂ ଗାଡ଼ି ଭଙ୍ଗାରୁଜା

# ଜବତ କାଠଗାଡ଼ି ଛଡ଼ାଇନେଲେ ମାଫିଆ

ନୀଳଗିରି, ୨୮।୧୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ କାଠ ମାଫିଆଙ୍କ ଦୌରାତ୍ମ୍ୟ। କାଠ ଚୋରା ଚାଲାଣ ବେଳେ ଧରିଲା ନୀଳଗିରି ବନ ବିଭାଗ। ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କଲେ କାଠ ମାଫିଆ। ମାଫିଆଙ୍କ ଆକ୍ରମଣରେ ବନ କର୍ମଚାରୀଙ୍କ ପାଟ୍ରୋଲିଂ ଗାଡ଼ି ଭାଙ୍ଗି ଯାଇଛି। ବନ କର୍ମଚାରୀଙ୍କଠାରୁ ଜବତ କାଠ ଓ ଗାଡ଼ିକୁ ଛଡ଼ାଇ ନେଇଗଲେ ମାଫିଆ। ପୁଲିସ ଓ ବନବିଭାଗ ପକ୍ଷରୁ ତଦନ୍ତ ଜାରିରହିଥିବା ବେଳେ ୧୨ ଘଣ୍ଟା ପରେ ଜଣଙ୍କୁ ଅଟକ କରିବା ସହ ରାସ୍ତା କଡରୁ ଖାଲି ଗାଡିଟି ଜବତ ହୋଇଛି। ଶନିବାର ରାତି ପ୍ରାୟ ୧୦ଟାରେ ନୀଳଗିରି ରେଞ୍ଜର ମନୱାର ଖାଁ ମୂଲ୍ୟବାନ ପିଆଶାଳ ଗଛ କାଟି ବାହାରକୁ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜ ସଜନାଗଡ଼ ସେକ୍ସନର ବନରକ୍ଷୀ ବୁଦୁରାମ ହାଁସଦାଙ୍କ ସମେତ କେତେକ ବନ କର୍ମଚାରୀ ପିଠାହତା ପଞ୍ଚାୟତ ସିମିଳିହୁଡା ନିକଟରେ ଓଡି ୦୧ବିଏ ୪୧୧୭ ନମ୍ବର ବିଶିଷ୍ଟ ଏକ ଟାଟା ଏସିଇ ଗାଡିରେ ପିଆଶାଳ କାଠ ଗଣ୍ଡି ଭର୍ତ୍ତି ହୋଇଥିବା ଗାଡ଼ିଟିକୁ ଧରିଥିଲା ବନବିଭାଗ। ବନବିଭାଗ ଗାଡ଼ି ଦେଖି ଗାଡି ଚାଳକ ଜଣକ କାଠଗାଡ଼ିକୁ ଛାଡି ଚମ୍ପଟ ମାରିଥିଲା। ମାତ୍ର କିଛି ସମୟ ଭିତରେ କାଠମାଫିଆଙ୍କ ସମେତ ୧୫-୨୦ ଜଣ ସମର୍ଥକ ସେଠାରେ ପହଞ୍ଚି ବନ କର୍ମଚାରୀଙ୍କୁ ମାରପିଟ କରିଥିଲେ। ଏଥିରେ ବନରକ୍ଷୀ ଶ୍ରୀ ହାଁସଦା ଆହତ ହୋଇଥିଲେ। ସେହିପରି ବନବିଭାଗର ପାଟ୍ରୋଲିଂ ଗାଡ଼ି ଭଙ୍ଗାରୁଜା କରିଥିଲେ।

ଖବର ପାଇ ନୀଳଗିରି ରେଞ୍ଜ ଅଧିକାରୀ ଶ୍ରୀ ଖାଁ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଜବତ କାଠ ଓ ଗାଡିକୁ ଛଡ଼ାଇ ନେଇଥିଲେ ମାଫିଆ। ଏ ନେଇ ରବିବାର ବରହମପୁର ପୁଲିସ ଓ ବନବିଭାଗ ପକ୍ଷରୁ ୧୨ ଘଣ୍ଟା ଧରି ତନାଘନା ପରେ ଟାଟା ଏସିଇ କାଠଗାଡ଼ିର ମାଲିକ ବରହମପୁର ଥାନା ଛତ୍ରପୁର ଅଞ୍ଚଳର ପ୍ରକାଶ ମହାପାତ୍ର ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାସହ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ନୀଳଗିରି ବ୍ଲକ କିଶୋରଚନ୍ଦ୍ରପୁର ପଞ୍ଚାୟତ ଟୁଲୁକ ଡାଙ୍ଗ ନିକଟ ରାସ୍ତା କଡରୁ ଉକ୍ତ ଟାଟା ଏସିଇ ଖାଲି ଗାଡିକୁ ବନବିଭାଗ ଜବତ କରିଛି।

**AFFIDAVIT**

By virtue of an Affidavit before Notary Public, Malkangiri, I, **Bhakta Pujari**, aged about 29 years, S/o.: Ghenu Pujari resident of Village: Tandikunda, PO.: Kamwada, P.S.: Orkel, Dist.: Malkangiri, Odisha, declare by this Affidavit No.: 3005/2025, Dated: 27.12.2025 that I have changed my name from Bhakta Pojari to **Bhakta Pujari.** Henceforth I shall be known as **Bhakta Pujari** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, dated 7th August,2024, I, Shiva Rao, S/o- Kelli Madhav Rao, resident of Machumara village, PO Mochamera, Gajapati Dist, Odisha, 761211 , vide affidavit number 362, Dated 07/08/2024 declare that I have changed my name from Shiva Rao to Kelli Shiva Srivatsa. Henceforth, I will be known as **Kelli Shiva Srivatsa** for all purposes.

**AFFIDAVIT**

By virtue of an affidavit (SL No.4007, date 28.11.2025) sworn before The Executive Magistrate, Pipili. I, **Mamina Nath,** W/o- Ganesh Nath, Address: Vill: Jagannathpur, PO: Haripur, PS: Pipili, Dist: Puri, PIN: 752104, Odisha declare that I have changed my minor son's name from **Datyaranjan Nath** to **Satyaranjan Nath.** Henceforth, he shall be known as **Satyaranjan Nath** (new name) for all purposes.

**Mamina Nath**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫି' ନାମରେ...

ନିର୍ଦ୍ଧାରିତ କରାଯାଉଛି। ସେହିପରି ଚଳିତ ବର୍ଷ ଓଡ଼ିଶାରେ ମଧ ବିଇଡି ପ୍ରବେଶିକା ପରୀକ୍ଷାର ଆନ୍‌ସାର୍-କୀକୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏଁ ଫି' ନିର୍ଦ୍ଧାରିତ କରାଯାଇଥିଲା। ମାତ୍ର ଓଟିଇଟି ପରୀକ୍ଷାର ଆନ୍‌ସାର୍-କୀ କୁ ଚ୍ୟାଲେଞ୍ଜ କରିବା ପାଇଁ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ୫୦୦ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯିବାକୁ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ବିରୋଧ କରିଛନ୍ତି। ଆନ୍‌ସାର୍-କୀରେ ଅନେକ ଭୁଲ୍ ଉତ୍ତର ଥିବାବେଳେ ସେଗୁଡ଼ିକୁ ଚ୍ୟାଲେଞ୍ଜ କରିବା ପାଇଁ ଛାତ୍ରଛାତ୍ରୀମାନେ ଏତେ ଟଙ୍କା କେଉଁଠୁ ପାଇବେ ବୋଲି ଅଭିଯୋଗ କରିଛନ୍ତି। ଚଳିତ ଥର ପ୍ରାୟ ୧ ଲକ୍ଷ ୭୦ ହଜାର ପିଲା ଓଟିଇଟି ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରୁ ପ୍ରାୟ୧୦ ରୁ ୧୨ ଟି ପ୍ରଶ୍ନର ଉତ୍ତର ଭୁଲ୍ ଦର୍ଶାଯାଇଥିବା ବହୁ ପରୀକ୍ଷାର୍ଥୀ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଜଣେ ପ୍ରାର୍ଥୀ ୧୦ ଟି ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୫ ହଜାର ଟଙ୍କା ଦେବାକୁ ପଡ଼ିବ। ରାଜ୍ୟରେ ବହୁ ଗରିବ ମେଧାବୀ ଛାତ୍ରଛାତ୍ରୀ ଥିବାରୁ ଏତେ ଟଙ୍କା ସେମାନେ ଦାଖଲ କରିବାକୁ ଅସମର୍ଥ ହେବେ। ଫଳରେ ନିଜେ ଠିକ୍ ଉତ୍ତର ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଟଙ୍କା ଅଭାବରୁ ସେମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେବେ। ଅପରପକ୍ଷରେ ସମୁଦାୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ଦୁଇ-ତୃତୀୟାଂଶ ଅର୍ଥାତ୍ ଲକ୍ଷେ ପିଲା ଗୋଟିଏ ଲେଖାଏଁ ଉତ୍ତରକୁ ଚ୍ୟାଲେଞ୍ଜ କଲେ ପ୍ରାୟ ୫ କୋଟି ଟଙ୍କା ବୋର୍ଡ ଆଦାୟ କରିବ। ବୋର୍ଡର ଆନ୍‌ସାର୍-କୀ ରେ ଏକାଧିକ ଭୁଲ୍ ଥିବାରୁ ଆବେଦନ ସଂଖ୍ୟା କମାଇବାକୁ ଏପରି ତାଲିବାନୀ ନିଷ୍ପତ୍ତି ନିଆଯାଇଛି ବୋଲି ମଧ୍ୟ ଅନେକ ଶିକ୍ଷୟତ୍ରୀ ଫେସବୁକ୍‌ରେ ମତବ୍ୟକ୍ତ କରୁଛନ୍ତି। ଏଣୁ ସରକାର ବୋର୍ଡର କାର୍ଯ୍ୟକଳାପ ଓ ନିଷ୍ପତ୍ତିକୁ ସମୀକ୍ଷା କରି ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଫି' ହ୍ରାସ କରିବାକୁ ଦାବି ହୋଇଛି।

### ତୃତୀୟ ପିଢ଼ି...

ସହ ଯୁବ ଓ ଛାତ୍ର ଶାଖାର ଏକ ସଶକ୍ତ କମିଟି ଅନୁମୋଦନ କରିଛନ୍ତି । ରାଜ୍ୟର ସବୁ ଅଞ୍ଚଳ ଓ ଜିଲ୍ଲାର ଦକ୍ଷ ଓ ପ୍ରତିଭାବାନ ଯୁବକ ଯୁବତୀମାନଙ୍କୁ ଏହି କମିଟିରେ ସ୍ଥାନିତ କରାଯାଇଛି। ରାଜ୍ୟ ବିଜେପି ସରକାରଙ୍କ ଅବହେଳା ଓ ସମ୍ବେଦନହୀନ ଶାସନ ବିରୋଧରେ ପ୍ରତ୍ୟେକ ସ୍ତରରେ ବିଜୁ ଯୁବ ଜନତା ଦଳ ରାଜ୍ୟବାସୀଙ୍କ ସ୍ୱର ହୋଇ ଦୃଢ ପ୍ରତିବାଦ କରିବ। ସେହିପରି ବିଜୁ ଛାତ୍ର ଜନତା ଦଳର ସଭାପତି ଇସ୍ପିତା ସାହୁ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ଆଇନଶୃଙ୍ଖଳା ସ୍ଥିତି ବିପନ୍ନ ହୋଇଛି। ମହିଳା ବିରୋଧୀ ହିଂସା ଓ ଛାତ୍ରୀମାନଙ୍କ ଉପରେ ଅତ୍ୟାଚାର ଉଦବେଗ ଜନକ ଭାବେ ବୃଦ୍ଧି ପାଇଛି। ଛାତ୍ର ସମାଜର ସ୍ୱାର୍ଥ ରକ୍ଷା କରିବା ପରିବର୍ତ୍ତେ ବିଜେପି ସରକାର ଛାତ୍ରବୃତ୍ତି ବନ୍ଦ କରିବା ଭଳି ପଦକ୍ଷେପ ନେଇଛନ୍ତି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦିଗଦର୍ଶନରେ ଛାତ୍ର ବିଜୁ ଜନତା ଦଳର ଏହି ନୂଆ କର୍ମକର୍ତ୍ତାମାନେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନ ବିରୋଧୀ କାର୍ଯ୍ୟ ଓ ବିଫଳତା ବିରୋଧରେ ସଶକ୍ତ ଲଢେଇ ଜାରି ରଖିବ। ସମସ୍ତ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ଦକ୍ଷ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ର ନେତାମାନେ ଏହି କମିଟିରେ ସ୍ଥାନ ପାଇଛନ୍ତି। ତୃଣମୂଳସ୍ତରରେ ଦଳର କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି କମିଟି ଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛୁ।

### ଦେଶ ସାରା...

ଆସୁଥିବା ଥଣ୍ଡା ପବନ ଓ ଦକ୍ଷିଣ (ଉଷ୍ମ ଅଞ୍ଚଳ) ରୁ ଆସୁଥିବା ଉଷ୍ମ ପବନ ଦ୍ୱାରା ପ୍ରବାହିତ ହୋଇଥାଏ। ଯେତେବେଳେ ବଙ୍କା ହୁଏ କିମ୍ବା ବୁଡିଯାଏ, ଏହା ଥଣ୍ଡା ଉତ୍ତର ବାୟୁକୁ ଭାରତକୁ ଟାଣିଆଣେ। କିନ୍ତୁ ଯଦି ଏହା ଧୀର ହୁଏ କିମ୍ବା ଗୋଟିଏ ସ୍ଥାନରେ ଅଟକି ଯାଏ, ତେବେ ଥଣ୍ଡା ବାୟୁ ସେଠାରେ ହିଁ ଫସିଯାଏ। ଏହା ଥଣ୍ଡାର ସ୍ଥିତିକୁ ଆହୁରି ଅନେକଦିନ ଜାରି ରଖିପାରେ ଓ ଥଣ୍ଡା ଲହରର ପ୍ରଭାବକୁ ବୃଦ୍ଧି କରେ। ସେହିପରି ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ,ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ସିକ୍କିମ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶରେ ଘନ କୁହୁଡି ଦେଖିବାକୁ ମିଳିଛି। ୨୩ଟି ରାଜ୍ୟରେ ଘନ କୁହୁଡିର ସତର୍କତା ଜାରି କରାଯାଇଛି। ଏହା ଦ୍ୱାରା ଟ୍ରେନ୍ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହେବା ଆଶଙ୍କା କରାଯାଉଛି। ପାଣିପାଗ ବିଭାଗ ଅନୁଯାୟୀ, ଆଗାମୀ ୫ ଦିନ ମଧ୍ୟରେ ଏହି ସବୁ ସ୍ଥାନରେ ତାପମାତ୍ରା ହ୍ରାସ ପାଇବ।

### ୧୦ ଡିଗ୍ରୀ ତଳେ...

ରେକର୍ଡ ହୋଇଛି। ଏହି ତାପମାତ୍ରା ସହ ଆଜି ରାଜ୍ୟର ମୋଟ୍ ୧୩ ସହରରେ ପାରଦ ୧୦ଡିଗ୍ରୀ ତଳେ ରହିଛି। ଅନ୍ୟପଟେ ରାଜ୍ୟରେ ଶୀତ ସାଙ୍ଗକୁ ଘନ କୁହୁଡ଼ି ନେଇ ପାଗ ଅନୁକୂଳ ରହିଛି। ଗତ ୨୪ ଘଣ୍ଟାରେ ଅନେକ ସ୍ଥାନରେ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଘନକୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଥିବାରୁ ପାଣିପାଗ କେନ୍ଦ୍ର ଚେତାବନୀ ଜାରି କରିଛି। ଏହା ସହିତ ୩ ଦିନ ପରେ ଶୀତରୁ ସାମାନ୍ୟ ଅସ୍ୱସ୍ତି ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ୩ ଦିନ ପରେ କିଛି ସ୍ଥାନରେ ତାପମାତ୍ରାରେ ସାମାନ୍ୟ ପରବର୍ତ୍ତନ ସହ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ଢେଙ୍କାନାଳ, ଫୁଲବାଣୀ ଓ ରାଉଲକେଲା ଭଳି ସହରରେ ଘନକୁହୁଡି ଦୃଶ୍ୟମାନ ହୋଇଛି। ସେହିପରି ଦେଶରେ ଉତ୍ତରାଖଣ୍ଡ, ମଣିପୁର, ତ୍ରିପୁରା ଓ ବିହାର ଆଦି ସ୍ଥାନରେ ଶୀତ ଲହରୀ ସହିତ ଦେଖିବାକୁ ମିଳିଛି। ଏହା ସହିତ ପଞ୍ଜାବ, ହରିଆଣା, ଚଣ୍ଡିଗଡ଼ ଓ ଉତ୍ତରପ୍ରଦେଶ ଆଦି ସ୍ଥାନରେ ଘନକୁହୁଡ଼ି ଦେଖିବାକୁ ମିଳିଛି। ଦୃଶ୍ୟମାନ କ୍ଷମତା ୫୦ ମିଟରରୁ ମଧ କମ୍ ରହିଥିବାର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ବଙ୍ଗ-କଳିଙ୍ଗ ସମ୍ପର୍କରେ...

ହେଉଥିବା ନିର୍ମମ ନିର୍ଯାତନା ଏବଂ ଦୁର୍ବ୍ୟବହାରକୁ ଦୃଢ଼ ନିନ୍ଦା କରିଛନ୍ତି ମମତା ବାନାର୍ଜୀ। ଓଡ଼ିଶାରେ ମୁର୍ଶିଦାବାଦ ଜିଲ୍ଲାର ଜାଙ୍ଗିପୁର ଅଞ୍ଚଳର କିଛି ପ୍ରବାସୀ ଶ୍ରମିକଙ୍କୁ ହଇରାଣ ଏବଂ ନିର୍ଯାତନା ଦିଆଯାଇଥିଲା। ଡିସେମ୍ବର ୨୪ ତାରିଖରେ ଓଡ଼ିଶାର ସମ୍ବଲପୁରରେ ଜାଙ୍ଗିପୁରର କପା କ୍ଷେତ୍ରର ଜଣେ ଯୁବ ପ୍ରବାସୀ ଶ୍ରମିକଙ୍କୁ ମାଡ଼ ମାରିବା ଦୁର୍ଭାଗ୍ୟଜନକ। ଓଡ଼ିଶାରେ ନିର୍ଯାତନାରୁ ଅତିଷ୍ଠ ଶ୍ରମିକମାନେ ମୁର୍ଶିଦାବାଦ ଘରକୁ ଫେରୁଛନ୍ତି। ମୁର୍ଶିଦାବାଦ ଯୁବକ ଜୁଏଲ ରାଣାଙ୍କ ମୃତ୍ୟୁ ଘଟଣାରେ ପଶ୍ଚିମବଙ୍ଗ ପୁଲିସ ଏକ ଜିରୋ ଏଫଆଇଆର ରୁଜୁ କରିଛି ବୋଲି ମମତା ବାନାର୍ଜୀ କହିଛନ୍ତି। ଓଡ଼ିଶାରେ ପଶ୍ଚିମବଙ୍ଗର ବୁଲା ବ୍ୟବସାୟୀ ଓ ଦିନ ମଜୁରିଆଙ୍କୁ ବଙ୍ଗଲାଦେଶୀ ଭାବେ ଅଭିହିତ କରାଯିବା ସହ ଆକ୍ରମଣ କରାଯାଉଛି। ଅନେକ ସମୟରେ ଗାଁ ଗହଳିରେ ପଶ୍ଚିମବଙ୍ଗର ଲୋକଙ୍କୁ ଆଧାର କାର୍ଡ ମଗାଯିବା ସହ ସେମାନଙ୍କୁ ଆକ୍ରମଣ କରାଯାଉଛି। ଏହି ପ୍ରସଙ୍ଗରେ ଗତ ୨ ବର୍ଷ ହେବ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକାଧିକ ବାର ଅସନ୍ତୋଷ ପ୍ରକାଶ କରିବା ସହ ଏହି ସମସ୍ୟାର ସମାଧାନ ପାଇଁ ମମତା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହାସହିତ ପଶ୍ଚିମବଙ୍ଗର ତୃଣମୁଳ କଂଗ୍ରେସ ସାଂସଦ ଡେରକ୍ ଓବରୟମଧ ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଓଡ଼ିଶାରେ ପଶ୍ଚିମବଙ୍ଗବାସୀଙ୍କ ସୁରକ୍ଷା ପାଇଁ ପୂର୍ବରୁ ଦାବି କରିଛନ୍ତି। ନିକଟରେ ପୁଣିଥରେ ତୃଣମୁଳ ସାଂସଦ ୟୁସୁଫ୍ ପଠାନ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖି ଓଡ଼ିଶାରେ ପଶ୍ଚିମବଙ୍ଗବାସୀଙ୍କ ଉପରେ ଆକ୍ରମଣ ହେଉଛି ଓ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ ପାଇଁ ଦାବି କରିଛନ୍ତି। ଏହାସହିତ ସାଂସଦ ମହୁଆ ମୌତ୍ର ମଧ ଅତୀତରେ ଓଡ଼ିଶାରେ ପଶ୍ଚିମବଙ୍ଗବାସୀଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ଭଳି ଅଭିଯୋଗ ଉଠାଇଛନ୍ତି।

ପଶ୍ଚିମବଙ୍ଗ ସରକାରର ମୁଖ୍ୟମନ୍ତ୍ରୀଙ୍କ ସମେତ ୩ ଜଣ ସାଂସଦ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଇବା ପରେ ମଧ ଏହାକୁ ଓଡ଼ିଶାରେ ରାଜନୈତିକ ସ୍ତରରେ ବିରୋଧ କରାଯାଇଛି। ବଡ଼ କଥା ହେଉଛି ଓଡ଼ିଶା ସରକାରଙ୍କ ଏକାଧିକ ମନ୍ତ୍ରୀ ଏଭଳି ପ୍ରସଙ୍ଗରେ ଆକ୍ରମଣାତ୍ମକ ମନ୍ତବ୍ୟ ଦେବାକୁ ପଛାଉ ନାହାନ୍ତି। ରାଜ୍ୟରେ ଯେଉଁଠାରେ ଲୋକେ ବୁଲା ବ୍ୟବସାୟୀଙ୍କୁ ଆଧାରକାର୍ଡ ମାଗିବା ସହ ଆକ୍ରମଣ କରୁଛନ୍ତି, ସେମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ କୌଣସି ତାଗିଦ କରାଯାଉ ନାହିଁ। ଯାହାର ପରିଣାମ ସ୍ୱରୂପ ଏବେ ପଶ୍ଚିମବଙ୍ଗରେ ରହୁଥିବା ଓଡ଼ିଆଙ୍କ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଯାଇଛି।

### ଦମ୍ପତି ମୃତ...

ମଧ ବିଷ ପିଆଇ ଦେଇଥିଲେ। ରାତିସାରା ସ୍ୱାମୀ-ସ୍ତ୍ରୀ ଓ ଶିଶୁପୁତ୍ର ରାସ୍ତାକଡ଼ ଜଙ୍ଗଲରେ ପଡ଼ି ରହିଥିଲେ। ସକାଳ ହେଉହେଉ ଶିଶୁପୁତ୍ରଟି କାନ୍ଦିକାନ୍ଦି ରାସ୍ତାକଡ଼କୁ ଚାଲି ଆସିଥିଲା। ଏହି ସମୟରେ କିଛି ସ୍ଥାନୀୟ ଲୋକ ତାକୁ ଦେଖି ପଚରାଉଚୁରା କରିବାରୁ ଘଟଣା ପଦାକୁ ଆସିଥିଲା। ସୂଚନା ପାଇ କୁଣ୍ଡେଇଗୋଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତିନିଜଣଙ୍କୁ ଉଦ୍ଧାର ଚିକିତ୍ସା ପାଇଁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁଷ୍ମନ୍ତଙ୍କୁ ମୃତ ଘୋଷଣା କରିଥିବା ବେଳେ ରିଙ୍କି ଓ ଶିଶୁ ପୁତ୍ରକୁ ଅଧିକ ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟାରେ ଚିକିତ୍ସାଧୀନ ରିଙ୍କିଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଶିଶୁପୁତ୍ରର ଅବସ୍ଥା ଉଦ୍‌ବେଗଜନକ ରହିବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପୁଲିସ ଦୁଷ୍ମନ୍ତଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଅନୁଗୋଳ ଥାନା ପୁଲିସ ରିଙ୍କିଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ସୂଚନା ମିଳିଛି। ଏହି ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପାରିବାରିକ ଅଶାନ୍ତିରୁ ଦମ୍ପତି ଏଭଳି ଚରମ ନିଷ୍ପତ୍ତି ନେଇଥିବା ସାଧାରଣରେ ଆଲୋଚନା ହେଉଛି।

### ଭରସା ହରାଉଛି...

ଅନୁସାରେ ୨୦୨୫ ର ୧୨ ମାସ ମଧ୍ୟରୁ ୮ ମାସ ବିଦେଶୀ ନିବେଶକମାନେ ସେୟାର ବିକ୍ରି କରିଛନ୍ତି। କେବଳ ଜାନୁଆରୀରେ ବିଦେଶୀ ନିବେଶକମାନେ ପ୍ରାୟ ୭୮ ହଜାର କୋଟିର ସେୟାର ବିକ୍ରି କରିଛନ୍ତି ଓ ମାର୍ଚ୍ଚ ସୁଦ୍ଧା ଏହି ପରିମାଣ ୧.୧୬ ଲକ୍ଷ କୋଟି ଅତିକ୍ରମ କରିଛି। ଏପ୍ରିଲରୁ ଜୁନ୍ ତ୍ରୟମାସିକ ମଧ୍ୟରେ ପ୍ରାୟ ୩୮,୦୦୦ କୋଟି ଟଙ୍କା ପ୍ରତ୍ୟାହାର ହୋଇଛି। ତେବେ ବିଦେଶୀ ନିବେଶକମାନଙ୍କ ଦ୍ୱାରା ସେୟାରରେ ଦ୍ରୁତ ବିକ୍ରି ସତ୍ତ୍ୱେ ଭାରତୀୟ ଷ୍ଟକ୍ ବଜାର କିଛି ପରିମାଣରେ ଅସ୍ଥିର ହୋଇଥିଲେ ହେଁ ବିଶେଷ ପ୍ରଭାବଶାଳୀ ସାବ୍ୟସ୍ତ ହୋଇନାହିଁ। ଘରୋଇ ସଂସ୍ଥାଗତ ନିବେଶକମାନେ ବଜାରକୁ ସମ୍ଭାଳି ନେଇଛନ୍ତି ଏବଂ କ୍ଷୁଦ୍ର ନିବେଶକମାନେ ଏସ୍‌ଆଇପି ମାଧ୍ୟମରେ ମ୍ୟୁଚୁଆଲ୍ ଫଣ୍ଡ ପ୍ରବାହକୁ ଗତିଶୀଳ କରି ରଖିଛନ୍ତି ।

**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି**

ପତ୍ର ସଂଖ୍ୟା - ୯୭୪ ତାରିଖ ୨୪.୧୨.୨୦୨୫

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି '୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା'-୨୦୨୬ ଆସନ୍ତା ତା ୧୪.୦୧.୨୦୨୬ ରୁ ୧୭.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ଭବାନୀପାଟଣା ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୧୭୦ ଗୋଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯିବ । ଷ୍ଟଲ ଗୁଡିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଗୁଡିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବସାଇଟ https://kalahandi.odisha.gov.in ରେ ପ୍ରକାଶ କରାଯାଇଅଛି । ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲ ଗୁଡିକ ଆବଣ୍ଟନ କରାଯିବ । ତା.୨୯.୧୨.୨୦୨୫ ରିଖରୁ ଷ୍ଟଲ ଆରକ୍ଷଣ କରିବା ଆରମ୍ଭ ହେବ ।

**ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି**

## ଖରିଫ ଧାନ କ୍ରୟକୁ ମାସେ ପୂରିଲା

# ବିକ୍ରି ହୋଇଛି ମାତ୍ର ୧୪ଲକ୍ଷ ୬୪ହଜାର କୁଇଣ୍ଟାଲ





**ଭବାନୀପାଟଣା, ୨୮ ।୧୨(ସମିସ)**

କଳାହାଣ୍ଡି ଜିଲ୍ଲାରେ ଧାନ କିଣାରେ ଟୋକନ ସମସ୍ୟା ଓ ମଣ୍ଡିରେ ମନ୍ଥର ପ୍ରକିୟାରେ ଚାଲିଥିବାସ୍ଥିତି ଚାଷୀଙ୍କୁ ନିରାଶ କରିସାରିଛି। କଳାହାଣ୍ଡି ଜିଲ୍ଲାରେ ଗତ ନଭେମ୍ବର ୨୯ ତାରିଖ ଶନିବାରରୁ ଖରିଫ ଧାନ ପାଇଁ ମଣ୍ଡିର ଶୁଭାରମ୍ଭ ହୋଇଥିଲା। ଇତିମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ଆଶା ନୁ ରୁପକ ଧାନ ଉଠି ପାରିନାହିଁ। ଯାହାକୁ ନେଇଁ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦବେଗ ପ୍ରକାଶ ପାଇଛି। ସରକାର ଧାନ ସଂଗ୍ରହକୁ ମନ୍ଥର ଗତିରେ ଚଳାଇବାକୁ କୁଆଡେ ନିର୍ଦ୍ଦେଶ ଆସିଛିବୋଲି ଚାଷୀଙ୍କ ପ୍ରଶ୍ନରେ ତହସିଲଦାର ଜଣେଇଛନ୍ତି। ଗୋଟିଏ ବ୍ଲକର ଏଭଳି କଥାକୁ ଅନୁଶୀଳନ କଲେ ଜଣାଯାଏ ସମସ୍ତଙ୍କ ସଳାସୁତ୍ରରାରେ ଚାଲିଛି। କେବଳ ଚାଷୀ ହଇରାଣ ହେବା ସାରହେଉଛି। ଜିଲ୍ଲା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାରେ ଶନିବାର ସୁଦ୍ଧା ୩୨, ୩୦୩ ଜଣ ଚାଷୀ ୧୪ଲକ୍ଷ ୬୪ ହଜାର ୧୧୧କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡ଼ିଛି। କେବଳ ଶନିବାର ଗୋଟିଏ ଦିନରେ ୩୦୪୪ଜଣ ଚାଷୀଙ୍କ ୧ଲକ୍ଷ ୩୮ ହଜାର ୭୬ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି।ଗତ ବର୍ଷ ଏହି ତାରିଖରେ ୨୯ହଜାର ୫୬୮ ଚାଷୀ ୧୩ ଲକ୍ଷ ୪୪ ହଜାର ୯୩୧ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିଲେ। ବର୍ତ୍ତମାନ ଜିଲ୍ଲାର ସମସ୍ତ ୨୩୦ଟି ମଣ୍ଡି ଖୋଲିଛି। କଳାହାଣ୍ଡି ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ବର୍ତ୍ତମାନ ଜିଲ୍ଲାର ହଜାର ହଜାର ଚାଷୀ ଚାଷୀ ଧାନ ବିକ୍ରି ଆଶାରେ ହାଡ଼ ଭଙ୍ଗା ଶୀତ କାକରରେ ମଣ୍ଡିରେ ପଡ଼ି ରହିଛନ୍ତି। ସେହିପରି ଅନେକ ଚାଷୀଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ଟୋକନ ତାରିଖକୁ ଜଗି ବସିଛନ୍ତି। କେବେ ସେମାନଙ୍କ ଟୋକନ ତାରିଖ ଆସିବ ଓ ସେମାନେ ଧାନ ବିକ୍ରି କରିବେ ସେ ନେଇଁ ଚିନ୍ତାରେ ରହିଛନ୍ତି। ବିଶେଷ କରି ଟୋକନ ବିଭ୍ରାଟକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀମାନେ ଅନ୍‌ଲାଇନରେ ପଞ୍ଜୀକରଣ କରିଥିବା ବେଳେ ଟୋକନ ନିମନ୍ତେ ମୋବାଇଲ ରେ ମେସେଜ ଆସିଛି। ହେଲେ ମଣ୍ଡିରେ ଏନେଇ କୌଣସି ତଥ୍ୟ ନଥିବା ଯୋଗୁଁ ଚାଷୀମାନେ ଧାନ ବିକି ପାରୁ ନାହାନ୍ତି। ପ୍ରଥମେ ଅଧିକ କୁଇଣ୍ଟାଲ ପାଇଁ ଟୋକନ ଆସୁଛି ସତ ପରବର୍ତ୍ତି ପର୍ଯ୍ୟାୟରେ ମାତ୍ର ୭/୮କୁଇଣ୍ଟାଲ ପାଇଁ ଟୋକନ ଆସୁଥିବାରୁ ଚାଷୀ ଏବେ ପ୍ରମାଦ ଗଣୁଛନ୍ତି। ସେହିପରି ଜଳସେଚିତ ଜମିରେ କିଛି ଚାଷୀଙ୍କ ଏକରପିଛା ମାତ୍ର ୧ କୁଇଣ୍ଟାଲ ୬ କିଲୋଗ୍ରାମ୍‌ର ଟୋକନ ଆସିଥିବା ଯୋଗୁଁ ସେମାନେ ଅଡୁଆରେ ପଡ଼ିଛନ୍ତି। ଖରିଫ ଧାନ ବିକ୍ରୟରେ ବିଳମ୍ବ ଓ ଚାଷୀ

### କଳାହାଣ୍ଡି ଉତ୍ସବ ପୂର୍ବରୁ ସ୍ଥିତିରେ ସୁଧାର ନ ଆସିଲେ ପରିସ୍ଥିତି ଜଟିଳ ହେବ

ହଇରାଣ ଜନ ପ୍ରତିନିଧିଙ୍କୁ ବ୍ୟଥିତ କରିଛି। ବିଜେଡିର ଫେକ୍ଟ ଫାଇଣ୍ଡିଙ୍ଗ ଟିମ ବିଭିନ୍ନ ମଣ୍ଡି ଗସ୍ତ କରିଛନ୍ତି। ସେହିଭଳି ସଦର ବିଧାୟକ ସାଗର ଚରଣ ଦାସ ଲଗାତାର ଭାବେ ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିଛନ୍ତି। ଗତବର୍ଷ ଅପେକ୍ଷା ଚଳିତ ଖରିଫରେ ଧାନ ବିକ୍ରି, ମଣ୍ଡିରେ ଅବ୍ୟବସ୍ଥା ଦ୍ୱିଗୁଣିତ ହୋଇଯାଇଛି। ସରକାର ଯଦି ପଦକ୍ଷେପ ନନେବେ ତେବେ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବା ନିଶ୍ଚିତବୋଲି ଜଣାପଡ଼ିଛି।

# ଅଜଣା ଗାଡ଼ି ଧକ୍କାରେ ମେଡିକାଲ କର୍ମଚାରୀଙ୍କ ମୃତ୍ୟୁ



**କୋକସରା, ୨୮ ।୧୨(ସମିସ) :** ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ କାଉଡୋଲା-ମହାଜନଗୁଡା ରାସ୍ତାରେ ଅଜଣା ଗାଡ଼ି ଧକ୍କା ଦେବାରୁ ଜଣେ ମେଡିକାଲ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତ ମେଡିକାଲ କର୍ମଚାରୀ ଜଣକ ଆମପାଣି ଗ୍ରାମର ସନ୍ତୋଷ ପଣ୍ଡା (ପପୁ, ୩୨)। ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେ ଆମପାଣିରୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡିୟୁଟି କରିବା ପାଇଁ ବାଇକ୍ ଯୋଗେ ଯାଉଥିବା ବାଟରେ କାଉଡୋଲା, ମହାଜନଗୁଡା ରାସ୍ତାରେ ତାଙ୍କ ବାଇକ୍‌କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଥିଲା। ରାସ୍ତାରେ ଯାତାୟାତ କରୁଥିବା ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି। ତାଙ୍କ ମୃତ୍ୟୁରେ ଆମପାଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଯୋଙ୍କ ପୁଲିସ ପକ୍ଷରୁ ରକ୍ତଦାନ ଶିବିର

**ନୂଆପଡ଼ା, ୨୮ ।୧୨ (ସମିସ):** ନୂଆପଡ଼ା ଜିଲ୍ଲା ଖରିଆରରୋଡ ଠାରେ ଯୋଙ୍କ ପୁଲିସ ସହ ଏନ୍‌ଏସି ତରଫରୁ ମିଳିତ ଭାବେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏସ୍‌ପି ଅମୃତ ପାଲ ସିଂ ମଧ୍ୟ ରକ୍ତଦାନ କରି ସ୍ୱେଚ୍ଛାସେବୀଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ବିଶେଷ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ରକ୍ତ ଅତ୍ୟାବଶ୍ୟକ ହୋଇଥିବା ବେଳେ ରକ୍ତଦାନ କରି ଅତନ୍ତ ଜୀବନରକ୍ଷା କରିବାରେ ସହାୟକ ହେବା ସୁସ୍ଥ ମାନବସମାଜ ଗଠନର ପରିଚୟ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଖରିଆରରୋଡ଼ ଯୋଙ୍କ ଥାନାଧିକାରୀ ପ୍ରଦୀପ କୁମାର ଧରୁଆ, ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ଉପାଧ୍ୟକ୍ଷା ନିଶାନ୍ତ ଡାଗା ପ୍ରମୁଖ ଯୋଗ ଦେଇଥିଲେ।



# ଆମ୍ବେଦକର ଭବନ ଉଦ୍‌ଘାଟିତ



**ଲାଞ୍ଜିଗଡ଼, ୨୮ ।୧୨(ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ନବନିର୍ମିତ ଆମ୍ବେଦକର ଭବନକୁ ରାଜ୍ୟସଭା ସାଂସଦ ସୁଜିତ କୁମାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟସଭା ସାଂସଦ ପାଣ୍ଠିରେ ନିର୍ମିତ ନବନିର୍ମିତ ଗୃହକୁ ସାଂସଦ ଶ୍ରୀ କୁମାର ଉଦ୍‌ଘାଟନ କରିଥିଲେ। ସାଂସଦଙ୍କ ସହିତ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକଙ୍କ ସହିତ ବିଡିଓ ଶଶାଙ୍କ ପାତ୍ର, କନିଷ୍ଠ ଯନ୍ତ୍ରୀ ସ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ମାଝୀ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ଉପଦେଷ୍ଟା ମନୋହର ହରପାଲ, ବ୍ଲକ ଶାଖା ସଭାପତି ଜଗଦୀଶ ବେନିଆ, କାର୍ଯ୍ୟକାରୀ ସଭାପତି ହରିହର କୁମାର, ସୁଶୀଲ କୁମାର ବାଗ, ଗୋପାଳଦାସ ମହାନନ୍ଦଙ୍କ ସହିତ କିଶୋର ହରପାଲ, ମନୋରଞ୍ଜନ ବିଶି, ତରୁଣ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୨୮ ।୧୨ (ସମିସ):** କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ଓ ସାଧାରଣ ସଭା ରିଷିଗାଁ ଡଙ୍ଗରିପଡ଼ାସ୍ଥିତ ଏସକେ ହିଲ୍ ଭ୍ୟୁ ଠାରେ ରବିବାର ଅନୁଷ୍ଠିତ ହୋଯାଇଛି। ସଂଘର ସଭାପତି ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସଭାପତି ପ୍ରଫେସର ଟହଲୁ ସାହୁ ମୁଖ୍ୟ ବକ୍ତା ଓ ଧର୍ମଗଡ଼ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ଯୁଗ୍ମ ସମ୍ପାଦକ ସବିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଗିରିଜା ଶଙ୍କର ବାବୁ ସ୍ୱାଗତ ଭାଷଣ ସହ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ।ବରିଷ୍ଠ ନାଗରିକ ମାନଙ୍କୁ ଜିଲ୍ଲା ଏସପିଙ୍କ ଦ୍ୱାରା ପରିଚୟ ପତ୍ର ପ୍ରଦାନ ଓ ଜିଲ୍ଲାରେ ବରିଷ୍ଠ ନାଗରିକ ସିକ୍ୟୁରିଟି ସେଲ୍‌ଫ ଗଠନ ନିମନ୍ତେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ସେହିପରି କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ନିମନ୍ତେ ସରକାରୀ ଜମି ଲିଜ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏହି ଉପଲକ୍ଷେ ଉଭୟ ପୁରୁଷ ଓ ମହିଳା ବର୍ଗରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତା ଗୁଡ଼ିକର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ୧୧ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ସୁମନ କୁମାର ରଥ ମଞ୍ଚ ପରିଚାଳନା କରିଥିଲେ ଓ ଉପସଭାପତି ମଳୟ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।




# ବୌଦ୍ଧ ଜିଲ୍ଲା ବିଜେଡିର ନୂତନ ଟିମ୍

**ବୌଦ୍ଧ, ୨୮ ।୧୨ (ସମିସ):** ବିଜୁ ଜନତା ଦଳ ପକ୍ଷରୁ ବୌଦ୍ଧ ଜିଲ୍ଲା ବିଜେଡିର ନୂଆ କମିଟି ଗଠିତ ହୋଇଛି। ଏ ନେଇ ଦଳ ପକ୍ଷରୁ ଏକ ତାଲିକା ପ୍ରକାଶ ପାଇଛି। ଏଥିରେ ବୌଦ୍ଧ ଜିଲ୍ଲାର ଉଭୟ କଣ୍ଟାମାଳ ଓ ବୌଦ୍ଧ ନିର୍ବାଚନମଣ୍ଡଳୀର କର୍ମକର୍ତ୍ତାଙ୍କ ନାମ ପ୍ରକାଶ ପାଇଛି। ତାଲିକାରେ ୩୫ଙ୍କ ନାମ ରହିଛି; ଯେଉଁମାନଙ୍କୁ ଉପସଭାପତି, ସାଧାରଣସମ୍ପାଦକ, ସମ୍ପାଦକ, କୋଷାଧ୍ୟକ୍ଷ ଭାବେ ଦଳ ଦାୟିତ୍ୱ ଦେଇଛି। ଉପସଭାପତି ବିଦ୍ୟାଧର ସ୍ୱାଇଁ, ପ୍ରଦୀପ ସାହୁ, ବିଜୟ ବାରିକ, ବାଳମୁକୁନ୍ଦ ମେହେର, ଜାନୀ ସେନାପତି, ସନ୍ତୋଷ ଦେହୁରୀ, ସୁବୋଧ ପ୍ରଧାନ, ମୃତ୍ୟୁଞ୍ଜୟ ମିଶ୍ରଙ୍କ ନାମ ରହିଛି।

ସାଧାରଣ ସମ୍ପାଦକ ଭବେ ଜ୍ୟୋତିରଞ୍ଜନ ସାହୁ, ପ୍ରଭାତ ପ୍ରଧାନ, ରାଧାକାନ୍ତ ପ୍ରଧାନ, କମଳ ବସ୍ତିଆ, ଧ୍ରୁବ ପ୍ରଧାନ, ଅଚ୍ୟୁତାନନ୍ଦ ପ୍ରଧାନ, ମୁରଲି ସେଠୀ, ବିଶ୍ୱଜିତ ମିଶ୍ର, ଶେଷଦେବ ମୁଦୁଲିଙ୍କୁ ଦାୟିତ୍ୱ ମିଳିଛି।

କୋଷାଧ୍ୟକ୍ଷ ଭାବେ ସନ୍ତୋଷ ନାୟକ, ସମ୍ପାଦକ ଭାବେ ରବିଚନ୍ଦ୍ର ପ୍ରଧାନ, ମହେନ୍ଦ୍ର ପ୍ରଧାନ, ଅଜିତ ମେହେର, ରମାକାନ୍ତ ସାହୁ, ହିମାଞ୍ଚଳ ରଣା, ଗୟା ମହାକୁଡ, ଅଶୋକ ସେଠୀ, ନିହାର ରଞ୍ଜନ ଘୋଷ, ବସନ୍ତ ବେହେରା, କୁଶଳେଶ୍ୱର କର୍ମୀ, ପ୍ରଭାତ ମହାକୁଡ, ଯୁବରାଜ ଦଣ୍ଡବାସୀ, ପିତାମ୍ବର ଭୋଇ, ପ୍ରତିଭା ସାହୁ, ସୁଶୀଳ ଦୀପ, ଦେବହରି ମହାକୁଡ, ବିଜୟ ମାହାର ପ୍ରମୁଖ ରହିଛନ୍ତି।

## ସରକାରୀ ମହାବିଦ୍ୟାଳୟ

# ୧୯୮୮ ବ୍ୟାଚ୍ କଳା ଛାତ୍ରଙ୍କ ବନ୍ଧୁମିଳନ



**ଭବାନୀପାଟଣା, ୨୮ ।୧୨(ସମିସ):** ସ୍ଥାନୀୟ ଜ୍ୟୋତି ଫାର୍ମରେ ସରକାରୀ ମହାବିଦ୍ୟାଳୟ ୧୯୮୮ ବ୍ୟାଚ୍ କଳା ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଅବସ୍ଥାନ କରୁଥିବା ବନ୍ଧୁବାନ୍ଧବୀ ସାମିଲ ହୋଇ ବିଭିନ୍ନ ସମାଜ ସଂସ୍କାରମୂଳକ କାର୍ଯ୍ୟରେ ଯୋଗଦାନ କରିଥିଲେ। 'ମାନବ ସେବା ହିଁ ମାଧବ ସେବା' ବୋଲି ବିଶ୍ୱାସ କରୁଥିବା ବନ୍ଧୁମାନେ ଲାଞ୍ଜିଗଡ଼ ଅନ୍ତର୍ଗତ ତେରେନାମ ଘାଟି ନିକଟସ୍ଥ ଆଦିବାସୀଗ୍ରାମ ଖାମ୍ବିରେ ୨୮୬ ଜଣ ଆଦିବାସୀଙ୍କୁ କମ୍ବଳ, ଶୀତ ବସ୍ତ୍ର, ଶାଢ଼ି, ସାର୍ଟ, ବାଲଟି ଆଦି ବଣ୍ଟନ କରିବା ସହିତ ସାମୂହିକ ଭୋଜନର ଆୟୋଜିତ ହୋଇଥିଲା।

# ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା-୩ ଉଦ୍‌ଯାପିତ

**ସମ୍ବଲପୁର, ୨୮ ।୧୨ (ସମିସ):** ବନ୍ଦନା ଆର୍ଟ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା-୩ ରବିବାର ସମ୍ବଲପୁର ଅମୃତ ବିହାର ସ୍ଥିତ ଗଙ୍ଗାଧର ମେହେର ଆର୍ଟ ଗ୍ୟାଲେରୀ ଠାରେ ଉଦ୍‌ଯାପିତ ହୋଇଛି। ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥି, ଗଙ୍ଗାଧର ମେହେର ବିଦ୍ୟାଳୟ ଉପକୁଳପତି ଡ. ଉମାଚରଣ ପତି, ଜିଏମୟୁ ଭୀମଭୋଇ ଚେୟାର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ପଣ୍ଡା, ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିର ପ୍ରିନ୍ସିପାଲ ଶାଲୁ ରାଜପୁତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ୫୭ ଜଣ ନାରୀ ଚିତ୍ରଶିଳ୍ପୀଙ୍କ ସମେତ ଚିତ୍ରାଙ୍କନ, ମେହେନ୍ଦି, ରଙ୍ଗୋଲି, ପୂଜା ଥାଳି, ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡାଙ୍କ ପରିଚାଳନା ଓ ଚିତ୍ରଶିଳ୍ପୀ ସାଂସ୍କୃତିକା ପୁରୋହିତଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ଅନୁଭା ମୁଣ୍ଡା, ମାହି ଯାଦବ, ମଧୂ ପଣ୍ଡିତ, ମେଘା ଯାଦବ, ଆଦର୍ଶ ବହିଦାର, ଦିପ୍ତିମୟୀ ପ୍ରଧାନ, ସମିର ମହାରଣା, ଆର୍ଯ୍ୟନ ଶର୍ମା, ଅଙ୍କିତା ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୫୭ ଜଣ ନାରୀ ଚିତ୍ରଶିଳ୍ପୀଙ୍କ ମୋଟ ୩ ଶହଟି ଚିତ୍ରକଳା ଏବଂ ହସ୍ତକଳା ପ୍ରଦର୍ଶିତ ହୋଇଥିଲା।

## କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ଦାବି

# ଜାନୁଆରୀ ଶେଷ ସୁଦ୍ଧା ସରକାର ଦାବି ପୂରଣ ନ କଲେ ଆନ୍ଦୋଳନ

**କୁଚିଣ୍ଡା, ୨୮ ।୧୨(ସମିସ):** କୁଚିଣ୍ଡା ଡିଭିଜନର କୁଚିଣ୍ଡା ଶ୍ରମିକଭବନରେ ରବିବାର ବିଡବ୍ଲୁଆଇ ସହାୟତାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସଚେତନତା ଶିବିର ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଥିଲା। ଶତାଧିକ ସଂଖ୍ୟାରେ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ଯୋଗ ଦେଇଥିଲେ। ସଭାରେ ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନଙ୍କର ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇ ଦାବି ପୂରଣରେ ସରକାର ଆହେତୁକ ବିଳମ୍ବ କରୁଥିବା ବକ୍ତାମାନେ ଅଭିଯୋଗ କରିଥିଲେ। ରାଜ୍ୟ ସମ୍ପାଦକ ଶ୍ରୀ ମୁର୍ତ୍ତୁଜା ଆଗାମୀ ଜାନୁଆରୀ ମାସରେ କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ ଅନୁପାତରେ ମାସିକ ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ମଜୁରୀ ବୃଦ୍ଧି ଏବଂ ବୋନସ ପରିମାଣ ବୃଦ୍ଧି ସରକାର ଜାନୁଆରୀ ଶେଷ ସୁଦ୍ଧା ଘୋଷଣା କରିବାକୁ ଦାବି କରିଥିଲେ। ସିଜିନାଲ କର୍ମଚାରୀଙ୍କ ଛଟେଇ, ଫଡ଼ି ଉଚ୍ଛେଦ ଆଦି ଶ୍ରମିକ ଓ ତୋଳାଳୀ ବିରୋଧୀ ବିଚାରରୁ ନିବୃତ୍ତ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ସହ ସଂଘ ପକ୍ଷରୁ ବଡ ଧରଣର ଆନ୍ଦୋଳନ ହେବ ବୋଲି ଘୋଷଣା କରିଥିଲେ। ସଭାକୁ କୁଚିଣ୍ଡା ଡିଭିଜନର କୋଷାଧ୍ୟକ୍ଷ ମିଳନ ପଲେଇ ପରିଚାଳନା କରିଥିଲେ। କୁଚିଣ୍ଡା ପଞ୍ଚାୟତ ଅଧ୍ୟକ୍ଷ ଭୁବନେଶ୍ୱର କିସାନ ଦାବି ହାସଲ ପାଇଁ ସମସ୍ତେ ସଂଗଠିତ ହେବାକୁ ଆହ୍ୱାନ ଜଣାଇଥିଲେ। ସଂଘର ରାଜ୍ୟ ସମ୍ପାଦିକା ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ପଦ୍ମାବତୀ କିସାନ ଜିଏସ୍‌ଟି ଉଚ୍ଛେଦ ତ ଲଢେଇରେ ସଂଘ ବିଜୟୀ ହୋଇଥିବା ବେଳେ ଜିଏସ୍‌ଟି ବାବଦରେ ସଂଗ୍ରହ ହୋଇଥିବା ଅର୍ଥକୁ ସରକାର ତୋଳାଳି କର୍ମଚାରୀ ମଧ୍ୟରେ ବଣ୍ଟନ କରନ୍ତୁ, ମୃତ୍ୟୁକାଳୀନ ସହାୟତା ବୃଦ୍ଧି କର ବୋଲି ଦାବି କରିଥିଲେ। ଆଗାମୀ ସିଜନରେ ସଠିକ ଭାବରେ କାଯ୍ୟ ସମ୍ପାଦନ କରିବାକୁ ଆହ୍ୱାନ କରିଥିଲେ। ସଭାରେ ବଦରମା ହେଡ଼ ଚେକର କୈଳାଶ ତାଉଦିଆ, ରେଞ୍ଜ ସମ୍ପାଦକ ବିରଞ୍ଚି ନାୟକ, ଜରଡ଼ା ରେଞ୍ଜ ସମ୍ପାଦକ ଫିଲମନ ଲୁଗୁନ, ସୋଲବଗା ହେଡ଼ଚେକର ଭିକାରି ନାୟକ, ବାମରା ରେଞ୍ଜ ଚୈତନ୍ୟ ମେହେର, ଶିବ ପଟେଲ, ହେମନ୍ତ ବଗର୍ତ୍ତୀ, ସୌଦାମିନୀ ନାୟକ, ବଲ୍ଲବୀ ପଟେଲ, ଜସ୍ମିନ ପଟେଲ, ସୁମିତା ବୁଡ଼, ସୁକୁନୁ ଗହୀର। ଶେଷରେ କୁଚିଣ୍ଡା ରେଞ୍ଜ ସମ୍ପାଦକ ପୁଷ୍ପକେତୁ ଦେଓ ସଭାକୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜ୍ଞାନସେନୀ ନେଗୀଙ୍କ ପରଲୋକ

**ଭବାନୀପାଟଣା, ୨୮ ।୧୨(ସମିସ):** ବ୍ରହ୍ମଣସମାଜ କଳାହାଣ୍ଡିର କୋଷାଧ୍ୟକ୍ଷ କ୍ଷିରୋଦ ନେଗୀଙ୍କ ମାତା ଯାଜ୍ଞସେନୀ ନେଗୀ (୭୮) ଙ୍କ ଭବାନୀପାଟଣାସ୍ଥିତ ବାସଭବନରେ ପରଲୋକ ହୋଇଛି।



ବ୍ରାହ୍ମଣସମାଜ କଳାହାଣ୍ଡି ପକ୍ଷରୁ ଦିବଙ୍ଗତ ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନାଜ୍ଞାପନ କରାଯାଇଛି। କଳାହାଣ୍ଡି ବ୍ରହ୍ମଣ ସମାଜର ବରିଷ୍ଠ ଉପସଭାପତି ଗଜେନ୍ଦ୍ର ପାଢ଼ୀ, ଭବେନ୍ଦ୍ର ପଣ୍ଡା, ସତ୍ୟନାରାୟଣ ମହାପାତ୍ର, ପ୍ରମୋଦ ଖମାରୀ, ପ୍ରଶାନ୍ତ ଠାକୁର ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ଥାନୀୟ ଶ୍ମଶାନ ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଥିବା ବେଳେତାଙ୍କ ପୁତ୍ର କ୍ଷୀରୋଦ ନେଗୀ ମୁଖାଗ୍ନି ଦେଇଥିଲେ।

# ରାସ୍ତା କାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ବୌଦ୍ଧ, ୨୮ ।୧୨(ସମିସ):** ପଲାସ ଛକରୁ ୫୭ ନମ୍ବର ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଭାୟା ରାଜନପାଲି ଓ ପାନୁଆ ସାହି ଦେଇ ମରାମତି କରାଯିବ। ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ରାସ୍ତା କାମ ପାଇଁ ୩ କୋଟି ୩୫ ଲକ୍ଷ ୯୮ ହଜାର ୪୫୭ ଟଙ୍କା ବ୍ୟୟ ବରାଦ କରାଯାଇଛି।

# କେଗାଁ ବନାଞ୍ଚଳ ପକ୍ଷରୁ ସଫେଇ ଅଭିଯାନ



**ଗୋଲାମୁଣ୍ଡା, ୨୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅନ୍ତର୍ଗତ କେଗାଁ ବନାଞ୍ଚଲ୍ ତରଫରୁ ଦସପୁର୍ ସେକ୍ସନ କମଲାବାରି ପିକନିକ୍ ସ୍ପଟ୍‌ରେ ଏକ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବିରୋଧରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ କମଲାବାରି ବନସୁରକ୍ଷା ସମିତିରେ ଥିବା ସଂରକ୍ଷିତ ଜଙ୍ଗଲ ଅତି ସୁନ୍ଦର ହୋଇ ଏକ ଛୋଟ ଝରଣା ବୋହି ଯାଉଛି। ଯାହାକି ପର୍ଯ୍ୟଟକଙ୍କୁ ପରିବେଶ ମୋହିତ କରୁଛି। ଏହି ସ୍ଥାନ କୁ ପ୍ରତି ବର୍ଷ ଶହ ଶହ ପର୍ଯ୍ୟଟକ ପିକନିକ କରିବା ପାଇଁ ଆସିଥାନ୍ତି ଏବଂ ପ୍ଲାଷ୍ଟିକ, ପାଣି ବୋତଲ, କୋଲ୍ଡଡ୍ରିଙ୍କ ବୋତଲ, ମଦ୍ୟପାନ ବୋତଲ ଇତ୍ୟାଦି ଫିଙ୍ଗି ଚାଲି ଯାଇଥାଆନ୍ତି। ଫଳରେ ପରିବେଶ ଦୂଷିତ ହୋଇ ଜଙ୍ଗଲର ଗଛ ଓ ମାଟିକୁ ନଷ୍ଟ କରିଥାଏ। ଭଙ୍ଗା କାଚ ବୋତଲରେ ଅନେକ ପଶୁ ପକ୍ଷୀ ଆଘାତ ହୋଇଥାନ୍ତି। କେଗାଁ ବନାଞ୍ଚଳ ପକ୍ଷରୁ ସଫେଇ ଅଭିଯାନ କରି ସମସ୍ତ କର୍ମଚାରୀ ଅଞ୍ଚଳର ସମସ୍ତ ଜାଗା ସଫାକରି ସମସ୍ତ ବନ ବିଭାଗ କର୍ମଚାରୀ ଓ ବନ ସୁରକ୍ଷା ସମିତି ଓ ପିଏନଜିଓ, ଏସଏଚ୍‌ଜି ମହିଳାମାନେ ସପଥ ପାଠ କରିଥିଲେ।

# ମାଁ ଭଣ୍ଡାରଘରଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ; ଭବାନୀପାଟଣା ଚାମ୍ପିଅନ

**ଧର୍ମଗଡ଼, ୨୮ ।୧୨(ସମିସ)**

ଧର୍ମଗଡ଼ରେ ମାଁ ଭଣ୍ଡାରଘରଣୀ କ୍ଲବ୍ ତରଫରୁ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମା'ଭଣ୍ଡାର ଘରଣୀ ଫୁଟବଲ କ୍ଲବର ପୂର୍ବତନ ଖେଳାଳିଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ସମାଜସେବୀ କିଶୋର ଅଗ୍ରୱାଲ, ସୁନିତା ଅଗ୍ରୱାଲ, ପୂର୍ବତନ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୁଶ୍ରୀ ହୀରା ବାଗ, ଗଜି ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ବରିଷ୍ଠ ସାମ୍ବାଦିକ ହୃଷିକେଶ ମିଶ୍ର, ହେମନ୍ତ ମାଝୀ, ଲକ୍ଷ୍ମୀକାନ୍ତ ଧଙ୍ଗଡ଼ାମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ଫାଇନାଲ ମ୍ୟାଚ ରେ ଟିଟିଲାଗଡ଼ ଦଳ ଓ ଭବାନୀପାଟଣା ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଉଭୟ ଦଳ ତରଫରୁ ୧-୧ ଗୋଲ ଦେଇ ମ୍ୟାଚ୍ ଡ୍ର ରହିଥିଲା। ଖେଳ ପରିଚାଳକଙ୍କ ନିଷ୍ପତ୍ତିକ୍ରମେ ପେନାଲ୍ଟି କିକ୍ କରି ଭବାନୀପାଟଣା ଦଳ (୪-୩) କିକ କରି ବିଜୟ ହାସଲ କରିଥିଲା। ଖେଳ ପରିଚାଳକ ଭାବେ ସଞ୍ଜୀବ ଦୁର୍ଗା ଖେଳ ପରିଚାଳନା କରିଥିବା ବେଳେ ତାପସ କୁମାର ଦାସ ଓ ଭବେନ୍ଦ୍ର ଗୋପଲ ଲାଇନ୍‌ରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଆୟୋଜକ କମିଟିର ସଭାପତି ଲକ୍ଷ୍ମୀକାନ୍ତ ଧଙ୍ଗଡ଼ାମାଝୀ, ରାଜେନ୍ଦ୍ର ମୁନି, ସମ୍ପାଦକ ସୁଶାନ୍ତ ସାହୁ, କୋଷାଧ୍ୟକ୍ଷ ବିକାଶ ଅଗ୍ରୱାଲ, ଅଜିତ କୁମାର ସେନା, ସୁବ୍ରତ ବେହେରା, ନନ୍ଦଲାଲ ବଛା, ମନୀଷ ଝା ପ୍ରମୁଖ ସହଯୋଗ କରିଥିଲେ।



## ସୁବର୍ଣ୍ଣପୁର ବିଜୁ ଜନତା ଦଳ ପୁନର୍ଗଠିତ

ଡୁଙ୍ଗୁରିପାଲି, ୨୮ ।୧୨(ସମିସ): ସୋନପୁର ଜିଲ୍ଲା ବିଜୁ ଜନତା ଦଳ ପୁନର୍ଗଠନ ହୋଇଛି । ଜିଲ୍ଲା ସଭାପତି ଭାବେ ସରୋଜ କର୍ଣ୍ଣଙ୍କୁ ଦାୟିତ୍ୱ ମିଳିଛି । ୧୧ ଜଣ ଉପସଭାପତି ୧୨ ଜଣ ସାଧାରଣ ସମ୍ପାଦକ ଓ ଜଣେ କୋଷାଧକ୍ଷଙ୍କ ସହ ୨୫ ଜଣ ସମ୍ପାଦକଙ୍କୁ ନିଯୁକ୍ତି ମିଳିଛି । ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଜାରି ହୋଇଥିବା ପତ୍ରରେ ସୂଚନା ଦିଆଯାଇଛି ଯେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବ୍ଲକରୁ ସନ୍ତୁଳନ କରି ଏହି ଜିଲ୍ଲାସ୍ତରୀୟ କମିଟି ପୁନର୍ଗଠନ କରାଯାଇଛି । ଏଥିରେ ଦଳର ବରିଷ୍ଠ ସଦସ୍ୟମାନଙ୍କୁ ଗୁରୁତ୍ୱ ଦିଆଯାଇଥିବା ଲକ୍ଷ୍ୟ କରାଯାଉଛି । ସୋନପୁର ପୌରପାଳିକା ଉପସଭାପତି ଭାବେ କୈରୁ ସ୍ୱାଇଁଙ୍କୁ ଦାୟିତ୍ୱ ମିଳିଛି । ମଧୁସୂଦନ ମିଶ୍ରଙ୍କୁ ସୋନପୁର ବ୍ଲକ, ଶୈଳେନ୍ଦ୍ର ସାହୁଙ୍କୁ ତରଭା ଏନଏସି, ରଣଜିତ ରାଧାଙ୍କୁ ବିରମହାରାଜପୁର ବ୍ଲକ, ହିମାଂଶୁ ତ୍ରିପାଠୀଙ୍କୁ ଉଲୁଣ୍ଡା ବ୍ଲକ, ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କୁ ବିରମରାଜପୁର ବ୍ଲକ, ମୃତ୍ୟୁଞ୍ଜୟ ପଧାନଙ୍କୁ ବିରମହାରାଜପୁର ବ୍ଲକ,

ସନ୍ତୋଷ ଭୁକ୍ତାଙ୍କୁ ଉଲୁଣ୍ଡା ବ୍ଲକ, ସୁବାଷ ଭୋଇଙ୍କୁ ବିନିକା ଏନଏସି, କିଶୋର ଚନ୍ଦ୍ର ହୋତାଙ୍କୁ ବିରମରାଜପୁର ବ୍ଲକ, ମକରଧ୍ୱଜ ସାହୁଙ୍କୁ ଡୁଙ୍ଗୁରିପାଲି ବ୍ଲକ ଉପ ସଭାପତି ଭାବେ ମନୋନୀତ କରାଯାଇଛି । ସେହିଭଳି ତରଭା ଏନଏସି ସାଧାରଣ ସମ୍ପାଦକ ଭାବେ ସୁବାଷ ଚନ୍ଦ୍ର ସେଠୀଙ୍କୁ ଦାୟିତ୍ୱ ମିଳିଛି । ବାସୁଦେବ ରାଣାଙ୍କୁ ସୋନପୁର ବ୍ଲକ, ମନୋରଞ୍ଜନ ପଧାନଙ୍କୁ ଡୁଙ୍ଗୁରିପାଲି ବ୍ଲକ, ପ୍ରକାଶ

### ୪୯ କର୍ମକର୍ତ୍ତାଙ୍କ ନାମ ଘୋଷଣା

ସାହୁଙ୍କୁ ଡୁଙ୍ଗୁରିପାଲି ବ୍ଲକ, ସତ୍ୟଞ୍ଜୀବ ମିଶ୍ରଙ୍କୁ ବିରମହାରାଜପୁର ବ୍ଲକ, ଚନ୍ଦ୍ରା ଚରଣ ଦାଶଙ୍କୁ ବିରମହାରାଜପୁର ବ୍ଲକ, ମୁଜଲିମିନ୍ ମହମ୍ମଦଙ୍କୁ ତରଭା ବ୍ଲକ, ଲଳିତ ପାତ୍ରଙ୍କୁ ବିରମରାଜପୁର ବ୍ଲକ, ଧୀରେନ୍ଦ୍ର ନାରାୟଣ ପଣ୍ଡାଙ୍କୁ ବିରମହାରାଜପୁର ବ୍ଲକ, ବିନୋବା ନନ୍ଦ ପ୍ରଧାନଙ୍କୁ ବିରମହାରାଜପୁର ବ୍ଲକ, କୃତ୍ତିବାସ ମିଶ୍ରଙ୍କୁ ଉଲୁଣ୍ଡା ବ୍ଲକ, ମନୋଜ ସାହୁଙ୍କୁ ବିରମରାଜପୁର ବ୍ଲକ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ଅନ୍ୟପକ୍ଷେ ସୋନପୁର ବ୍ଲକ ସମ୍ପାଦକ ଭାବେ ଆନନ୍ଦ ବିହାରୀ ଶତପଥୀଙ୍କୁ ଦାୟିତ୍ୱ ମିଳିଛି । ଗଣେଶ ଭୋଇଙ୍କୁ ଡୁଙ୍ଗୁରିପାଲି ବ୍ଲକ, ଅଶ୍ୱିନୀ ବିଶିଙ୍କୁ ତରଭା ବ୍ଲକ, ପ୍ରକାଶ ଚୌଧୁରୀ ସାହୁଙ୍କୁ ସୋନପୁର ପୌରପାଳିକା, ପ୍ରବୀଣ ନାଗଙ୍କୁ ତରଭା ବ୍ଲକ, ଶତ୍ରୁଘ୍ନ ପୃଷ୍ଟିଙ୍କୁ ତରଭା ବ୍ଲକ, ସଞ୍ଜୀବ ମିଶ୍ରଙ୍କୁ ସୋନପୁର ବ୍ଲକ, ରମେଶ ସାହୁଙ୍କୁ ବିନିକା ବ୍ଲକ, ଦୁର୍ଯ୍ୟୋଧନ ପାରିଡାଙ୍କୁ ଉଲୁଣ୍ଡା ବ୍ଲକ, ପ୍ରଦୀପ ସାଙ୍କୁ ଡୁଙ୍ଗୁରିପାଲି ବ୍ଲକ, ଗୌରା ସାହୁଙ୍କୁ ଉଲୁଣ୍ଡା ବ୍ଲକ ଦାୟିତ୍ୱ ଦିଆଯାଇଛି । ଧର୍ମେନ୍ଦ୍ର ଥାନପତି ଏବଂ ପ୍ରଶାନ୍ତ ପୂଜାରୀଙ୍କୁ ବିନିକା ବ୍ଲକ, ଜୟପ୍ରକାଶ ପଧାନଙ୍କୁ ବିନିକା ବ୍ଲକ, ବଶିଷ୍ଠ ଭରସାଗରଙ୍କୁ ବିନିକା ବ୍ଲକ, ସଞ୍ଜୀବ ଦେହୁରୀଙ୍କୁ ବିରମରାଜପୁର ବ୍ଲକ, ଦଶରଥା ପଧାନଙ୍କୁ ବିନିକା ବ୍ଲକ, ଗଙ୍ଗାଧର ମହାକୁଡ଼ଙ୍କୁ ଉଲୁଣ୍ଡା ବ୍ଲକ, କୃଷ୍ଣଚନ୍ଦ୍ର ପଣ୍ଡାଭ୍‌ଙ୍କୁ ବିନିକା ଏନଏସି, କାହ୍ନୁ ପାତ୍ରଙ୍କୁ ଡୁଙ୍ଗୁରିପାଲି ବ୍ଲକ, ମାନସ ବେହେରାଙ୍କୁ ବିନିକା ବ୍ଲକ, ଭୁବନ ଦନ୍ତାଙ୍କୁ ତରଭା ବ୍ଲକ, ଗୁନୁରାମ ମହାକୁଡ଼ଙ୍କୁ ବିରମରାଜପୁର ବ୍ଲକ, ଭୀମସେନ ସାହୁଙ୍କୁ ବିନିକା ଏନଏସି, ମାନଭଞ୍ଜନା ବେଦବାକଙ୍କୁ ସୋନପୁର ପୌରପାଳିକା ସମ୍ପାଦକ ଭାବେ ଚୟନ କରାଯାଇଛି । ପ୍ରହଲ୍ଲାଦା ନାୟକଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରଯାଇଛି ।

## ଆଧାର ନ ଥିବାରୁ ସବୁ ସରକାରୀ ସୁବିଧାରୁ ବଞ୍ଚିତ



- ଆଧାରକାର୍ଡ ଅପଡେଟ ସମସ୍ୟାରୁ ସରକାରୀ ଷ୍ଟାଇପେଣ୍ଡରୁ ବଞ୍ଚିତ
- ବିଦ୍ୟାଳୟ ମାଧ୍ୟମରେ ମିଳୁଥିବା ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ଯୋଜନାର ଲାଭ ମଧ୍ୟ ମିଳୁନି
- ରାସନ କାର୍ଡ ସହିତ ଆଧାର ସଂଯୋଗ ନ ହେବାରୁ ପରିବାର ମଧ୍ୟ ପ୍ରଭାବିତ
- ପୋଷ୍ଟ ଅଫିସ, ଜନସେବା କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟରେ ଏକାଧିକ ଥର ଆବେଦନ ସତ୍ତ୍ୱେ ଫଳ ଶୂନ୍
- ମ୍ୟାଟ୍ରିକ ପରୀକ୍ଷା ପାଇଁ ଫର୍ମପୂରଣ, ଆଡ୍‌ମିଟ୍ କାର୍ଡ ମିଳିବାରେ ବାଧା ସୃଷ୍ଟି ହେବା ଆଶଙ୍କା

ହରଭଙ୍ଗା, ୨୮ ।୧୨(ସମିସ)

ଆଧାର କାର୍ଡ ଅପଡେଟ ହେଉ ନ ଥିବାରୁ ଜଣେ ଦଶମ ଶ୍ରେଣୀ ଛାତ୍ରୀ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ (ରାମଗଡ଼)ରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ବର୍ଷା ରାଣୀ ସେଠୀ ଏବେ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଆଧାର କାର୍ଡ ଅପଡେଟ ସମସ୍ୟା କାରଣରୁ ବର୍ଷା ସରକାରୀ ଷ୍ଟାଇପେଣ୍ଡ ସହ ବିଦ୍ୟାଳୟ ମାଧ୍ୟମରେ ମିଳୁଥିବା ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ଯୋଜନାର ଲାଭ ମଧ୍ୟ ପାଇ ପାରୁନାହାନ୍ତି । ଏହା ସହ ରାସନ କାର୍ଡ ସହିତ ଆଧାର ସଂଯୋଗ ନ ହେବାରୁ ପରିବାର ମଧ୍ୟ ସରକାରୀ ଖାଦ୍ୟ ସୁରକ୍ଷା ଯୋଜନାର ବଞ୍ଚିତ ହୋଇଆସୁଛି । ସମସ୍ୟାର ସମାଧାନ ପାଇଁ ବର୍ଷାଙ୍କ ପରିବାର ପୋଷ୍ଟ ଅଫିସ, ଜନସେବା କେନ୍ଦ୍ର ଓ ବ୍ଲକ କାର୍ଯ୍ୟାଳୟରେ ଏକାଧିକ ଥର ଆବେଦନ କରିଥିଲେ ମଧ୍ୟ ଦୀର୍ଘ ଆଧାର ଅପଡେଟ ପ୍ରକ୍ରିୟା ସମ୍ପନ୍ନ ହୋଇ ନ ଥିବା ଅଭିଯୋଗ ହୋଇଛି । ଏହାର ପ୍ରତ୍ୟକ୍ଷ ପ୍ରଭାବ ଛାତ୍ରୀଙ୍କ ଶିକ୍ଷା ଓ ପରିବାରର ଜୀବନଜୀବିକା ଉପରେ ପଡୁଛି । ମ୍ୟାଟ୍ରିକ ପରୀକ୍ଷା ନିକଟ ହୋଇ ଆସୁଥିବାରୁ ଆଧାର ସମସ୍ୟା ନେଇ ପରୀକ୍ଷା ଫର୍ମ ପୂରଣ, ହଲ୍ ଟିକେଟ କିମ୍ବା ଅନ୍ୟାନ୍ୟ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବା ଆଶଙ୍କାରେ ବର୍ଷା ଓ ତାଙ୍କ ପରିବାର ଚିନ୍ତିତ ହୋଇ ପଡ଼ିଛନ୍ତି ।

## ବେଆଇନ ଗଞ୍ଜେଇ ଚାଷ ନଷ୍ଟ

ଶଡଡା, ୨୮ ।୧୨(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ପୁଲିସ ବିଜାପଦର ଗ୍ରାମ ନିକଟ ଜଙ୍ଗଲ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରିଛି । ସେହିପରି କଣ୍ଟାମାଳ ପୁଲିସ ପକ୍ଷରୁ ଅରଖପଦର ଓ ଗହୀରକନା ଗ୍ରାମ ନିକଟ ଜଙ୍ଗଲର ବେଆଇନ ଭାବେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି ।

## ଭାରସାମ୍ୟ ହରାଇ ଗ୍ୟାରେଜରେ ପଶିଗଲା କାର୍

- ଦୁଇ ଗୁରୁତର

ବୌଦ୍ଧ, ୨୮ ।୧୨(ସମିସ): ବୌଦ୍ଧ ଥାନା ବଘିଆପଡ଼ାରେ ଭାରସାମ୍ୟ ହରାଇ ଏକ ଗ୍ୟାରେଜ୍ ମଧ୍ୟକୁ ଗୋଟିଏ କାର୍ ପଶି ଯାଇଛି । କାରରେ ଥିବା ଦୁଇ ଜଣ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଟିକରପଡ଼ା ପଟୁ ବଘିଆପଡ଼ା ଆଡକୁ କାରଟି ଦ୍ରୁତ ଗତିରେ ଆସୁଥିଲା । ବଘିଆପଡ଼ା ନୂଆସାହି ନିକଟରେ ଭାରସାମ୍ୟ ହରାଇଥିଲା । ଗୋଟିଏ ଦୁଇ ଚକିଆ ଯାନ ମରାମତି ଗ୍ୟାରେଜ୍ ମଧ୍ୟକୁ ପଶି ଯାଇ ପଛ ପଟରେ ବାହାରି ଓଲଟି ପଡ଼ିଥିଲା । କାରରେ ଥିବା ୫ ଜଣଙ୍କ ମଧ୍ୟରୁ ୨ ଜଣ ଗୁରୁତର ଆହତ ହୋଇଥିଲେ । ଅନ୍ୟ ୩ ଜଣ ଘଟଣା ସ୍ଥଳରୁ ଫେରାର ମାରିଛନ୍ତି । ବଘିଆପଡ଼ା ପୁଲିସ ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇବା ସହ କାର୍ ଜବତ କରିଛି ।

## ବିନିକା ଏନ୍‌ଏସି ରାତ୍ରି ଜଗୁଆଳିଙ୍କ ପରଲୋକ

- କାର୍ଯ୍ୟାଳୟରେ ଶୋଇଥିବାବେଳେ ଚାଲିଗଲେ

ବିନିକା, ୨୮ ।୧୨(ସମିସ): ସକାଳ ହେଲା; ହେଲେ ରାତ୍ର ଜଗୁଆଳି ନିଦରୁ ଉଠି ନ ଥିଲେ । ଏଣୁ ସଫେଇ କରିବାକୁ ଆସିଥିବା କର୍ମଚାରୀଙ୍କ ସନ୍ଦେହ ହୋଇଥିଲା । ସେମାନେ ତାଙ୍କୁ ଉଠାଇବାକୁ ଯାଇଥିଲେ; ହେଲେ ସେ ସେମିତି ଶୋଇ ରହିଥିଲେ । ଏହାପରେ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ବିନିକା ଡାକ୍ତରଖାନା ନିଆଯାଇଥିଲା । ଡାକ୍ତର ଯାଞ୍ଚ କରି ମୃତ ଘୋଷଣା କରିଥିଲେ । ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଏଭଳି ଘଟଣା ଘଟିଛି । ମୃତକ ହେଲେ ସହରର ଜଗନ୍ନାଥ ବାଗ । ସେ ବିନିକା ଏନଏସିରେ ଝାଡୁଦାର ପଦବୀରେ ଥିଲେ । ଏହାସହ କାର୍ଯ୍ୟାଳୟରେ ରାତ୍ର ଜଗୁଆଳି ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରି ଆସୁଥିଲେ । ସବୁଦିନ ପରି ଶନିବାର ରାତିରେ ସେ ଘରୁ ଖାଇ ସାରି ଏନଏସି ଅଫିସକୁ ଜଗିବାକୁ ଆସିଥିଲେ । ରବିବାର ସକାଳୁ କିନ୍ତୁ ଉଠି ନ ଥିଲେ । ଅନ୍ୟ ସଫେଇ କର୍ମଚାରୀମାନେ ଆସି ଡାକ ପକାଇଥିଲେ । ସେ କିନ୍ତୁ ଶୁଣି ନ ଥିଲେ । କର୍ମଚାରୀମାନେ ଯାଇ ଉଠାଇ ଥିଲେ । ସେ କିନ୍ତୁ ସେମିତି ହୋଇ ପଡ଼ି ରହିଥିଲେ । ଏହାପରେ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା ଡାକ୍ତର ଦେଖିବା ପରେ ମୃତ ଘୋଷଣା କରିଥିଲେ ।

## ଶଗଡ଼ା ପ୍ୟାକ୍ସ ପକ୍ଷରୁ ଧାନକିଣା ଶୁଭାରମ୍ଭ



ଶଗଡା, ୨୮ ।୧୨(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ଶଗଡ଼ା ପ୍ୟାକ୍ସ ପକ୍ଷରୁ ଚଳିତ ଖରିଫ ଋତୁର ଧାନକ୍ରୟର ଆଜି ଶୁଭାରମ୍ଭ ହୋଇଛି । ପ୍ୟାକ୍ସ ସମ୍ପାଦକ ଗଜେନ୍ଦ୍ର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ୟାକ୍ସ ସଭାପତି ସଞ୍ଜୀବ କର୍ଣ୍ଣ, ଶଗଡ଼ା ସମିତି ସଭ୍ୟ କୁନୁ ଦନ୍ତା, ନିରଞ୍ଜନ ମାଝୀ, ଉମାଶଙ୍କର ଛନ୍ଦ, ସାରଦା ଜାନିଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ସୁଶାନ୍ତ ଛନ୍ଦ ଓ ଲିପୁନ ଭୋକ୍ତାଙ୍କ ନିକଟରୁ ୧୫୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ପ୍ୟାକ୍ସ ସମ୍ପାଦକ ଗଜେନ୍ଦ୍ର ମାଝି ସୂଚନା ଦେଇଛନ୍ତି ।

## ଜେଏନ୍‌ଭି ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

- ଏକାଦଶ ଶ୍ରେଣୀ ଛାତ୍ର ରିତେଶ କୁଅଁର ପ୍ରଥମ ଅଭିଜିତ ସ୍ମୃତି ସମ୍ମାନରେ ସମ୍ମାନିତ




ତରଭା, ୨୮ ।୧୨(ସମିସ): ତରଭା ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ୧୮ ତମ ପୂର୍ବତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ରବିବାର ଧୁମଧାମରେ ପାଳିତ ହୋଇଛି । ବିଦ୍ୟାଳୟର ଅଧକ୍ଷ ନିଶିକାନ୍ତ କେଶବ ସାମକୁଓରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟରୁ ପଢ଼ି ସାରିଥିବା ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ ବିକ୍ରମକେଶରୀ ଭୋଇ, ସୂର୍ଯ୍ୟପ୍ରକାଶ ମହାନ୍ତି, ରବି ଶଙ୍କର ଝା, ପୂର୍ବତନ ଛାତ୍ର ପ୍ରକାଶ ଡାଙ୍ଗ, ପ୍ରେମଲାଲ ସେଠ୍, ଡ. ଆଶୁତୋଷ ମିଶ୍ର, ଡ. ଶୁବାଶିଷ ବାରିକ, ଓଜସ୍ୱୀ ତାଣ୍ଡି ଓ ରାମଚନ୍ଦ୍ର ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ । ଶଙ୍କର୍ଷଣ ସାହୁ କବିତା ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ । ବରିଷ୍ଠ ଶିକ୍ଷକ ବିକ୍ରମ କେଶରୀ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପୂର୍ବତନ ଛାତ୍ର ଡ. ଆଶୁତୋଷ ମିଶ୍ର, ଶୁଭାଶିଷ ବାରିକ ମଞ୍ଚ ପରିଚାଳନା କରିଥିଲେ । ଶ୍ରେଷ୍ଠ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସମସ୍ତ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଏକାଦଶ ଶ୍ରେଣୀ ଛାତ୍ର ରିତେଶ କୁଅଁରଙ୍କୁ ପ୍ରଥମ ଥର ଅଭିଜିତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ବିନିକାର ବରିଷ୍ଠ ସାମ୍ବାଦିକ ଅକ୍ଷୟ ପୂଝାରୀଙ୍କ ପୁଅ ଅଭିଜିତ ୨୦୧୦ ରୁ ୨୦୧୭ ପର୍ଯ୍ୟନ୍ତ ତରଭା ଜେଏନଭିର ଛାତ୍ର ଥିଲେ । ସେ ଜଣେ ମେଧାବୀ, ନିର୍ଭିକ, ପରୋପକାରୀ, କ୍ରୀଡ଼ାବିତ, ଜଣେ ଉଚ୍ଚକୋଟୀର ସଙ୍ଗୀତଜ୍ଞ, କଳାକାର ଥିଲେ । ଦିଲ୍ଲୀରେ ରହି ସର୍ବ ଭାରତୀୟ ପ୍ରଶାସନିକ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଉଥିବା ବେଳେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ୨୦୨୧ ମସିହା ଅକ୍ଟୋବର ୧୨ ତାରିଖ ତାଙ୍କର ମୃତ୍ୟୁ ଘଟିଥିଲା । ଏହି କାର୍ଯ୍ୟକ୍ରମରେ ସହପାଠୀମାନେ ଅଭିଜିତଙ୍କୁ ସ୍ମରଣ କରିବା ସହ 'ଅଭିଜିତ ପୂଝାରୀ ସ୍ମୃତି ସମ୍ମାନ' ସମ୍ପର୍କରେ କହିଥିଲେ । ବିଦ୍ୟାଳୟର ପ୍ରତିଭାବାନ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ ପଟେଲ, ବିଶ୍ୱଜିତ୍ ଛତ୍ରିଆ, ପ୍ରବୀର ମଲ୍ଲିକ, ମନୋଜ ମେହେର, ରାକେଶ ଦାସ, ବିକାଶ ସାହୁ, ମନମୋହନ ପଟେଲ, ଧରମବୀର ସିଂହ, ଫୈଜଲ ପରୱେଜ, ମାନସ ସାହୁ, ରାକେଶ ଭୋଇ, ରାକେଶ ଦାସ, ଶିକ୍ଷୟିତ୍ରୀ ଲିପସୀତା ମିଶ୍ର, ମନୀଷା ସୋନି, ପ୍ରିୟଦର୍ଶନୀ ରାଉତ, ଶୁଭଶ୍ରୀ ସାହୁ, ଶିଲ୍ପୀ କୁମ୍ଭାର, କବିତା ଦୋହରେ, ବିଜୟା ରାଣୀ, ସଙ୍ଗୀତ ଶିକ୍ଷୟିତ୍ରୀ ସ୍ୱପ୍ନା ଗୁପ୍ତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

- ବୌଦ୍ଧ ଜିଲ୍ଲା ହାବିଲଦାର କନେଷ୍ଟବଳ ସଂଘ ନିର୍ବାଚନ

## ବୁଲୁ ମିଶ୍ର ସଭାପତି; ରଞ୍ଜିତ ପଣ୍ଡା ସମ୍ପାଦକ



ବୌଦ୍ଧ, ୨୮ ।୧୨(ସମିସ): ବୌଦ୍ଧ ଜିଲ୍ଲା ହାବିଲଦାର ଓ କନଷ୍ଟବଲ ସଂଘର ନିର୍ବାଚନ ଶେଷ ହୋଇଛି । ସଭାପତି ଭାବେ ବୁଲୁ କୁମାର ମିଶ୍ର ଓ ସମ୍ପାଦକ ଭାବେ ରଞ୍ଜିତ କୁମାର ପଣ୍ଡା ନିର୍ବାଚିତ ହୋଇଛନ୍ତି ।

ସେହିପରି ଉପସଭାପତି ଭାବେ ଆଲୋକ ସିଂ କହଁର, ସହସମ୍ପାଦକ ଭାବେ ଷଣ୍ଡେଶ୍ୱର କର୍ଣ୍ଣ, କୋଷାଧକ୍ଷ ଭାବେ ଯୋଶବନ୍ତ ପ୍ରଧାନ ନିର୍ବାଚିତ ହୋଇଛନ୍ତି । ସଦସ୍ୟ ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ, ନାରାୟଣ ସାହୁ, ମମତା କହଁର, ରଞ୍ଜିତ ଝାଙ୍କର, ଜଗତ ମୋହନ ନାୟକ ନିର୍ବାଚିତ ହୋଇଛନ୍ତି ।

## ବୌଦ୍ଧ ଜିଲ୍ଲା କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ



ବୌଦ୍ଧ, ୨୮ ।୧୨(ସମିସ): ବୌଦ୍ଧ ଜିଲ୍ଲା କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଡକ୍ଟର ବୈରାଗୀ ଚରଣ ପଟ୍ଟନାୟକ, ମଦନମୋହନ ଖେତି, ଜ୍ୟୋତିର୍ମୟୀ କହଁର, ଟଙ୍କଧର ସାହୁ, ରାଧାମୋହନ ମାହାଣା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ ।

ଶ୍ରୀ କାର୍ତ୍ତିକେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ରଶ୍ମିତା ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ରାଜୀବ ନାୟକ, ମହାଦେବ ପ୍ରଧାନ, ଗୋପାଳ କୃଷ୍ଣ ବେହେରା, ଦୀନବନ୍ଧୁ ସାହୁ, ପ୍ରେମଲତା ସାହୁ, ଆକାଶ ସାହୁ, ଡ. ଧିରେନ ମିଶ୍ର, ବୃନ୍ଦାବନ କୁମ୍ଭାରଙ୍କୁ ସମ୍ମାନିତ କରାଯାଇଥିଲା । ରାଜକୁମାର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ପ୍ରଥମ ଅରୁଣ ଗିରି ସ୍ମାରକୀ କ୍ରିକେଟ ପ୍ରତିଯୋଗିତା

## ମନମୁଣ୍ଡା ଚାମ୍ପିଅନ

ପଲଶାଗୋରା, ୨୮ ।୧୨(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ୟଙ୍ଗ ଷ୍ଟାର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରଥମ ସ୍ୱର୍ଗତ ଅରୁଣ ଗିରି କ୍ରିକେଟ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସର ଫାଇନାଲ ମ୍ୟାଚ ମନମୁଣ୍ଡା ଓ ବାଲିଜୁରୀ (ସୁବର୍ଣ୍ଣପୁର) ଦଳ ମଧ୍ୟରେ ତିନୋଟି ଫର୍ମାଟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଫର୍ମାଟ ୧୦ଓଭର ବିଶିଷ୍ଟ ମ୍ୟାଚରେ ମନମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୫ଉଇକେଟ ହରାଇଥିଲା । ଅଂଶୁମାନଙ୍କ ଅପରାଜିତ ୧୦୬ ରନ ସହାୟତାରେ ୧୨୯ ରନ କରିଥିଲା । ଜବାବରେ ବାଲିଜୁରୀ ଦଳ ସମସ୍ତ ଉଇକେଟ ହରାଇ ୮୬ ରନ୍ ସଂଗ୍ରହ କରି ୪୨ରନରେ ପରାସ୍ତ ହୋଇଥିଲା । ଦ୍ୱିତୀୟ ଫର୍ମାଟ ୬ଓଭର ବିଶିଷ୍ଟ ମ୍ୟାଚରେ ବାଲିଜୁରୀ ଦଳ ୪ଉଇକେଟରେ ୮୯ ରନ୍ କରିଥିଲା । ଜବାବରେ ମନମୁଣ୍ଡା ଦଳ ୬ ଓଭରରେ ୬ଉଇକେଟ ହରାଇ ୭୧ କରି ୧୬ରନରେ ପରାସ୍ତ ହୋଇଥିଲା । ତୃତୀୟ ଫର୍ମାଟ ଗୋଟିଏ ଓଭର ଲେଖାଏଁ ଖେଳରେ ବାଲଜୁରୀ ପ୍ରଥମେ ବ୍ୟାଟିଂ କରି ୮ ରନ୍ କରିଥିଲା । ଜବାବରେ ମନମୁଣ୍ଡା ଦଳ ୪ଟି ବଲ୍‌ରେ ଆବଶ୍ୟକ ରନ୍ ସଂଗ୍ରହ କରି ପଟି ଫର୍ମାଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ଗୌରୀଶଙ୍କର ମିଶ୍ର, ଆଲୋକ ମିଶ୍ର ଓ ସଦାନନ୍ଦ ସାହୁ, ଆକାଶ ପ୍ରଧାନ ପରିଚାଳନା କରିଥିଲେ । ଶିକ୍ଷକ ଗୋବିନ୍ଦ ମହାକୁଡ଼ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଶିକ୍ଷକ ବିବେକାନନ୍ଦ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ରୁଣ୍ଡିମହୁଲ ସେବା ସମବାୟ ସମିତି ସଭାପତି ସୁଧୀର ଖଟୁଆ, ଅବସରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମଲିକ, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଲବ ପ୍ରଧାନ, ଯୁବନେତା କୁନ୍ଦନ ଦନ୍ତା, ସନ୍ତୋଷ ଦନ୍ତା, ଶିକ୍ଷକ ଅଜିତ ଗିରି, ଜିଲ୍ଲା କ୍ରିକେଟ ସଂଘ ସଦସ୍ୟ ରାମଚନ୍ଦ୍ର ମଲିକ, କ୍ରିକେଟ ପ୍ରେମୀ ଆର୍ତ୍ତ ନାଗ ଯୋଗ ଦେଇଥିଲେ । ବିଜୟୀ ମନମୁଣ୍ଡା ଦଳକୁ ୩୦ହଜାର ଟଙ୍କା ଓ ଟ୍ରଫି ଏବଂ ଉପବିଜେତା ବାଲିଜୁରୀ ଦଳକୁ ୨୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ମନମୁଣ୍ଡା ଦଳର ଖେଳାଳି ରିଙ୍କୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ତାପସଙ୍କୁ ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଦିଲେଶ୍ୱର ରଣାଙ୍କୁ ବେଷ୍ଟ ଭଲ୍ୟୁଣ୍ଟିୟର ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବକୁ ବିବେକାନନ୍ଦ ମହାକୁଡ଼ ପରିଚାଳନା କରିଥିଲେ । ଖେଳ ପରିଚାଳନାରେ କ୍ଲବର ଡିକି ପ୍ରହରାଜ, ମୁନା ସାହୁ, ପ୍ରଶାନ୍ତ ପ୍ରଧାନ, ମନୋଜ କୁମାର ଦନ୍ତା, ଦିଲେଶ୍ୱର ରଣା, ସୁବ୍ରତ ପ୍ରଧାନ, ମଳୟ ସାହୁ, କଳାକାର ଦଳବେହେରା, ବୀରେନ୍ଦ୍ର ପ୍ରଧାନ, ରାଜିନ୍ଦ୍ର ମହାକୁଡ଼ଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## କଣ୍ଟାମାଳ, ବିନିକାରେ କଂଗ୍ରେସର ପ୍ରତିଷ୍ଠା ଦିବସ




ମନମୁଣ୍ଡା/କଣ୍ଟାମାଳ, ୨୮ ।୧୨(ସମିସ): କଣ୍ଟାମାଳ କଲ୍ୟାଣ ମଣ୍ଡପରେ ଆଜି କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କଣ୍ଟାମାଳ ବ୍ଲକ କଂଗ୍ରେସ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ପ୍ରଥମ ମହିଳା କଂଗ୍ରେସ ସଭାପତି ବିନ୍ଧ୍ୟାବିନୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତା ଓକିଲ ପ୍ରଶାନ୍ତ ସାହୁ, ସୁଶାନ୍ତ ମଲ୍ଲିକ, ଉଦ୍ଧବ ବେହେରା, ନିବାସ ବାରିକ, ଚିଦାନନ୍ଦ କହଁର, ଶୁକ ମଙ୍ଗରାଜ, ସୁନାଧର ପୁଟେଲ, ନିତ୍ୟାନନ୍ଦ କର୍ମୀ, ଘଣ୍ଟାପଡ଼ା ସରପଞ୍ଚ ରୀତା କହଁର ପ୍ରମୁଖ ଯୋଗ ଦେଇଥିଲେ ।



ବିନିକା: ଭାରତୀୟ ଜାତୀୟ କଂଗ୍ରେସ ବିନିକା ଶାଖା ତରଫରୁ ମଧ୍ୟ ଦଳର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ବିନିକା ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତା ଏଥିରେ ଅଧକ୍ଷତା କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲା କିସାନ ମୋର୍ଚ୍ଚା ସଭାପତି ସଂଗ୍ରାମ କେଶରୀ ନାୟକ, ନଗର ସଭାପତି ଉମାକାନ୍ତ ଦୀପ, ବରିଷ୍ଠ କଂଗ୍ରେସ ନେତା ସ୍ୱପ୍ନେଶ୍ୱର ପୃଷ୍ଟି, ନରେନ୍ଦ୍ର ସାହୁ, ଶିବ ପ୍ରସାଦ ଖମାରୀ, ପ୍ରଦୀପ ସେଠୀ, ରଶ୍ମିରଞ୍ଜନ ବିଶି, ବିଜୟ ଭୋଇ, ସୁମନ୍ତ ସାହୁ, ଭାଗୀରଥି ବଗର୍ତ୍ତି, ନିର୍ମଳ ମହାନନ୍ଦ, ସୁରଥ ପ୍ରଧାନ, ମନୋଜ ଷାଣ୍ଢ, ରାମଜୀ ମହାନନ୍ଦ, କୃଷ୍ଣ ପ୍ରଧାନ, ନିତାଇ ମହାନନ୍ଦ, ପଞ୍ଚାନନ ପାତ୍ର, ଟିକେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।






# ଆଇଏନ୍‌ଏସ୍ ଭାଗଶୀରରେ ଯାତ୍ରା କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର କର୍ଣ୍ଣାଟକର କରୱାର ନୌସେନା ଘାଟିରେ ବୁଡ଼ା ଜାହାଜ ଆଇଏନ୍‌ଏସ୍ ଭାଗଶୀରରେ ଯାତ୍ରା କରିଛନ୍ତି । ନୌସେନା ପ୍ରମୁଖ ଆଡମିରାଲ ଦୀନେଶ କେ. ତ୍ରିପାଠୀ ରାଷ୍ଟ୍ରପତିଙ୍କ ସହ କାଲଭାରୀ ଶ୍ରେଣୀ ବୁଡ଼ାଜାହଜ ଆଇଏନ୍‌ଏସ୍ ଭାଗଶୀରରେ ଯାତ୍ରା କରିଥିଲେ । ରାଷ୍ଟ୍ରପତି ପ୍ରଥମଥର ପାଇଁ ଏହି ଯାତ୍ରା କରିଛନ୍ତି । ତେବେ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ସେ ଏହି ଯାତ୍ରା କରିଛନ୍ତି । ତାଙ୍କ ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦ୍ଦୁଲ କଲାମ ପ୍ରଥମ ରାଷ୍ଟ୍ରପତି ଭାବେ ବୁଡ଼ାଜାହଜରେ ଯାତ୍ରା କରିଥିଲେ । କଲାମ ୨୦୦୬ ଫେବୃଆରୀରେ ବୁଡ଼ାଜାହଜରେ ଚଢ଼ିଥିଲେ । ରାଷ୍ଟ୍ରପତି ମୁର୍ମୁ ନୌସେନା ୟୁନିଫର୍ମ ପିନ୍ଧି ବୁଡ଼ାଜାହାଜରେ ପହଞ୍ଚିଥିଲେ । ପି୭୫ ସ୍କର୍ପିନ ପ୍ରକଳ୍ପର ଷଷ୍ଠ ଓ ଅନ୍ତିମ ବୁଡାଜାହାଜ ଆଇଏନ୍‌ଏସ୍ ଭାଗଶୀରକୁ ଗତ ଜାନୁଆରୀରେ ନୌସେନାରେ ସାମିଲ କରାଯାଇଥିଲା । ଏହାପୂର୍ବରୁ ରାଷ୍ଟ୍ରପତି ଭାରତୀୟ ବାୟୁସେନାର ଦୁଇଟି ଲଢୁଆ ବିମାନରେ ଉଡ଼ାଣ ଭରିସାରିଛନ୍ତି । ଏପରି କରିବାରେ ସେ ପ୍ରଥମ ରାଷ୍ଟ୍ରପତି ଥିଲେ । ରାଷ୍ଟ୍ରପତି ଅକ୍ଟୋବର ୨୯ ରେ ଅମ୍ବାଲା ବାୟୁସେନା ଷ୍ଟେସନରୁ ଏକ ରାଫେଲ ଯୁଦ୍ଧ ବିମାନରେ ଉଡ଼ିଥିଲେ । ସେତବେଳେ ତାଙ୍କ ପାଇଲଟ ଥିଲେ ସ୍କ୍ୱାଡ୍ରନ ଲିଡର ଶିବାଙ୍ଗୀ ସିଂହ । ଏହା ପୂର୍ବରୁ ରାଷ୍ଟ୍ରପତି ୨୦୨୩ ଏପ୍ରିଲ ୭ ରେ ଆସାମର ତେଜପୁର ବାୟୁସେନା ଷ୍ଟେସନରୁ ଏକ ସୁଖୋଇ ୩୦ ଏମ୍‌କେଆଇ ଯୁଦ୍ଧ ବିମାନରେ ଉଡ଼ାଣ ଭରିଥିଲେ । ସୁଖୋଇ ବିମାନରେ ଉଡ଼ିବା ସେ ଦ୍ୱିତୀୟ ମହିଳା ରାଷ୍ଟ୍ରପତି ଥିଲେ । ତାଙ୍କ ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ସିଂହ ପାଟିଲ ମଧ୍ୟ ସୁଖୋଇ ବିମାନରେ ଉଡ଼ାଣ ଭରିଥିଲେ ।

# ଜୀବିତ ରୋଗୀଙ୍କୁ ମୃତ ଘୋଷଣା କଲେ ଡାକ୍ତର




**ଶବ ବ୍ୟବଚ୍ଛେଦ ପାଇଁ ପୁଲିସ୍‌କୁ ବି ଡାକିଲେ**

କାନପୁର,୨୮ ।୧୨(ଏଜେନ୍ସି): କାନପୁରର ହାଲେଟ ହସ୍ପିଟାଲରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ହସ୍ପିଟାଲର ଜଣେ କନିଷ୍ଠ ଡାକ୍ତର ଜୀବିତ ଥିବା ଜଣେ ରୋଗୀଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଏପରିକି ରୋଗୀଙ୍କ ଶବବ୍ୟବଚ୍ଛେଦ ପାଇଁ ସ୍ୱରୂପ ନଗର ଥାନାକୁ ସୂଚନା ମଧ୍ୟ ପ୍ରଦାନ କରାଯାଇଥିଲା । ଏହାପରେ ପୁଲିସ ହାଲେଟ ମର୍ଚ୍ୟୁରୀ ଅର୍ଥାତ ଶବଗୃହରେ ମୃତଦେହ ଜମା କରିବା ଅବସରରେ ସମ୍ପୃକ୍ତ ରୋଗୀଙ୍କୁ ଜୀବିତ ପାଇଥିଲା । ଏହି ଖବର ପ୍ରଚାର ହେବା ପରେ ସାରା ହସ୍ପିଟାଲରେ ହଇଚଇ ସୃଷ୍ଟି ହୋଇଥିଲା । ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଆରକେ ସିଂହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅବହେଳା କରିଥିବା ଡାକ୍ତରଙ୍କ ସମେତ ୩ କର୍ମଚାରୀଙ୍କୁ ଭର୍ତ୍ସନା କରିଥିଲେ । ତେବେ ଡାକ୍ତର ତାଙ୍କ ଭୁଲ ସ୍ୱୀକାର କରିବା ସହ କ୍ଷମା ମାଗିଥିଲେ ଓ ଭବିଷ୍ୟତରେ ଯେପରି ଏଭଳି ଭୁଲ ନହେବ ସେନେଇ ସତର୍କ ରହିବୁ ବୋଲି କହିଥିଲେ । ଏହି ଘଟଣାରେ ଏକ କମିଟି ଗଠନ କରାଯାଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ମେଡିକାଲ କଲେଜ ପ୍ରିନ୍ସିପାଲ ଡାକ୍ତର ସଞ୍ଜୟ କାଲା କହିଛନ୍ତି । ଏହି ଗୁରୁତର ଅବହେଳା ପାଇଁ କନିଷ୍ଠ ଡାକ୍ତର ହିମାଂଶୁ ମୌର୍ଯ୍ୟ, ଷ୍ଟାଫ୍ ନର୍ସ ସନି ସୋନକର ଓ ୱାର୍ଡ ଆଟେଣ୍ଡାଣ୍ଟ ରାହନୁମାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ୧୨ ନଂ ୱାର୍ଡରେ ଦୁଇଜଣ ରୋଗୀ ଭର୍ତ୍ତି ହୋଇଥିଲେ । ୪୨ ନଂ ବେଡ୍‌ରେ ୪୨ ବର୍ଷୀୟ ବିନୋଦ ଓ ୪୩ ନଂ ବେଡ୍‌ରେ ୬୦ ବର୍ଷୀୟ ଜଣେ ଅଜଣା ବୟସ୍କ ବ୍ୟକ୍ତି ଥିଲେ । ପ୍ରକୃତରେ ବୟସ୍କ ବ୍ୟକ୍ତି ହିଁ ମୃତ୍ୟୁବରଣ କରିଥିଲେ । କିନ୍ତୁ ଡାକ୍ତର ଭୁଲ୍‌ରେ ବିନୋଦଙ୍କୁ ମୃତ ଘୋଷିତ କରିଥିଲେ । ଘଟଣାର ତଦନ୍ତ ପାଇଁ ଭାଇସ ପ୍ରିନ୍ସିପାଲ ରିଚା ଗିରିଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି । ତଦନ୍ତ କମିଟି ୪୮ ଘଣ୍ଟା ମଧ୍ୟରେ ତା'ର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ସୋମାଲିଲାଣ୍ଡକୁ ମାନ୍ୟତା

# ଇସ୍ରାଏଲକୁ ୨୧ ମୁସ୍‌ଲିମ ରାଷ୍ଟ୍ରଙ୍କ ବିରୋଧ

ଜେରୁସେଲମ,୨୮ ।୧୨(ଏଜେନ୍ସି): ଇସ୍ରାଏଲ ଡିସେମ୍ବର ୨୬ରେ ଆଫ୍ରିକାର ହର୍ଣ୍ଣରେ ଅବସ୍ଥିତ ଆଂଶିକ ସ୍ୱୀକୃତିପ୍ରାପ୍ତ ଦେଶ ସୋମାଲିଲାଣ୍ଡକୁ ଏକ ସ୍ୱତନ୍ତ୍ର ଦେଶ ରୂପେ ଆନୁଷ୍ଠାନିକ ଭାବେ ମାନ୍ୟତା ପ୍ରଦାନ କରିଛି । ପ୍ରଥମ ଦେଶ ଭାବେ ଇସ୍ରାଏଲ ଏହି ମାନ୍ୟତା ପ୍ରଦାନ କରିଛି । ଇସ୍ରାଏଲର ଏହି ନିଷ୍ପତ୍ତିକୁ ନେଇ ମୁସଲିମ ଦେଶଗୁଡିକ ମଧ୍ୟରେ ଆକ୍ରୋଶ ବୃଦ୍ଧି ପାଇଛି । ବିଶ୍ୱର ୨୧ଟି ମୁସ୍‌ଲିମ ଦେଶ ଏହି ନିଷ୍ପତ୍ତିକୁ ବିରୋଧ କରି ମିଳିତ ବିବୃତ୍ତି ପ୍ରଦାନ କରିଛନ୍ତି । ସୋମାଲିଲାଣ୍ଡ ଆଫ୍ରିକା ହର୍ଣ୍ଣରେ ଅବସ୍ଥିତ । ଆଫ୍ରିକା ହର୍ଣ୍ଣ ହେଉଛି ଉତ୍ତର-ପୂର୍ବ ଆଫ୍ରିକାର ଏକ ପ୍ରମୁଖ ଉପଦୀପ । ଏହି ଦେଶ ୧୯୯୧ରେ ସୋମାଲିଆଠାରୁ ସ୍ୱାଧୀନତା ଘୋଷଣା କରିଥିଲା ଓ ସେବେଠାରୁ ସୋମାଲିଲାଣ୍ଡ ଅନ୍ତର୍ଜାତୀୟ ସ୍ୱୀକୃତି ପାଇବା ପାଇଁ ଚେଷ୍ଟା କରିଆସୁଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ସୋମାଲିଲାଣ୍ଡ ରାଷ୍ଟ୍ରପତି ଅବଦିର ରହମାନ ମହମ୍ମଦ ଅବଦୁଲ୍ଲାଙ୍କ ସହ ଏକ ମିଳିତ ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ସୋମାଲିଲାଣ୍ଡ ରାଷ୍ଟ୍ରପତି ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଘୋଷଣା କରିଛନ୍ତି । ଏହା ଦ୍ୱାର ମଧ୍ୟପ୍ରାଚ୍ୟ ଓ ଆଫ୍ରିକାରେ ଶାନ୍ତି ଓ ସମୃଦ୍ଧି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି । ଆଫ୍ରିକୀୟ ସଂଘ ମଧ୍ୟ ଏହାକୁ ବିରୋଧ କରିଛି ଓ ଏହା ସୋମାଲିଆର ସାର୍ବଭୌମତ୍ୱ ଉପରେ ଏକପ୍ରକାର ଆକ୍ରମଣ ବୋଲି କହିଛି । ସେପଟେ ଇସ୍ରାଏଲ ଦେଇଥିବା ଏହି ମାନ୍ୟତାକୁ ତୁରନ୍ତ ପ୍ରତ୍ୟାହାର କରୁ ବୋଲି ସୋମାଲିଆ ଚେତାବନୀ ଦେଇ କହିଛି । ଇସ୍ରାଏଲରକୁ ବିରୋଧ କରିଥିବା ୨୧ଟି ଦେଶଗୁଡିକ ହେଲା ଜୋର୍ଡାନ, ଇଜିପ୍ଟ, ଆଲଜେରିଆ, କୋମାରୋସ, ଜିବୁତି, ଗାମ୍ବିଆ, ଇରାନ, ଇରାକ, କୁଏତ, ଲିବ୍ୟା, ମାଲଦୀପ, ନାଇଜେରିଆ, ଓମାନ, ପାକିସ୍ତାନ, ପାଲେଷ୍ଟାଇନ୍, କତାର, ସାଉଦି ଆରବ, ସୋମାଲିଆ, ସୁଦାନ, ତୁର୍କୀ ଓ ୟେମେନ । ଇସ୍ରାଏଲର ଏହି ନିଷ୍ପତ୍ତି ବିଶ୍ୱଶାନ୍ତି ଓ ସୁରକ୍ଷାକୁ ପ୍ରଭାବିତ କରିବ । ଇସ୍ରାଏଲ ଅନ୍ତର୍ଜାତୀୟ ଆଇନକୁ ଅବମାନନା କରିଛି ବୋଲି ଏହି ଦେଶଗୁଡିକ କହିଛନ୍ତି ।

### ଆମେରିକା ଗଣମାଧ୍ୟମର ରିପୋର୍ଟ

# ହିମାଳୟରେ ସୁଡ଼ଙ୍ଗ, ଏୟାରଷ୍ଟ୍ରିପ୍ କରୁଛି ଭାରତ

ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି)



- ଗଲୱାନ ସଂଘର୍ଷ ପରେ ନିର୍ମାଣ ହେଉଛି ଭିତ୍ତିଭୂମି
- ସୀମାକୁ ସହଜ ହେବ ଅସ୍ତ୍ରଶସ୍ତ୍ର ପରିବହନ

ଚୀନ୍ ସହିତ ଯେକୌଣସି ପ୍ରକାର ସମ୍ଭାବ୍ୟ ସଂଘର୍ଷ ପାଇଁ ପ୍ରସ୍ତୁତ ହେବାକୁ ଭାରତ ପ୍ରୟାସ ଆରମ୍ଭ କରିଛି । ଏ ସଂକ୍ରାନ୍ତରେ ଜଣାଶୁଣା ଆମେରିକୀୟ ଗଣମାଧ୍ୟମ 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ' ତା'ର ଏକ ରିପୋର୍ଟରେ ଏ ନେଇ ତଥ୍ୟ ପ୍ରକାଶ କରିଛି । ଭାରତ ହିମାଳୟ ଅଞ୍ଚଳରେ ରାସ୍ତା, ସୁଡଙ୍ଗ ଓ ଏୟାର ଷ୍ଟ୍ରିପ୍ ନିର୍ମାଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି । ରିପୋର୍ଟ ଅନୁଯାୟୀ, ୨୦୨୦ରେ ଗଲୱାନ ଉପତ୍ୟାକାରେ ଚୀନ୍ ସହ ହୋଇଥିବା ହିଂସାତ୍ମକ ସଂଘର୍ଷ ପରେ ଭାରତ ଏହି ପଦକ୍ଷେପ ଆରମ୍ଭ କରିଛି । ଏହି ସଂଘର୍ଷ ୨,୨୨୦ ମାଇଲ ଲମ୍ବା ସୀମାରେ ଭାରତର ଲଜିଷ୍ଟିକ ପ୍ରଣାଳୀର ପ୍ରମୁଖ ତ୍ରୁଟିକୁ ସମସ୍ତଙ୍କ ନଜରକୁ ଆଣିଥିଲା । ଦଶନ୍ଧି ଧରି ଚୀନ୍ ତା'ର ସୀମାରେ ରେଳ ଲାଇନ୍ ଓ ରାସ୍ତାର ବିଶାଳ ନେଟୱର୍କ ନିର୍ମାଣ କରିଆସିଛି । କିନ୍ତୁ ଭାରତ ତା'ର ପାର୍ବତ୍ୟ ସୀମାବର୍ତ୍ତୀ ଅଞ୍ଚଳକୁ ଦ୍ରୁତଗତିରେ ସୈନିକ ପରିବହନ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବାରେ ଯଥେଷ୍ଟ ପଛରେ ପଡିଛି । ୨୦୨୦ ଗଲୱାନ ସଂଘର୍ଷରେ ଦୁଇ ଦେଶର ସୈନିକ ସମୁଦ୍ର ପତନର ୧୪,୦୦୦ ଫୁଟ ଉଚ୍ଚତାରେ କଣ୍ଟା ତାରରେ ଗୁଡାଯାଇଥିବା ବାଡ଼ି ଓ ହାତରେ ସଂଘର୍ଷ କରିଥିଲେ । ଏହି ପାର୍ବତ୍ୟ ଅଞ୍ଚଳରେ ଚୀନ୍ ମାତ୍ର କେତେ ଘଣ୍ଟା ମଧ୍ୟରେ ସାହାଯ୍ୟ ପହଞ୍ଚାଉଥିବା ବେଳେ ଭାରତକୁ ଏଥିପାଇଁ ସପ୍ତାହେ ସମୟ ଲାଗୁଛି । ତେଣୁ ଭାରତ ଏବେ ତା'ର ରଣନୀତିରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି ।

ଏହି ପ୍ରକଳ୍ପଗୁଡିକର ଉଦ୍ଦେଶ୍ୟ ହେଉଛି ଯେ, ବହୁ ଉଚ୍ଚରେ ଥିବା ସାମରିକ ପୋଷ୍ଟଗୁଡିକୁ ବିଚ୍ଛିନ୍ନ ଜନବସତି ସହ ସଂଯୋଗ କରିବା । ଭାରତ ୧୧,୫୦୦ ଫୁଟ୍ ଉଚ୍ଚତାରେ ଜୋଜିଲା ସୁଡଙ୍ଗ ନିର୍ମାଣ କରୁଛି । ୬,୭୩୪ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହା ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପ ନିର୍ମାଣ ସରିଲେ ସୀମା ପୋଷ୍ଟଗୁଡିକୁ ଯୋଗାଣ ସହାୟତା ସହଜ ହେବ ବୋଲି କୁହାଯାଇଛି । ସେପଟେ ଗଲୱାନ ସଂଘର୍ଷ ପରେ ଚୀନ୍ ମଧ୍ୟ ତା'ର ଭିତ୍ତିଭୂମି ନିର୍ମାଣ କରୁଛି । ଭାରତ ମଧ୍ୟ ସୀମାରେ ୩୦ରୁ ଅଧିକ ହେଲିପ୍ୟାଡ ନିର୍ମାଣ କରିଛି ।

# ଭାରତ ପଳାଇଛନ୍ତି ହାଦିଙ୍କ ହତ୍ୟାକାରୀ

ଢାକା,୨୮ ।୧୨(ଏଜେନ୍ସି): ଭାରତ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧୀ ଭାବେ ଜଣାଶୁଣା ଥିବା ବାଂଲାଦେଶୀ ଯୁବନେତା ଉସ୍‌ମାନ ହାଦିଙ୍କ ହତ୍ୟା ମାମଲା ଏବେ ନୂଆ ମୋଡ଼ ନେଇଛି । ହାଦିଙ୍କୁ ହତ୍ୟା କରିଥିବା ଦୁଇ ସନ୍ଦିଗ୍ଧ ଭାରତ ଖସି ପଳାଇଯାଇଛନ୍ତି । ବାଂଲାଦେଶ ଖବର କାଗଜ 'ଦି ଡେଲି ଷ୍ଟାର' ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଦୁଇ ସନ୍ଦିଗ୍ଧ ମେଘାଳୟ ବାଟ ଦେଇ ଭାରତ ପଳାଇଯାଇଛନ୍ତି । ଢାକା ମେଟ୍ରୋପଲିଟାନ ପୁଲିସ (ଡିଏମ୍‌ପି) ଡେଲି ଷ୍ଟାରକୁ ହିଁ ଏହି ସୂଚନା ପ୍ରଦାନ କରିଥିଲା ବୋଲି କୁହାଯାଇଛି । ତେବେ ବାଂଲଦେଶ ପୁଲିସର ଏହି ଅଭିଯୋଗକୁ ମେଘାଳୟରେ ଥିବା ସୁରକ୍ଷା ଏଜେନ୍ସିଗୁଡିକ ଖଣ୍ଡନ କରିଛନ୍ତି । ଏହାର କୌଣସି ପ୍ରମାଣ ନାହିଁ । ଏଭଳି ଅଭିଯୋଗ ଭିତ୍ତିହୀନ ଓ ଅମୂଳକ । ଏନେଇ ଆମ ପାଖରେ କୌଣସି ଖବର ନାହିଁ ବୋଲି ବିଏସ୍‌ଏଫ୍‌ର ମେଘାଳୟର ମୁଖ୍ୟ ଆଇଜି ଓପି ଉପାଧ୍ୟାୟ କହିଛନ୍ତି ।

**ଭାରତୀୟ ଏଜେନ୍ସିର ଖଣ୍ଡନ**

ଅତିରିକ୍ତ ପୁଲିସ କମିଶନର ଏସ୍‌ଏନ୍ ନଜରୁଲ ଇସଲାମ ଗଣମାଧ୍ୟମଗୁଡିକୁ କହିଛନ୍ତି ଯେ, ଦୁଇ ସଂଦୀଗ୍ଧ ବ୍ୟକ୍ତି ଫୈସଲ କରିମ ମାସୁଦ୍ଦ ଓ ଆଲମଗିରି ଶେଖ ମୈମେନସିଂ ଜିଲ୍ଲାର ହାଲୁଆଘାଟ ସୀମା ଦେଇ ଭାରତର ମେଘାଳୟ ରାଜ୍ୟକୁ ପ୍ରବେଶ କରିଥିଲେ । ଏହି ଦୁଇଜଣ ସ୍ଥାନୀୟ ସହଯୋଗୀଙ୍କ ସହାୟତାରେ ସୀମା ପାର କରିବାରେ ସଫଳ ହୋଇଥିଲେ । ଏ ସଂକ୍ରାନ୍ତରେ ଆମେ ଭାରତୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛୁ ଓ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି । ଭାରତରେ ପ୍ରବେଶ କରିବା ପରେ ଦୁହେଁ ପୂର୍ତ୍ତୀ ନାମକ ଜଣେ ବ୍ୟକ୍ତିଙ୍କୁ ଭେଟିଥିଲେ । ଏହାପରେ ସାମି ନାମକ ଜଣେ ଟ୍ୟାକ୍ସି ଡ୍ରାଇଭର ଦୁଇଜଣଙ୍କୁ ମେଘାଳୟର ତୁରା ଟାଉନକୁ ନେଇଥିଲେ । ଏହି ଦୁଇଜଣଙ୍କୁ ସହାୟତା ପ୍ରଦାନ କରିଥିବା ଦୁଇ ବ୍ୟକ୍ତିଙ୍କୁ ଭାରତ କର୍ତ୍ତୃପକ୍ଷ ଅଟକ ରଖିଛନ୍ତି । ଏ ନେଇ ଭାରତୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରକ୍ଷା କରାଯାଇଛି । ସେମାନଙ୍କୁ ଯଥାଶୀଘ୍ର ଗିରଫ କରାଯିବାକୁ ପ୍ରୟାସ କରାଯାଉଛି ଓ ପୁଲିସ ଏହି ମାମଲାରେ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରୁଛି ବୋଲି କୁହାଯାଉଛି । ପୂର୍ବରୁ ହାଦିଙ୍କ ହତ୍ୟା ମାମଲାରେ ବାଂଲାଦେଶ ଭାରତକୁ ହିଁ ଦାୟୀ କରିଥିଲା । ହାଦିଙ୍କ ହତ୍ୟା ବିରୋଧରେ ବାଂଲାଦେଶରେ ଏବେ ମଧ୍ୟ ବିରୋଧ ପ୍ରଦର୍ଶନ ଜାରି ରହିଛି ।

# ଲଣ୍ଡନରେ ଭାରତୀୟଙ୍କ ବିକ୍ଷୋଭ ପ୍ରଦର୍ଶନରେ ବାଧା ଦେଲେ ଖଲିସ୍ତାନୀ ସମର୍ଥକ

ଲଣ୍ଡନ,୨୮ ।୧୨(ଏଜେନ୍ସି): ଲଣ୍ଡନସ୍ଥିତ ବାଂଲାଦେଶ ହାଇକମିଶନ ବାହାରେ ଭାରତୀୟ ହିନ୍ଦୁ ସମ୍ପ୍ରଦାୟର ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ କେତେକ ଖଲିସ୍ଥାନୀ ସମର୍ଥକ ଏଥିରେ ବାଧାସୃଷ୍ଟି କରିଛନ୍ତି । ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ଏହାକୁ ବିରୋଧ କରି ଡିସେମ୍ବର ୨୭ରେ ଭାରତୀୟମାନେ ବିରୋଧ ପ୍ରଦର୍ଶନ କରିଥିଲେ । ଶିଖ୍ ଫର ଜଷ୍ଟିସ୍ (ଏସ୍‌ଜେଏଫ୍) ସହ ଜଡ଼ିତ ଖଲିସ୍ତାନ କାର୍ଯ୍ୟକର୍ତ୍ତା ସେଠାକୁ ଆସି ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ ଓ ଖଲିସ୍ତାନ ପତାକା ଉଡ଼ାଇଥିଲେ । ସହିଦ ନିଜ୍ଜର ଓ ସହିଦ ହାଦି ଲେଖାଥିବା ପୋଷ୍ଟର ପ୍ରଦର୍ଶନ କରିଥିଲେ ଖଲିସ୍ତାନୀ ସମର୍ଥକ । ଏହି ଅବସରରେ ସେମାନେ ଭାରତୀୟଙ୍କୁ ଧକ୍କା ମାରିଥିଲେ । ନିଜକୁ ରକ୍ଷା କରିବା ପାଇଁ ବାଂଲାଦେଶ ହିନ୍ଦୁ କିପରି ଭାରତ ଆସିବେ ସେଥିପାଇଁ ସୀମା ଖୋଲିବାକୁ ଭାରତୀୟ ବିକ୍ଷୋଭ ପ୍ରଦର୍ଶନକାରୀ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି । ବାଂଲାଦେଶରେ ଗୋଟିଏ ବର୍ଷରେ ହିନ୍ଦୁମାନଙ୍କ ଉପରେ ୨୯୦୦ରୁ ଅଧିକ ହିଂସାତ୍ମକ ଆକ୍ରମଣ କରାଯାଇଛି । କିଛିଦିନ ତଳେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କୁ ମିଥ୍ୟା ଈଶନିନ୍ଦା ଅଭିଯୋଗରେ ଉତ୍ତ୍ୟକ୍ତ ଭିଡ଼ ହତ୍ୟା କରିବା ପରେ ନିଆଁରେ ଜାଳିଦେଇଥିଲେ ଓ ଏହା ଭାରତ ସମେତ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଥିଲା ।

# ଖରାପ ପାଗ ପାଇଁ ବିମାନ ଚଳାଚଳ ପ୍ରଭାବିତ

**ଲକ୍ଷ୍ନୌରୁ ମୁମ୍ବାଇ, ବେଙ୍ଗାଲୁରୁକୁ ବିମାନ ଉଡ଼ାଣ ବାତିଲ**

**ଦିଲ୍ଲୀ, ମୁମ୍ବାଇ, ହାଇଦରାବାଦ ରୁଟ୍‌ରେ ବିଳମ୍ବ**

ଲକ୍ଷ୍ନୌ,୨୮ ।୧୨(ଏଜେନ୍ସି): ଘନ କୁହୁଡି ଓ କମ୍ ଦୃଶ୍ୟମାନ ଦୂରତା କମ୍ ହେବା କାରଣରୁ ସମଗ୍ର ଉତ୍ତର ଭାରତରେ ବିମାନ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଦିଲ୍ଲୀ ସମେତ ଅନେକ ସହରକୁ ସଂଯୋଗ କରୁଥିବା ବିମାନଗୁଡିକ ବିଳମ୍ବିତ ହୋଇଛି ଓ ଆଉ କେତେକ ବିମାନ ଉଡ଼ାଣକୁ ବାତିଲ କରାଯାଇଛି । ବିମାନ ବନ୍ଦରର ରନୱେରେ ଦୃଶ୍ୟମାନ ହ୍ରାସ ପାଇବା କାରଣରୁ ପାଇଲଟମାନଙ୍କୁ ଉଡ଼ାଣ ଓ ଅବତରଣ ପାଇଁ ଅତିରିକ୍ତ ସମୟ ବିତାଇବାକୁ ପଡ଼ିଥିଲା । ଲକ୍ଷ୍ନୌରୁ ମୁମ୍ବାଇ ଓ ବେଙ୍ଗାଲୁରୁ ଯିବାକୁ ଥିବା ବିମାନ ଉଡ଼ାଣଗୁଡିକୁ ବାତିଲ କରିବାକୁ ପଡିଛି । ଫଳରେ ବିମାନ ଯାତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଦିଲ୍ଲୀ ଅଭିମୂଖେ ଯାଉଥିବା ଅନ୍ତର୍ଜାତୀୟ ବିମାନଗୁଡିକ କୁହୁଡି ଦ୍ୱାରା ସର୍ବାଧିକ ବାଧାପ୍ରାପ୍ତ ହୋଇଥିଲା । ଭିର୍ଜିନ ଆଟଲାଣ୍ଟିକ ଏୟାରୱେଜ, ବ୍ରିଟିଶ ଏୟାରୱେଜ, ଜାପାନ ଏୟାର ଲାଇନ୍ସ ଓ ଏୟାର ଇଣ୍ଡିଆ ଫ୍ଲାଇଟ୍‌ଗୁଡିକ ୫୦ ମିନିଟ କିମ୍ବା ତା'ଠାରୁ ଅଧିକ ସମୟ ବିଳମ୍ବିତ ହୋଇଥିଲା । ତେବେ ମୁମ୍ବାଇ ଓ ହାଇଦରାବାଦ୍‌ରୁ ଆସୁଥିବା ବିମାନଗୁଡିକ ସାମାନ୍ୟ ପ୍ରଭାବିତ ହୋଇଥିଲା । ସେହିପରି କୁହୁଡି ଓ ପରିଚାଳନାଗତ ତ୍ରୁଟି କାରଣରୁ ଦୁଇଟି ବିମାନ ବାତିଲ ହୋଇଥିଲା । ବେଙ୍ଗାଲୁରୁକୁ ଯାଉଥିବା ଆକାଶ ଏୟାରଲାଇନ୍ସ ବିମାନ ଓ ମୁମ୍ବାଇକୁ ଯାଉଥିବା ଇଣ୍ଡିଗୋ ବିମାନକୁ ବାତିଲ କରିବାକୁ ପଡିଥିଲା ।

# ହୁମାୟୁନ କବୀରଙ୍କ ପୁଅ ଅଟକ

କୋଲକାତା,୨୮ ।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ବାବରୀ ମସଜିଦ୍‌ର ଶିଳାନ୍ୟାସ ରଖିଥିବା ଜନତା ଉନ୍ନୟନ ପାର୍ଟି (ଜେୟୁପି)ର ଅଧ୍ୟକ୍ଷ ହୁମାୟୁନ କବୀରଙ୍କ ପୁଅ ଗୁଲାମ ନବୀ ଆଜାଦକୁ ଅଟକ ରଖାଯାଇଛି । ଜଣେ କାର୍ଯ୍ୟରତ ପୁଲିସଙ୍କ ଉପରେ ସେ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି । କନେଷ୍ଟବଳ ଅଭିଯୁକ୍ତଙ୍କ ପିତା କବୀରଙ୍କ ସୁରକ୍ଷା ପାଇ ନିୟୋଜିତ ଥିଲେ । କବୀରଙ୍କୁ ଛୁଟି ମାଗିବା ସମୟରେ ଗୁଲାମ ତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ ବୋଲି କନେଷ୍ଟବଳ ଜଣକ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ଆଧାରରେ ପୁଲିସ ଗୁଲାମକୁ ଶକ୍ତିପୁର ଥାନାରେ ଅଟକ ରଖି ପଚରାଉଚରା କରୁଛି । ଅବଶ୍ୟ ଘଟଣା ସମୟରେ କବୀର ଘରେ ନଥିଲେ । କବୀର ତୃଣମୂଳ କଂଗ୍ରେସରୁ ଭରତପୁରରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ।

# ନୁର୍‌ଖାନ୍ ଏୟାରବେସ୍‌ରେ ଭାରତ ୮୦ ଡ୍ରୋନ୍ ମାଡ଼ କରିଥିଲା: ପାକିସ୍ତାନ

ଇସଲାମାବାଦ,୨୮ ।୧୨(ଏଜେନ୍ସି): ପାକିସ୍ତାନ ଉପ ପ୍ରଧାନମନ୍ତ୍ରୀ ଇଶାକ ଦାର ଅପରେସନ ସିନ୍ଦୂର ନେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି । ଏହି ଅପରେସନରେ ଭାରତ ପାକିସ୍ତାନର ନୁରଖାନ ଏୟାର ବେଶ୍ ଉପରେ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ବହୁ ସୈନ୍ୟ ଆହତ ହୋଇଥିଲେ ଓ ସେନା ଆଡ୍ଡା କ୍ଷତିଗ୍ରସ୍ତ ହୋଇଥିଲା ବୋଲି ବର୍ଷ ଶେଷର ଅନ୍ତିମ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିନ କରି ସେ ଏହି କଥା କହିଛନ୍ତି । ଭାରତ ରାୱଲପିଣ୍ଡିର ଚକଲା ଅଞ୍ଚଳରେ ନିର୍ମିତ ନୁର ଖାନ୍ ଏୟାରବେସକୁ ଟାର୍ଗେଟ କରିଥିଲା ଓ ୩୬ ଘଣ୍ଟା ମଧ୍ୟରେ ପାକିସ୍ତାନ ଉପରେ ୮୦ରୁ ଅଧିକ ଡ୍ରୋନ ପଠାଇଥିଲା । ତେବେ ପାକିସ୍ତାନ ୭୯ ଡ୍ରୋନକୁ ଖସାଇ ଦେଇଥିଲା । କିନ୍ତୁ ଗୋଟିଏ ଡ୍ରୋନ ଏୟାରବେସ୍ ନିକଟରେ ପହଞ୍ଚିଥିଲା । ଭାରତ ପାକିସ୍ତାନର ଏକାଧିକ ସୈନ୍ୟ ଆଡ୍ଡା ଉପରେ ଆକ୍ରମଣ କରିଥିଲା । ଫଳରେ ମୋଟ ଉପରେ ୧୧ଟି ଆଡ୍ଡା କ୍ଷତିଗ୍ରସ୍ତ ହୋଇଥିଲା ।

**'ଅପରେସନ ସିନ୍ଦୂର'ରେ ନଷ୍ଟ ହୋଇଥିଲା ୧୧ ଏୟାରବେସ୍**

# ଭାରତ ସହ ପୁଣି ଯୁଦ୍ଧ ପାଇଁ ପ୍ରସ୍ତୁତ: ଜର୍ଦ୍ଦାରୀ

କରାଚୀ,୨୮ ।୧୨(ଏଜେନ୍ସି): ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀ ପୁଣି ଏକ ବିବାଦୀୟ ତଥା ଉତ୍ତେଜନାମୂଳକ ମନ୍ତବ୍ୟ ଦେଇଛନ୍ତି । ଭାରତ ସହ ପାକିସ୍ତାନ ପୁଣିଥରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି । ଗତ ମେ' ମାସରେ ଯୁଦ୍ଧ ସମୟରେ ପାକିସ୍ତାନ ଭାରତ ଆକ୍ରମଣର କଡ଼ା ଜବାବ ଦେଇଥିଲା । ଏହାପରେ ଯୁଦ୍ଧ ଏକ ପିଲା ଖେଳ ନୁହେଁ ବୋଲି ଭାରତ ସରକାର ହୃଦୟଙ୍ଗମ କରିଛନ୍ତି ବୋଲି ସେ କହିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ମୃତ୍ୟୁ ବାର୍ଷିକୀ ପାଳନ ପାଇଁ ଶନିବାର କରାଚୀରେ ଆୟୋଜିତ ରାଲିରେ ଭାଷଣ ଦେବା ଅବସରରେ ସେ ଏହା କହିଛନ୍ତି । ସେହିପରି ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାବଲ ଭୁଟ୍ଟୋ ଜର୍ଦ୍ଦାରୀ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି । ସେ କହିଛନ୍ତି ଯେ, ମୋଦୀ ମୁନୀରଙ୍କ ନାମ ଶୁଣିବା ମାତ୍ରେ ହିଁ ଲୁଚି ଯାଉଛନ୍ତି । ମୁନୀରଙ୍କୁ ମୋଦୀ ଭୟ କରୁଛନ୍ତି । ବିଦେଶରେ ମୋଦୀ ଏବେ ପାକିସ୍ତାନ ବିରୋଧରେ ଆଉ କିଛି କହୁନାହାନ୍ତି । ଗତ ମେ'ରେ ହୋଇଥିବା ଯୁଦ୍ଧରେ ପାକିସ୍ତାନ ଭାରତକୁ ପରାସ୍ତ କରିଥିଲା ବୋଲି ବିଲାବଲ କହିଛନ୍ତି ।

### ମ୍ୟାଁମାର୍‌ରୁ ଭେନେଜୁଏଲା

# ସାରା ବିଶ୍ୱରେ ଦଖଲ ଦେଉଛି ଆମେରିକା

ୱାସିଂଟନ, ୨୮ ।୧୨ (ଏଜେନ୍ସି)



- ସରକାର ହଟାଇବାକୁ ଯୁଦ୍ଧ ଜାହାଜ ମୁତୟନ; ୫୦% ଶୁଳ୍କ ଲାଗୁ
- ନିର୍ବାଚନୀ ଫଳାଫଳ ଜନତା ନୁହେଁ; ଆମେରିକା ସ୍ଥିର କରୁଛି
- ମ୍ୟାଁମାରରେ ଚୀନ୍‌କୁ ଆହ୍ୱାନ

ଆମେରିକା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରୁଛି । ଅନେକ ଦେଶର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ଖେଳାଉଛି । ନିଜ ଦେଶର ନୀତିକୁ ସମର୍ଥନ ଦେଉ ନ ଥିବା ସରକାରକୁ ଭାଙ୍ଗିବାକୁ ଆମେରିକା ପ୍ରୟାସ କରୁଛି । ଏଥିପାଇଁ ସିଧାସଳଖ ଦଖଲ ଦେଉଛି । ସ୍ଥିତି ଏପରି ହୋଇଛି ଯେ କୌଣସି ଦେଶର ନିର୍ବାଚନ ଫଳାଫଳ ସେହି ଦେଶର ଜନତା ନୁହେଁ, ବରଂ ଆମେରିକା ସ୍ଥିର କରୁଛି । ଦୀର୍ଘ ବର୍ଷ ହେଲା ଆମେରିକା ଉପରେ ଏଭଳି ଅଭିଯୋଗ ଲାଗି ଆସିଛି । ମାତ୍ର ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଏହି ଦଖଲ ସୀମା ଟପି ଯାଇଛି । ସରକାରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ସେ ଅଲଗା ଅଲଗା ଉପାୟ ଅବଲମ୍ବନ କରୁଛନ୍ତି । କେଉଁଠି ନିଜ ପସନ୍ଦଯୋଗ୍ୟ ନେତାଙ୍କୁ ଜିତାଇବା ପାଇଁ ଚାହୁଁଛନ୍ତି ତ ଆଉ କେଉଁଠି ରାଷ୍ଟ୍ରପତିଙ୍କୁ ଗାଦିଚ୍ୟୁତ କରିବାକୁ ଧମକ ପରେ ଧମକ ଦେଇ ଚାଲିଛନ୍ତି । ଅନ୍ୟ କେଉଁଠି ସାମରିକ ଏବଂ ଆର୍ଥିକ କ୍ଷମତା ବ୍ୟବହାର କରି ସରକାର ଭୁଶୁଡ଼ାଇବାକୁ ଷଡ଼ଯନ୍ତ୍ର କରୁଛନ୍ତି । ଭେନେଜୁଏଲା ଏହାର ପ୍ରକୃଷ୍ଟ ଉଦାହରଣ ପାଲଟିଛି ।

ଭେନଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ହଟାଇବାକୁ ଟ୍ରମ୍ପ ପ୍ରୟାସ କରୁଛନ୍ତି । ସେ ନିଜ ପ୍ରଥମ କାର୍ଯ୍ୟକାଳ ୨୦୧୯ରେ ଭେନଜୁଏଲାର ବିରୋଧୀ ନେତା ଜୁଆନ ଗୁଆଇଦୋଙ୍କୁ ଅନ୍ତରୀଣ ରାଷ୍ଟ୍ରପତି ମାନିଥିଲେ । ମାଦୁରୋ ନିଶା କାରବାରରେ ସମ୍ପୃକ୍ତ ଏବଂ ଜାଲିଆତି କରି ନିର୍ବାଚନ ଜିତିଥିବା ଟ୍ରମ୍ପ ଅଭିଯୋଗ କରିଥିଲେ । ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରେ ମାଦୁରୋଙ୍କୁ ହଟାଇବା ପାଇଁ ସେ ଯୁଦ୍ଧ ଜାହାଜ ମୁତୟନ କରିଛନ୍ତି । ସିଆଇଏ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ମଞ୍ଜୁରି ଦେଇଛନ୍ତି । ଭେନେଜୁଏଲାର ତୈଳ ଟ୍ୟାଙ୍କରକୁ ମଧ୍ୟ ଆମେରିକା ସେନା ଜବତ କରୁଛି ।

ବ୍ରାଜିଲରେ ଟ୍ରମ୍ପ ଅସ୍ଥିରତା ସୃଷ୍ଟି କରିଛନ୍ତି । ଦୁର୍ନୀତି ମାମଲାରେ ଫସିଥିବା ପୂର୍ବତନ ରାଷ୍ଟ୍ରପତି ତଥା ଘନିଷ୍ଠ ସହଯୋଗୀ ଜାର ବୋଲସୋନାରୋଙ୍କୁ ଟ୍ରମ୍ପ ସମର୍ଥନ କରୁଛନ୍ତି । ଏହାକୁ ସାକାର କରିବା ପାଇଁ ଭେନେଜୁଏଲା ଉପରେ ଆମେରିକା ସର୍ବାଧିକ ୫୦ ପ୍ରତିଶତ ଶୁଳ୍କ ଲଗାଇଛି । ସେହିପରି ବୋଲସୋନାରୋଙ୍କ ବିରୋଧରେ ରାୟ ଦେଇଥିବା ସୁପ୍ରିମକୋର୍ଟ ବିଚାରପତିଙ୍କ ବିରୋଧରେ ଭିସା ଏବଂ ଆର୍ଥିକ କଟକଣା ଲଗାଯାଇଛି । ବୋଲସୋନାରୋଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ଆମେରିକା ଚାପ ପକାଇବା ବୋଲି ବାର୍ତ୍ତା ଦିଆଯାଉଛି ।

ମଧ୍ୟ ଆମେରିକୀୟ ଦେଶ ହୋଣ୍ଡୁରାସରେ ନଭେମ୍ବର ୩୦ରେ ନିର୍ବାଚନ ହୋଇଥିଲା । ଏଥିରେ ଟ୍ରମ୍ପ ଖୋଲାଖୋଲି ଭାବେ ଶାସକ ନସରି ଅସଫୁରାଙ୍କୁ ସମର୍ଥନ ଦେଇଥିଲେ । ସେ ନ ଜିତିଲେ ଆମେରିକା ଦେଉଥିବା ଆର୍ଥିକ ସହାୟତା ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ । ନିର୍ବାଚନରେ ଜାଲିଆତି, ଭୋଟ ଗଣତିରେ ବିଳମ୍ବ, ଯାନ୍ତ୍ରିକ ତ୍ରୁଟି ମଧ୍ୟରେ ଅସଫୁରାଙ୍କୁ ବିଜେତା ଘୋଷଣା କରାଯାଇଥିଲା । ତେବେ ବିରୋଧୀ ଏହି ଫଳାଫଳକୁ ମାନିବାକୁ ମନା କରିଦେଇଥିଲେ । ନିର୍ବାଚନ ସମୟରେ ହଣ୍ଡୁରାସର ପୂର୍ବତନ ରାଷ୍ଟ୍ରପତି ଜୁଆନ ଓରଲାଣ୍ଡୋଙ୍କ ଦଣ୍ଡକୁ କ୍ଷମା କରିଦିଆଯାଇଥିଲା । ସେ ଆମେରିକାକୁ ନିଶା ଚୋରାଚାଲାଣ କରୁଥିବା ଅଭିଯୋଗ ଲାଗିଥିଲା । ସେ ମଧ୍ୟ ଅସଫୁରାଙ୍କ ଦଳ ସହ ଜଡ଼ିତ ଥିଲେ । ଏହାକୁ ଟ୍ରମ୍ପଙ୍କ ରାଜନୈତିକ ଚାଲ ଧରା ଯାଇଥିଲା ।

୨୦୨୫ ଅକ୍ଟୋବର ୨୬ରେ ଆର୍ଜେଣ୍ଟିନାର ସଂସଦୀୟ ନିର୍ବାଚନ ପୂର୍ବରୁ ଟ୍ରମ୍ପ ସେଠାକାର ରାଷ୍ଟ୍ରପତି ଜେଭିୟର ମିଲେଇଙ୍କ ସହ କଥା ହୋଇଥିଲେ । ସେ ହାରିଗଲେ ଆର୍ଜେଣ୍ଟିନା ଉପରେ କଠୋର ଆଭିମୁଖ୍ୟ ଆପଣା ଯିବ ବୋଲି ଟ୍ରମ୍ପ କହିଥିଲେ । ଏହାକୁ ନେଇ ଭୟର ବାତାବରଣ ବ୍ୟାପି ଯାଇଥିଲା । ରାଜନୀତି ଅଧିକ ବୃଦ୍ଧି ପାଇଥିଲା । ଶେଷରେ ନିର୍ବାଚନୀରେ ମିଲେଇଙ୍କ ଦଳ ବିଜୟୀ ହୋଇଥିଲା ।

୨୦୨୦ରେ ଆମେରିକା ସମର୍ଥନରେ ନୋବେଲ ବିଜେତା ମାନବାଧିକାର କର୍ମୀ ଆଙ୍ଗ ସାନ ସୁ କି ମ୍ୟାଁମାରରେ କ୍ଷମତାସୀନ ହୋଇଥିଲେ । ମାତ୍ର ୨୦୨୧ରେ ସେନା କ୍ଷମତା ଦଖଲ କରିଥିଲା । ଏବେ ୨୮ ତାରିଖରେ ଆମେରିକାରେ ନିର୍ବାଚନ ହେବାକୁ ଯାଉଛି । ତେବେ ଦେଶର ଅର୍ଦ୍ଧାଧିକ ଭାଗରେ ଏହି ନିର୍ବାଚନ ହେବ ନାହିଁ । ଏ ସବୁରୁ ବିରୋଧୀ ନେତାଙ୍କୁ ବାହାର କରି ଦିଆଯାଉଛି । କେବଳ ଦେଖାଇବା ପାଇଁ ଏହି ନିର୍ବାଚନ ହେଉଥିବା କୁହାଯାଉଛି । ଏଠାରେ ଆମେରିକାକୁ ଚୀନ୍ ଆହ୍ୱାନର ମୁକାବିଲା କରିବାକୁ ପଡୁଛି । ଏହି ନିର୍ବାଚନ ପାଇଁ ଚୀନ୍ ଭୋଟର ତାଲିକା, ଜ୍ଞାନକୌଶଳ ଏବଂ ପର୍ଯ୍ୟବେକ୍ଷକ ପଠାଇ ସାମରିକ ଶାସକ ଜେନେରାଲ ମିନ ଆଙ୍ଗ ହ୍ଲାଇଙ୍ଗଙ୍କୁ ବୈଧ ଦେଖାଇବାକୁ ଚାହୁଁଛି । ଭାରତ ମହାସାଗରରେ ପହଞ୍ଚିବା ପାଇଁ ମ୍ୟାଁମାରକୁ ଚୀନ୍ ଏକ ମାର୍ଗ ଭାବେ ଦେଖୁଛି । ଏଠାରେ ବନ୍ଦର, ତୈଳ ଗ୍ୟାସ ପାଇପଲାଇନ,ରାସ୍ତା ନିର୍ମାଣ ସହିତ ଅନେକ ବଡ଼ ପ୍ରକଳ୍ପ ଚଳାଇଛି । ମାତ୍ର ଗୃହଯୁଦ୍ଧ ଯୋଗୁଁ ସବୁ ଅଟକି ରହିଛି । ଏଥିପାଇଁ ସେନା ଶାସନକୁ ଚୀନ୍ ସମର୍ଥନ ଦେଉଛି । ମାତ୍ର ଆମେରିକା ଏପରି ଚାହୁଁ ନାହିଁ । ଚୀନ୍ କର୍ତ୍ତୃତ୍ୱ ହ୍ରାସ କରିବା ପାଇଁ ପ୍ରୟାସ କରୁଛି । ମ୍ୟାଁମାର ଉପରେ ଚାପ ପକାଉଛି ।

# ବିଶ୍ୱକପ୍‌ର ବର୍ଷ

୨୦୨୬ ହେବ ବିଶ୍ୱକପ୍‌ର ବର୍ଷ। ଫିଫା ବିଶ୍ୱକପ୍, ଟି-୨୦ ବିଶ୍ୱକପ୍, ରଗ୍‌ବୀ ୱାର୍ଲ୍ଡ କପ୍ ଓ ଏସିଆନ୍ ଗେମ୍ସ ପରି ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବ। ଶୀତକାଳୀନ ଅଲିମ୍ପିକ୍ସ ଓ ପାରାଅଲିମ୍ପିକ୍ସ ଆୟୋଜନର କାର୍ଯ୍ୟକ୍ରମ ରହିଛି। ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୱାର୍ଲ୍ଡ ବେସ୍‌ବଲ୍ କ୍ଲାସିକ୍, ୧୭ ବର୍ଷରୁ କମ୍ ମହିଳା ଓ ପୁରୁଷ ବିଶ୍ୱକପ୍, ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍, ୱାର୍ଲ୍ଡ ଇଣ୍ଡୋର ଆଥଲେଟିକ୍ସ ଓ ୱାର୍ଲ୍ଡ ଫିଗର ସ୍କେଟିଂ ଚାମ୍ପିଅନସିପ୍ ମଧ୍ୟ ଆୟୋଜିତ ହେବ। ତେବେ ଫୁଟବଲ ଓ କ୍ରିକେଟରେ ୪ଟି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଭାରତୀୟ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ।

## ଜାପାନରେ ଏସିଆନ ଗେମ୍ସ

ଅଲିମ୍ପିକ୍ସ ପରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତା ଭାବେ ଏସିଆନ୍ ଗେମ୍ସକୁ ବିବେଚନା କରାଯାଇଥାଏ। ଚଳିତବର୍ଷ ଏହି ମେଗା ଇଭେଣ୍ଟ ଜାପାନରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଜାପାନର ଅନ୍ୟତମ ଶ୍ରେଷ୍ଠ ସହର ନାଗୋୟାର ଆଇଚିରେ ଏହି ଇଭେଣ୍ଟ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୪ରେ ଶେଷ ହେବ। ଏଥିରେ ୪୫ଟି ଅଂଶଗ୍ରହଣକାରୀ ଦେଶରୁ ପ୍ରାୟ ୧୫,୦୦୦ ଆଥଲେଟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଖେଳାଯାଇଥିବା ୩୨ଟି ଇଭେଣ୍ଟ ସମେତ ପାଖାପାଖି ୪୨ଟି ଖେଳରେ ପ୍ରତିଯୋଗିତା ଆୟୋଜିତ ହେବ।

### ୨୦୨୬ର ପ୍ରମୁଖ ବିଶ୍ୱକପ୍ ବା ବିଶ୍ୱ ଚାମ୍ପିଅନସିପ୍

| ତାରିଖ | ଇଭେଣ୍ଟ | ଆୟୋଜକ/ଭେନ୍ୟୁ |
|---|---|---|
| ୧୫।୧ରୁ ୬।୨ | ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ | ଜିମ୍ବାୱେ, ନାମିବ୍ୟା |
| ୭।୨ରୁ ୮।୩ | ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ | ଭାରତ- ଶ୍ରୀଲଙ୍କା |
| ୨୦ରୁ ୨୨।୩ | ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ | ପୋଲାଣ୍ଡ |
| ୨୪ରୁ ୨୯।୩ | ୱାର୍ଲ୍ଡ ଫିଗର ସ୍କେଟିଂ ଚାମ୍ପିଅନିସପ୍ | ଚେକ୍ ରିପବ୍ଲିକ୍ |
| ୧୮।୪ରୁ ୪।୫ | ୱାର୍ଲ୍ଡ ସ୍ନୁକର ଚାମ୍ପିଅନସିପ୍ | ଶେଫିଲ୍ଡ, ଇଂଲଣ୍ଡ |
| ୨୮।୪ରୁ ୧୦।୫ | ୱାର୍ଲ୍ଡ ଟିମ୍ ଟିଟି ଚାମ୍ପିଅନସିପ୍ | ଲଣ୍ଡନ, ଇଂଲଣ୍ଡ |
| ୧୧।୬ରୁ ୧୯।୭ | ଫିଫା ୱାର୍ଲ୍ଡ କପ୍ ଫୁଟବଲ | ଆମେରିକା, କାନାଡା, ମେକ୍ସିକୋ |
| ୧୨।୬ରୁ ୫।୭ | ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ | ଇଂଲଣ୍ଡ ଓ ୱେଲ୍ସ |
| ୫ରୁ ୯।୮ | ୱାର୍ଲ୍ଡ ଜୁନିଅର ରୋଇଂ ଚାମ୍ପିଅନସିପ୍ | ବୁଲଗେରିଆ |
| ୧୪ରୁ ୩୦।୮ | ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ | ନେଦରଲାଣ୍ଡସ ଓ ବେଲଜିୟମ୍ |
| ୧୭ରୁ ୨୩।୮ | ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ | ନୂଆଦିଲ୍ଲୀ, ଭାରତ |
| ୨୩ରୁ ୩୦।୮ | ୱାର୍ଲ୍ଡ ରୋଇଂ ଚାମ୍ପିଅନସିପ୍ | ଆମଷ୍ଟଲଭିନ୍, ନେଦରଲାଣ୍ଡସ |
| ୪ରୁ ୧୩।୯ | ଫିବା ମହିଳା ବାସ୍କେଟବଲ ବିଶ୍ୱକପ୍ | ବର୍ଲିନ, ଜର୍ମାନୀ |

### ଫୁଟବଲ୍‌ରେ ୪ଟି ବିଶ୍ୱକପ୍

ସବୁଠୁ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ମହାକୁମ୍ଭ ସିନିଅର ପୁରୁଷ ଫିଫା ବିଶ୍ୱକପ୍ ଏଥର ଉତ୍ତର ଆମେରିକାର ୩ଟି ଦେଶ ଯଥା ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଓ ମେକ୍ସିକୋରେ ଖେଳାଯିବ। ୨୦୨୬ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ୨୩ତମ ସଂସ୍କରଣରେ ଏଥର ସର୍ବାଧିକ ୬ଟି ମହାଦେଶରୁ ୪୮ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ୧୬ଟି ସହରରେ ମୋଟ ୩୯ ଦିନରେ ୧୦୪ଟି ମ୍ୟାଚ୍ ଖେଳାଯିବ। ଏଥିସହ ପୋଲାଣ୍ଡରେ ୨୦ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍, ମରୋକ୍କୋରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଓ କତାରରେ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ୍ ଅନୁଷ୍ଠିତ ହେବ।

### ପୁରୁଷ ଓ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ

ଆଧୁନିକ କ୍ରିକେଟର ସବୁଠାରୁ ଲୋକପ୍ରିୟ ଟି-୨୦ ଫର୍ମାଟରେ ୨ଟି ବିଶ୍ୱକପ୍ ୨୦୨୬ରେ ଆୟୋଜିତ ହେବ। ଏହା ମଧ୍ୟରୁ ଭାରତ ଓ ଶ୍ରୀଲଙ୍କାରେ ପୁରୁଷ, ଇଂଲଣ୍ଡରେ ମହିଳା ବିଶ୍ୱକପ୍‌ର ୧୦ମ ସଂସ୍କରଣ ଖେଳାଯିବ। ପୁରୁଷ ବିଭାଗରେ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବ। ଏଥର ୨୦ଟି ଦଳ ଅଂଶଗ୍ରହଣ କରିବେ। ଭାରତର ୫ଟି ଓ ଶ୍ରୀଲଙ୍କାର ୩ଟି ଭେନ୍ୟୁରେ ସମସ୍ତ ୫୫ଟି ଯାକ ମ୍ୟାଚ୍ ଆୟୋଜିତ ହେବ। ଇଂଲଣ୍ଡ ଓ ୱେଲ୍ସରେ ଜୁନ୍ ୧୨ରୁ ଜୁଲାଇ ୫ ମଧ୍ୟରେ ୧୨ଟି ଦଳକୁ ନେଇ ହେବାକୁ ଥିବା ମହିଳା ଟି-୨୦ ବିଶ୍ୱକପ୍‌ର ୩୩ଟି ମ୍ୟାଚ୍ ୭ଟି ଭେନ୍ୟୁରେ ଖେଳାଯିବ। ଜାନୁଆରୀ ୧୫ରୁ ଫେବୃଆରୀ ୬ ମଧ୍ୟରେ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ଜିମ୍ବାୱେ ଓ ନାମିବ୍ୟାରେ ପ୍ରଥମଥର ଖେଳାଯିବ।

### ପୁରୁଷ ହକି ବିଶ୍ୱକପ୍

ବେଲଜିୟମର ୱାଭରେ ଓ ନେଦରଲାଣ୍ଡସର ଆମଷ୍ଟଲଭିନ୍‌ଠାରେ ୫ଟି ମହାଦେଶର ୧୬ଟି ଦଳକୁ ନେଇ ସିନିଅର ପୁରୁଷ ହକି ବିଶ୍ୱକପ୍ ପ୍ରତିଯୋଗିତା ଅଗଷ୍ଟ ୧୪ରୁ ୩୦ ଯାଏ ଆୟୋଜିତ ହେବ। ବିହାରର ରାଜଗିରଠାରେ ଅନୁଷ୍ଠିତ ଏସିଆ କପ୍‌ରେ ଚାମ୍ପିଅନ ହୋଇ ଭାରତ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଏକଦା ଜାତୀୟ ଖେଳର ମାନ୍ୟତା ପାଇଥିବା ହକିରେ ଭାରତର ବିଶ୍ୱକପ୍ ପଦକ ଆଶା ଘରୋଇ ମାଟିରେ ସମ୍ଭବ ହୋଇ ନ ଥିଲା। ୧୯୭୫ ମୁମ୍ବଇ ବିଶ୍ୱକପ୍ ଚାମ୍ପିଅନ ଭାରତ ଏଥର ଏହି ଧାରାରେ ପରିବର୍ତ୍ତନ କରିବ ବୋଲି ଆଶା ରଖିଛି।



### କମନୱେଲ୍‌ଥ ଗେମ୍ସ ବା ରାଜ୍ୟଗୋଷ୍ଠୀ କ୍ରୀଡ଼ା

୨୦୨୬ରେ ମଲ୍ଟିସ୍ପୋର୍ଟ୍ସରେ ଏସିଆନ୍ ଗେମ୍ସ ପରେ କେବଳ କମନୱେଲ୍‌ଥ ଏକ ଅନ୍ତର୍ଜାତୀୟ ଇଭେଣ୍ଟ ରହିଛି। ଏଥର ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ସହରରେ ଏହି ପ୍ରତିଯୋଗିତା ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୨ରେ ଶେଷ ହେବ। ଅର୍ଥସଙ୍କଟ ଦେଇ ଗତିକରୁଥିବା ଏହି ପ୍ରତିଯୋଗିତାରେ ଏଥର ୧୦ଟି କ୍ରୀଡ଼ାରେ ଲଢ଼େଇ ହେବ। କିନ୍ତୁ ଅର୍ଥସଙ୍କଟ ଯୋଗୁ ଏଥର କ୍ରିକେଟ, ହକି, ବ୍ୟାଡମିଣ୍ଟନ, ସୁଟିଂ, ସ୍କ୍ୱାଶ୍, ରେସଲିଂ, ଟ୍ରାଏଥଲନ, ଆର୍ଚେରୀ ଓ ଟେବୁଲ ଟେନିସ ଖେଳକୁ ବାଦ୍ ଦିଆଯାଇଛି।

### ବ୍ୟାଡ୍‌ମିଣ୍ଟନ, ଚେସ୍ ଓ କ୍ରିକେଟ ବିଶ୍ୱକପ୍

୨୦୨୬ରେ ଭାରତୀୟ କ୍ରୀଡ଼ାର ସମ୍ଭାବନାମୟ ବର୍ଷ ଭାବେ ବିବେଚନା କରାଯାଉଛି। ଏହି ବର୍ଷ ଏକାଧିକ ବିଶ୍ୱଚାମ୍ପିଅନସିପ୍ ବା ବିଶ୍ୱକପ୍ ଆୟୋଜିତ ହେଉଥିବାରୁ ଖେଳାଳିଙ୍କୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ ହେବା ଓ ଦେଶର ଗୌରବ ବଢ଼ାଇବା ଲାଗି ସୁବର୍ଣ୍ଣ ସୁଯୋଗ ରହିଛି। ଲୋକପ୍ରିୟ ଖେଳ ଫୁଟବଲ, ହକି, କ୍ରିକେଟ, ବ୍ୟାଡ୍‌ମିଣ୍ଟନ, ଚେସ୍, ରଗ୍‌ବୀରେ ବିଶ୍ୱକପ୍ ବା ବିଶ୍ୱଚାମ୍ପିଅନସିପ୍ ଆୟୋଜିତ ହେବ।

### ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍


ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନର ୱାର୍ଲ୍ଡ ଚାମ୍ପିଅନସିପ୍‌ର ୩୦ତମ ସଂସ୍କରଣ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧି ଆରେନାରେ ଖେଳାଯିବ। ୨୦୦୯ ପରେ ଏହି ପ୍ରତିଯୋଗିତା ଭାରତରେ ପ୍ରଥମଥର ଖେଳାଯିବ। ଏହି ଚାମ୍ପିଅନସିପ୍‌ରେ ଭାରତୀୟ ପ୍ରତିଯୋଗୀମାନେ ଏକାଧିକ ପଦକ ଜିତିଥିବାରୁ ଘରୋଇ ସମର୍ଥକଙ୍କ ଆଗରେ କିଛି ବଡ଼ ସଫଳତା ପାଇବାକୁ ଏମାନେ ଚେଷ୍ଟା କରିବେ ନିଶ୍ଚୟ। ଏହା କେବେ ହେବ ଓ କେତୋଟି ଦେଶ ଅଂଶଗ୍ରହଣ କରିବେ ତାହା ପରେ ସ୍ଥିର ହେବ।






## ଜୋକୋଭିଚ୍‌ଙ୍କୁ ବାଧା 'ସିନ୍‌କାରାଜ୍'

ମହାନ ଟେନିସ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ପାଇଁ ବର୍ଷ ୨୦୨୬ ଅନେକ କିଛି ସମ୍ଭାବନା ନେଇ ଉପନୀତ ହୋଇଛି। ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ନୂତନ ବର୍ଷ ଜୋକୋଭିଚ୍‌ଙ୍କ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ସ୍ୱପ୍ନକୁ ପୂରଣ କରିବ କି ନାହିଁ ତାହାକୁ କ୍ରୀଡ଼ାପ୍ରେମୀ ଅପେକ୍ଷା କରି





ରହିଛନ୍ତି। ତେବେ ୩୯ ବର୍ଷରେ ପାଦ ଥାପିବାକୁ ଯାଉଥିବା ଏହି ତାରକାଙ୍କ ସାମ୍ନାରେ ବଡ଼ ପ୍ରତିବନ୍ଧକ ଭାବେ 'ସିନକାରାଜ' ରହିଛନ୍ତି। ଇଟାଲୀର ଜାନ୍ନିକ ସିନ୍ନର ଓ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ଏହି ଦୁଇଟି ସିଜନରେ ମୋଟ୍ ୮ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୪ଟି ଲେଖାଏ ବାଣ୍ଟିନେଇ ଜୋକୋଭିଚ୍‌ଙ୍କ ସ୍ୱପ୍ନର ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫିରେ ବାଧକ ସାଜିଛନ୍ତି।

## '୨୬ ଚର୍ଚ୍ଚାରେ ୬ ଖେଳାଳି

ଦର୍ଶକଙ୍କ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ପାଲିଟିଥିବା କ୍ରୀଡ଼ା କ୍ଷେତ୍ରରେ ୨୦୨୫ ମସିହାରେ ସୃଷ୍ଟି ହୋଇଛି ଅନେକ ନୂଆ ଇତିହାସ। ତେବେ ବିବାଦ-ବିତର୍କ ଓ ରେକର୍ଡ଼ର ପୃଷ୍ଠଭୂମିରେ ନୂଆ କ୍ରୀଡ଼ାବର୍ଷ ୨୦୨୬ରେ କିଛି ପ୍ରମୁଖ ଖେଳାଳିଙ୍କ ଭାଗ୍ୟ ଆଉ ଭବିଷ୍ୟତକୁ ନେଇ ଆରମ୍ଭ ହୋଇଛି ଅବଗଣନା। କିଏ ନିଜ କ୍ୟାରିୟରର ଦୋଛକିରେ ରହିଛି ତ ଆଉ କିଏ ନୂଆ ସମ୍ଭାବନାର ଆଶା ଜନ୍ମାଇଛି। '୨୬ ଚର୍ଚ୍ଚାରେ ଥିବା ୬ ପ୍ରମୁଖ ଖେଳାଳିଙ୍କୁ ନେଇ ଆମର ଏଇ ସ୍ୱତନ୍ତ୍ର ଉପସ୍ଥାପନା।



### ବୈଭବ ସୂର୍ଯ୍ୟବଂଶୀ

ମାତ୍ର ୧୪ ବର୍ଷ ବୟସରେ ଆଇପିଏଲ୍‌ରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ ପରେ ଗୋଟିକ ପରେ ଗୋଟିଏ ରେକର୍ଡ/ବିଶ୍ୱରେକର୍ଡ କରିଚାଲିଛନ୍ତି। ୧୯ ବର୍ଷରୁ କମ୍ ଦକ୍ଷିଣ ଆଫ୍ରିକା ସିରିଜ୍ ଲାଗି ଭାରତୀୟ ଦଳର ଅଧିନାୟକ ମନୋନୀତ ଏହି ବାମହାତୀ ଓପନର ଜିମ୍ବାୱେ ଓ ନାମିବ୍ୟାରେ ୨୦୨୬ରେ ହେବାକୁ ଥିବା ଆଇପିଏଲ୍ ବିଶ୍ୱକପ୍‌ରେ ଚମକିବେ ବୋଲି ଭାରତୀୟଙ୍କ ଆଶା।



### ରୋହିତ- କୋହଲି

ରୋ-କୋ ନାମରେ ପରିଚିତ ବିଶ୍ୱ କ୍ରିକେଟର କିଂବଦନ୍ତି ଯୋଡ଼ି ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ ଓ ଟି-୨୦ କ୍ରିକେଟ ଫର୍ମାଟରୁ ଅବସର ନେଇଥିଲେ ମଧ୍ୟ ଦିନିକିଆରେ ଖେଳୁଛନ୍ତି। ଏହି ଦୁଇ ଧୂଆଁଧାର ବ୍ୟାଟର ଯେତେ ମ୍ୟାଚ୍ ଖେଳୁଛନ୍ତି ସେତେ ରେକର୍ଡ କରିଚାଲିଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ଏମାନେ ଖେଳିବେ କି ନାହିଁ ତାହା ୨୦୨୬ରେ ସ୍ଥିର ହେବ। ତେଣୁ ଏହି ଯୋଡ଼ିଙ୍କ ଉପରେ ଏବେ ସମସ୍ତଙ୍କ ନଜର।



### ଅଭିଷେକ ଶର୍ମା

ସାମ୍ପ୍ରତିକ ବିଶ୍ୱ ଟି-୨୦ କ୍ରିକେଟରେ ବିଧ୍ୱଂସୀ ଓପନର ଭାବେ ଭାରତର ଅଭିଷେକ ଶର୍ମା ବେଶ ପ୍ରତିଷ୍ଠା ଲାଭ କରିଛନ୍ତି। ଭାରତ ଓ ଶ୍ରୀଲଙ୍କାରେ ୨୦୨୬ରେ ଟି-୨୦ ବିଶ୍ୱକପ୍ ଆୟୋଜିତ ହେବ। ଏବେ ବିଶ୍ୱର ନଂ-୧ ବ୍ୟାଟର ଅଭିଷେକ ଏହି ବିଶ୍ୱକପ୍‌ରେ ଷ୍ଟାରରୁ ସୁପରଷ୍ଟାର ହେବାର ଯଥେଷ୍ଟ ସମ୍ଭାବନା ରହିଛି।



### ପିଭି ସିନ୍ଧୁ

ବ୍ୟାଡ୍‌ମିଣ୍ଟନରେ ଭାରତର ପରିଚୟ ହୋଇଥିବା ଏକାଧିକ ଅଲିମ୍ପିକ୍ ପଦକ ବିଜେତା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ୨୦୨୫ରେ ବିଶେଷ ସଫଳତା ପାଇ ନାହାନ୍ତି। ୨୦୨୬ ତାଙ୍କ ଲାଗି ଅନେକ ସମ୍ଭାବନା ଆଣିବ। ବିଶେଷ କରି ଅନ୍ତର୍ଜାତୀୟ ସ୍ତରରେ ଏକାଧିକ ପଦକ ଜିତି ତାଙ୍କ ସୁପରଷ୍ଟାର ମାନ୍ୟତା ବଜାୟ ରଖିବା ସହ ଭାରତର ଗୌରବ ବୃଦ୍ଧି କରିବେ ବୋଲି ଆଶା କରିବା ସ୍ୱାଭାବିକ୍।



### ନୀରଜ ଚୋପ୍ରା

ଏକମାତ୍ର ଭାରତୀୟ ଭାବେ ବିଶ୍ୱ ଆଥଲେଟିକ୍ସରେ ପ୍ରଭାବ ବିସ୍ତାର କରିଥିବା ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରାଙ୍କ ଲାଗି ଗୌରବ ବଢ଼ାଇବାର ଆଉ ଏକ ବର୍ଷ ହେବ। ଏହି ବର୍ଷ ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ କମନୱେଲଥ ଗେମ୍ସ ଓ ଜାପାନରେ ହେବାକୁ ଥିବା ଏସିଆନ ଗେମ୍ସ ଆୟୋଜିତ ହେବ। ଏହି ଦୁଇଟି ମଲ୍ଟିସ୍ପୋର୍ଟ୍ସ ଇଭେଣ୍ଟରେ ନୀରଜ ସ୍ୱର୍ଣ୍ଣ ପଦକ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।



### ଲଭଲିନା, ମିରାବାଇ

ବହୁ ଚର୍ଚ୍ଚିତ ମହିଳା ମୁଷ୍ଟିଯୋଦ୍ଧା ଲଭଲିନା ବୋରୋଗୋହାଁଇ ଓ ଭାରୋତ୍ତୋଳିକା ମୀରାବାଇ ଚାନୁ ୨୦୨୬ରେ ହେବାକୁ ଥିବା କମନୱେଲ୍‌ଥ ଓ ଏସିଆନ ଗେମ୍ସରେ ଦେଶ ପାଇଁ ଶ୍ରେଷ୍ଠ ସଫଳତା ଆଣିବେ ବୋଲି କ୍ରୀଡ଼ାପ୍ରେମୀମାନେ ଦୃଢ଼ ଆଶା ରଖିଛନ୍ତି।

## ବର୍ଷ ଆରମ୍ଭରୁ କମ୍ପିବ କଳିଙ୍ଗ




ନୂଆ ବର୍ଷ ଆରମ୍ଭରୁ ଓଡ଼ିଶା କ୍ରୀଡ଼ାପ୍ରେମୀ ଘରୋଇ ପରିବେଶରେ ଏକ ବଡ଼ ହକି ଟୁର୍ଣ୍ଣାମେଣ୍ଟ ଦେଖିବାର ସୁଯୋଗ ପାଇବେ। ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୭ମ ସଂସ୍କରଣର ଚୂଡ଼ାନ୍ତ ପର୍ଯ୍ୟାୟ ମ୍ୟାଚ୍ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଫ୍ରାଞ୍ଚାଇଜଭିତ୍ତିକ ଏହି ପୁରୁଷ ହକି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଚେନ୍ନଇରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୧ରୁ ୧୬ ପର୍ଯ୍ୟନ୍ତ ରାଞ୍ଚିରେ ହେବ। ତୃତୀୟ ପର୍ଯ୍ୟାୟ ଜାନୁଆରୀ ୧୭ରୁ କଳିଙ୍ଗ ଷ୍ଟାଡିୟମରେ ୯ଟି ଲିଗ୍ ମୁକାବିଲା ସହ ଫାଇନାଲକୁ ମିଶାଇ ନକ୍‌ଆଉଟ୍ ପର୍ଯ୍ୟାୟର ୫ଟି ମ୍ୟାଚ୍ ହେବ।

## ଚର୍ଚ୍ଚାରେ ଓଡ଼ିଶା

### ହକିର ନୂଆ ତାରକା

ଭାରତୀୟ ହକିର 'ଦି ୱାଲ' ଦିଲୀପ ତିର୍କୀଙ୍କ ପରେ ବୀରେନ୍ଦ୍ର ଲାକ୍ରା ଓ ଅମିତ୍ ରୋହିଦାସ ଅଲିମ୍ପିକ୍ସରେ ଐତିହାସିକ ପଦକ ଜିତି ଜାତୀୟ ହକିରେ ଓଡ଼ିଶାର ଛାପକୁ ବଜାୟ ରଖିଥିଲେ। ବୀରେନ୍ଦ୍ର ଅବସର ନେଇସାରିଥିବାବେଳେ ୩୨ ବର୍ଷୀୟ ଅମିତଙ୍କ କ୍ୟାରିୟର ସାୟାହ୍ନରେ। ଏବେ ଜାତୀୟ ହକିରେ ଓଡ଼ିଶାର ଯୁବ ଚେହେରା ନୀଲମ ସଞ୍ଜୀପ ଖେସ, ଶିଳାନନ୍ଦ ଲାକ୍ରା, ଦୀପସାନ ତିର୍କୀଙ୍କ ସହ ରୋଶନ କୁଜୁର, ଅନମୋଲ୍ ଏକ୍କା, ଆଦ୍ରୋହିତ ଏକ୍କା ୨୦୨୬ ହକି ଇଣ୍ଡିଆ ଲିଗ୍‌ରେ ସଫଳତା ଆଣିବାର ଆଶା ରହିଛି।

### ନଜରରେ ତନ୍ୱୀ



୧୪ ବର୍ଷୀୟା ଯୁବା ବ୍ୟାଡ୍‌ମିଣ୍ଟନ ତାରକା ତନ୍ୱୀ ପତ୍ରୀ ଏକ ଦୃଢ଼ ସମ୍ଭାବନାର ସ୍ୱର। ଡିସେମ୍ବର ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ୧୫ ଓ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଚାମ୍ପିଅନ ହୋଇ ସେ ଡବଲ୍ସ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତନ୍ୱୀଙ୍କ ପ୍ରଦର୍ଶନକୁ ଅଲିମ୍ପିକ ବିଜୟିନୀ ପିଭି ସିନ୍ଧୁ ବେଶ୍ ପ୍ରଶଂସା କରିଛନ୍ତି। ବାଲେଶ୍ୱରର ଏହି ଯୁବ ସଟଲର୍ ୨୦୨୫ରେ ଏକାଧିକ ଅନ୍ତର୍ଜାତୀୟ ଇଭେଣ୍ଟରେ ପଦକ ହାସଲ କରି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଥିଲେ। ତନ୍ୱୀଙ୍କ ଏହି ପ୍ରଦର୍ଶନ ଆଧାରରେ ଓଡ଼ିଶା କ୍ରୀଡ଼ାପ୍ରେମୀ ତାଙ୍କଠାରୁ ୨୦୨୬ରେ ଆହୁରି ଅନେକ ସଫଳତା ଆଶା ରଖିଛନ୍ତି।

### ଟ୍ରାକରେ ଚମକିବେ ଅନିମେଶ



ନୂତନ ବର୍ଷ ୨୦୨୬ରେ ଯଦି ଓଡ଼ିଶାରୁ କେଉଁ କ୍ରୀଡ଼ାବିତ୍‌ଙ୍କଠାରୁ ଅଧିକ ଆଶା ରହିଛି ସେ ହେଲେ ସ୍ପ୍ରିଣ୍ଟର ଅନିମେଶ କୁଜୁର। ଛତିଶଗଡ଼ରେ ଜନ୍ମିତ ହୋଇଥିଲେ ମଧ୍ୟ ୨୨ ବର୍ଷୀୟ ଏହି ଧାବକ ବିଗତ କିଛି ବର୍ଷ ଧରି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି। ବିଦାୟୀ ବର୍ଷ ଅନିମେଶଙ୍କ ପାଇଁ ବେଶ୍ ସ୍ମରଣୀୟ ରହିଥିଲା। ୧୦୦ (୧୦.୧୮ ସେକେଣ୍ଡ) ଓ ୨୦୦ (୨୦.୩୨ ସେକେଣ୍ଡ) ମିଟର ଇଭେଣ୍ଟରେ ଅନିମେଶ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ୨୦୨୫ ଅନ୍ତର୍ଜାତୀୟ ଇଭେଣ୍ଟରେ ୩ଟି କାଂସ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିବା ଅନିମେଶ ଜାମାଇକାର କିମ୍ବଦନ୍ତୀ ସ୍ପ୍ରିଣ୍ଟର ଉସେନ ବୋଲ୍ଟଙ୍କୁ ଆଦର୍ଶ ମାନନ୍ତି। ୨୦୨୬ରେ ସେ ତାଙ୍କର 'ସ୍ୱର୍ଣ୍ଣ' ସ୍ୱପ୍ନ ପୂରଣ କରିବେ ବୋଲି କ୍ରୀଡ଼ାପ୍ରେମୀଙ୍କ ଆଶା।

### ମନ୍ଧାନା-ଶେଫାଳିଙ୍କ ରେକର୍ଡ ଭାଗୀଦାରି; ପୁଣି ହାରିଲା ଶ୍ରୀଲଙ୍କା

# ଭାରତର କ୍ରମାଗତ ୪ର୍ଥ ବିଜୟ

ଥିରୁଅନନ୍ତପୁରମ, ୨୮ ।୧୨ (ଏଜେନ୍ସି)

ଘରୋଇ ଭାରତୀୟ ଦଳ ବିଜୟ ଧାରା ଜାରି ରଖି ଏଠାରେ ରବିବାର ଖେଳାଯାଇଥିବା ମହିଳା ଟି-୨୦ ସିରିଜର ୪ର୍ଥ ମ୍ୟାଚରେ ୩୦ ରନରେ ଶ୍ରୀଲଙ୍କାକୁ ମାତ୍ ଦେଇଛି। ପୂର୍ବରୁ ସିରିଜର ପ୍ରଥମ ୩ଟି ମ୍ୟାଚକୁ ଜିତିଥିବା ଭାରତ ଏଥିସହ ୪-୦ରେ ଅଗ୍ରଣୀ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ଅନ୍ତିମ ମ୍ୟାଚ୍ ମଙ୍ଗଳବାର ଏଠାରେ ଖେଳାଯିବ।

## ଭାରତର ରେକର୍ଡ ୨୨୧/୨ ସ୍କୋର

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର୍ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୨ ୱିକେଟ୍ ହରାଇ ୨୨୧ ରନର ରେକର୍ଡ ଦଳଗତ ସ୍କୋର କରିଥିଲା। ଶେଫାଳି ୪୬ ବଲରେ ୭୯ (୧୨ ଚୌକା ଓ ୧ ଛକା) ଓ ମନ୍ଧାନା ୪୮ ବଲରେ ୮୦ ରନ (୧୧ ଚୌକା, ୩ ଛକା) କରିଥିଲେ। ଓପନିଂ ୱିକେଟ୍‌ରେ ଉଭୟ ୯୨ ବଲରୁ ୧୬୨ ରନର ରେକର୍ଡ ଭାଗୀଦାରି ଗଢ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଚା ଘୋଷ ୧୬ ବଲରେ ୪୦ ଓ ଅଧିନାୟିକା ହରମନପ୍ରୀତ୍ କୌର ୧୦ ବଲରେ ୧୬ ରନ କରି ଅପରାଜିତ ରହିଥିଲେ। ଜବାବରେ ଶ୍ରୀଲଙ୍କା ମଧ୍ୟ କଡ଼ା ଟକ୍କର ଦେଇଥିଲା। ଅଧିନାୟିକା ଚାମରି ଆଟ୍ଟାପାଟ୍ଟୁ ୩୭ ବଲରେ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳ ୬ ୱିକେଟରେ ୧୯୧ ରନ କରି ପରାସ୍ତ ହୋଇଥିଲା। ଭାରତର ଅରୁନ୍ଧତୀ ରେଡ୍ଡୀ ଓ ବୈଷ୍ଣବୀ ଶର୍ମାଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା।



### ମ୍ୟାଚର ରେକର୍ଡ

**୨୨୧/୨** : ମହିଳା ଟି-୨୦ରେ କୌଣସି ଦଳ ବିପକ୍ଷରେ ଭାରତର ଏହା ରେକର୍ଡ ଦଳଗତ ସ୍କୋର। ପୂର୍ବରୁ ୨୦୨୪ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ କରିଥିବା ସ୍କୋର (୨୧୭/୪)କୁ ଭାରତ ଟପିଛି।

**୧୦ ହଜାର ରନ** : ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ୪ର୍ଥ ବ୍ୟାଟର୍ ଭାବେ ସ୍ମୃତି ମନ୍ଧାନା ୧୦ ହଜାର ରନ କ୍ଲବରେ ସାମିଲ ହୋଇଛନ୍ତି। ପୂର୍ବରୁ ମିତାଲି ରାଜ (୧୦,୮୬୮), ସୁଜି ବେଟ୍ସ (୧୦,୬୫୨) ଓ ଚାର୍ଲୋଟେ ଏଡୱାର୍ଡ୍ସ (୧୦,୨୭୩) ଏହି କ୍ଲବରେ ରହିଛନ୍ତି।

**୩୧୦୭ ରନ** : ମହିଳା ଟି-୨୦ରେ ପାର୍ଟନରସିପ୍‌ରେ ମନ୍ଧାନା-ଶେଫାଳି ଯୋଡ଼ି ୩୦୦୦ ରନ ଅତିକ୍ରମ କରିଛନ୍ତି। ଏହି ଯୋଡ଼ି ବର୍ତ୍ତମାନ ଟି-୨୦ରେ ପାର୍ଟନରସିପ୍‌ରେ ମୋଟ୍ ୩୧୦୭ ରନ ସଂଗ୍ରହ କରିଛନ୍ତି। ତାଙ୍କ ପଛକୁ ଅଷ୍ଟ୍ରେଲିଆର ଆଲିସା ହେଲୀ-ବେଥ୍ ମୁନୀ ଯୋଡ଼ି (୨୭୨୦ ରନ) ରହିଛନ୍ତି।

**୨୪ଥର** : ମନ୍ଧାନା ଓ ଶେଫାଳି ଯୋଡ଼ି ଟି-୨୦ କ୍ରିକେଟରେ ରେକର୍ଡ ୨୪ଥର ଲାଗି ଓପନିଂ ୱିକେଟ ଭାଗୀଦାରିରେ ୫୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ହେଲୀ-ମୁନୀ ଯୋଡ଼ି ୨୦ଥର ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଅଷ୍ଟ୍ରେଲିଆନ୍ କ୍ରିକେଟ୍ ହଲ୍ ଅଫ୍ ଫେମ୍‌ରେ ବ୍ରେଟ୍ ଲି



ସିଡ୍‌ନୀ, ୨୮ ।୧୨ (ଏଜେନ୍ସି): ମହାନ ଦ୍ରୁତ ବୋଲର ବ୍ରେଟ୍ ଲି ଅଷ୍ଟ୍ରେଲିଆନ୍ କ୍ରିକେଟ୍ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଛନ୍ତି। ଏହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇବାରେ ୪୯ ବର୍ଷୀୟ ଲି ଅଷ୍ଟ୍ରେଲିଆର ୬୨ତମ କ୍ରିକେଟର୍ ହୋଇଛନ୍ତି। କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ୧୯୯୯ରେ ମେଲବୋର୍ଣ୍ଣରେ ଅନୁଷ୍ଠିତ ଭାରତ ବିପକ୍ଷ ବକ୍ସିଂ ଡେ ଟେଷ୍ଟ ଖେଳି ଲି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ୧୩ ବର୍ଷର ଲମ୍ବା କ୍ୟାରିୟରରେ ଲି ଅଷ୍ଟ୍ରେଲିଆ ପାଇଁ ୩ଟି ଯାକ ଫର୍ମାଟରେ ମୋଟ୍ ଉପରେ ୩୨୨ଟି ମ୍ୟାଚ୍ ଖେଳି ୭୧୮ଟି ୱିକେଟ୍ ନେଇଛନ୍ତି। ଯେଉଁଥିରେ ୭୬ଟି ଟେଷ୍ଟରେ ୩୧୦ଟି ଓ ୨୨୧ଟି ଦିନିକିଆରେ ୩୮୦ଟି ୱିକେଟ୍ ନେଇଛନ୍ତି। ସେହିଭଳି ଲି ୨୦୦୩ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ଏହି ବିଶ୍ୱକପ୍‌ର ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲରେ ସେ ମାର୍ଭନ ଅଟାପାଟ୍ଟୁଙ୍କୁ ୧୬୦.୧ କିମି ବେଗରେ ବଲ୍ ପକାଇ ବେଶ୍ ଚର୍ଚ୍ଚାରେ ରହିଥିଲେ। ଏହାପରେ ଲି ତାଙ୍କ କ୍ୟାରିୟରରେ ଦ୍ୱିତୀୟଥର ଲାଗି ୧୬୦ କିମିରୁ ଉର୍ଦ୍ଧ୍ୱବେଗରେ ବଲ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୦୦୫ରେ ବୋଲିଂ କରିଥିଲେ। ଏହି ବଲ୍‌ର ବେଗ ୧୬୦.୮ କିମି ରହିଥିଲା।

### ■ ଭାରତ ପାଇଁ ଖେଳିବା ପଡ଼ିଲା ମହଙ୍ଗା

## ପାକିସ୍ତାନର ରାଜପୁତ ବାସନ୍ଦ



ଲାହୋର, ୨୮ ।୧୨ (ଏଜେନ୍ସି): ପାକିସ୍ତାନ କବାଡ଼ି ଦଳର ପରିଚିତ ଚେହେରା ଉବେଦୁଲ୍ଲା ରାଜପୁତ ଅନିର୍ଦ୍ଦିଷ୍ଟକାଳ ଲାଗି ବାସନ୍ଦ ହୋଇଛନ୍ତି। ପାକିସ୍ତାନ କବାଡ଼ି ମହାସଂଘ (ପିକେଏଫ୍) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଚଳିତ ମାସ ପ୍ରାରମ୍ଭରେ ବାହାରିନରେ ଅନୁଷ୍ଠିତ ଏକ ଘରୋଇ କବାଡ଼ି ଟୁର୍ଣ୍ଣାମେଣ୍ଟ ଜିସିସି କପ୍‌ରେ ଉବେଦୁଲ୍ଲା ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ଜର୍ସି ପରିଧାନ କରି ଭାରତୀୟ ପତାକା ତଳେ ଖେଳୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ପାକିସ୍ତାନରେ ଦାବି ଉଠିଥିଲା। ଯେଉଁଥି ପାଇଁ ପିକେଏଫ୍ ପକ୍ଷରୁ ଗତକାଲି ଏକ ଜରୁରୀକାଳୀନ ବୈଠକ ବସିଥିଲା। ଏଥିରେ ରାଜପୁତଙ୍କ ଉପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାସନ୍ଦାଦେଶ ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପିକେଏଫ୍ କର୍ତ୍ତୃପକ୍ଷଙ୍କଠାରୁ ବାଧ୍ୟତାମୂଳକ ନୋ-ଅବଜେକସନ ସାର୍ଟିଫିକେଟ୍ (ଏନ୍‌ଓସି) ନ ପାଇ ଟୁର୍ଣ୍ଣାମେଣ୍ଟ ଖେଳିବା ଲାଗି ବିଦେଶ ଯାତ୍ରା କରିଥିବାରୁ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ବୋଲି ସମ୍ପାଦକ ରାଣା ସରୱାର କହିଛନ୍ତି। ଶୃଙ୍ଖଳାଗତ କମିଟି ସାମ୍ନାରେ ଆବେଦନ କରିବାର ଅଧିକାର ରାଜପୁତଙ୍କ ରହିଛି ବୋଲି ସରୱାର କହିଛନ୍ତି।

## ମହିଳା ହକି ଇଣ୍ଡିଆ ଲିଗ୍ ଉଦ୍‌ଘାଟିତ

ରାଞ୍ଚି, ୨୮ ।୧୨ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଚ୍)ର ଦ୍ୱିତୀୟ ସଂସ୍କରଣ ରବିବାର ରାଞ୍ଚିରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ନବାଗତ ତଥା ଘରୋଇ ରାଞ୍ଚି ରୟାଲ୍ସ ୨-୦ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଅଧିନାୟିକା ନବନୀତ୍ କୌର ଓ ତେରେସା ଭିଆନା ରାଞ୍ଚି ପାଇଁ ଏହି ଦୁଇଟି ଗୋଲ୍ ଦେଇଥିଲେ। ସୋମବାର ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ ଓ ଶାରଚୀ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ପ୍ରକାଶଯୋଗ୍ୟ, ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ପ୍ରଥମ ସଂସ୍କରଣ ପରେ ଓହରିଯାଇଥିଲା।

### ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନ

## ରୌପ୍ୟ ଜିତି ବର୍ଷକୁ ସ୍ମରଣୀୟ କଲେ ତନ୍ୱୀ

ଭୁବନେଶ୍ୱର, ୨୮ ।୧୨ (ସମିସ): ଓଡ଼ିଶାର ପ୍ରତିଭାବାନ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱୀ ପତ୍ରି ଦମ୍‌ଦାର ପ୍ରଦର୍ଶନ ସହ ବର୍ଷ ୨୦୨୫କୁ ବିଦାୟ ଜଣାଇଛନ୍ତି। ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ରବିବାର ଶେଷ ହୋଇଥିବା ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ର ୮୭ତମ ସଂସ୍କରଣରେ ତନ୍ୱୀ ରନର୍ସଅପ୍ ହେବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ୧୪ ବର୍ଷୀୟା ତନ୍ୱୀଙ୍କ କ୍ୟାରିୟରରେ ସିନିଅରବର୍ଗରେ ଏହା ପ୍ରଥମ ରୌପ୍ୟ ପଦକ ସଫଳତା ଥିଲା। ଏଥିପୂର୍ବରୁ ଡିସେମ୍ବର ପ୍ରାରମ୍ଭରେ କଳିଙ୍ଗ ଷ୍ଟାଡିୟମସ୍ଥିତ 'ଦି ସଟଲ୍'ରେ ଅନୁଷ୍ଠିତ ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ଚାମ୍ପିଅନସିପ୍‌ରେ ସେ ଡବଲ୍ ଟାଇଟଲ୍ ହାସଲ କରିଥିଲେ। ସିନିଅରବର୍ଗରେ ତନ୍ୱୀଙ୍କ ଏହି ରୌପ୍ୟ ସଫଳତା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ତନ୍ୱୀ ମୁକାବିଲା ଘରୋଇ ଆନ୍ଧ୍ର ସଟଲର୍ ୧୯ ବର୍ଷୀୟା ସୂର୍ଯ୍ୟା ଚାରିସ୍ମାଙ୍କ ସହ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ସାରା ଏକାଧିକ ବିପର୍ଯ୍ୟୟ ଘଟାଇଥିବା ତନ୍ୱୀ ଏହି ମ୍ୟାଚର ପ୍ରଥମ ଗେମ୍‌କୁ



୨୧-୧୭ରେ ବାଜିମାତ୍ କରିନେଇଥିଲେ। କିନ୍ତୁ ଘରୋଇ ପରିବେଶର ଫାଇଦା ଉଠାଇ ସୂର୍ଯ୍ୟା ପରବର୍ତ୍ତୀ ଦୁଇଟି ଗେମ୍‌କୁ ଯଥାକ୍ରମେ ୨୧-୧୨, ୨୧-୧୪ରେ ବିଜୟୀ ହେବା ସହ ସ୍ୱର୍ଣ୍ଣ ପଦକ ହାତେଇନେଇଥିଲେ। ଏହି ମ୍ୟାଚର ଫଳାଫଳ ବାହାରିବାକୁ ୫୮ ମିନିଟ୍ ସମୟ ଲାଗିଥିଲା। ତନ୍ୱୀ ଏଥିପୂର୍ବରୁ ଶନିବାର ସେମିଫାଇନାଲରେ ୧୮-୨୧, ୨୧-୧୨, ୨୧-୧୫ ଗେମରେ ମହାରାଷ୍ଟ୍ରର ଶ୍ରୁତି ମୁନ୍‌ଦାଦାଙ୍କୁ ପରାସ୍ତ କରି ପ୍ରଥମଥର ଲାଗି ସିନିଅର ଫାଇନାଲରେ ପହଞ୍ଚିବାର ସୌଭାଗ୍ୟ ଲାଭ କରିଥିଲେ।

ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ରିତଭିକ ସଞ୍ଜୀବ ୨୧-୧୬, ୨୨-୨୦ ଗେମରେ ଭରତ ରାଘବକୁ ହରାଇ ଟାଇଟଲ୍ ହାସଲ କରିଛନ୍ତି। ମହିଳା ଡବଲ୍ସରେ ଶିଖା ଗୌତମ ଓ ଅଶ୍ୱିନି ଭତ ଚାମ୍ପିଅନ ହୋଇଛନ୍ତି।

## ୧୫ ବଲ୍‌ରେ ଲୌରାଙ୍କ ରେକର୍ଡ ଅର୍ଦ୍ଧଶତକ



ହାମିଲଟନ୍, ୨୮ ।୧୨ (ଏଜେନ୍ସି): ଅଷ୍ଟ୍ରେଲିଆର ଲୌରା ହାରିସ ମହିଳା ଟି-୨୦ରେ ଦ୍ରୁତତମ ଶତକ ହାସଲ କରିବାରେ ଯୁଗ୍ମଭାବେ ଇଲଣ୍ଡର ମାରିଏ କେଲୀଙ୍କ ସହ ସମକକ୍ଷ ହୋଇଛନ୍ତି। ନ୍ୟୁଜିଲାଣ୍ଡରେ ଚାଲିଥିବା ମହିଳା ଟି-୨୦ ଲିଗ୍ ଓମେନ୍ସ ସୁପର୍ ସ୍ମାଶ୍‌ରେ ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଲୌରା ଓଟାଗୋ ସ୍ପାର୍କ୍ସ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି କାଣ୍ଟବେରୀ ବିପକ୍ଷରେ ମାତ୍ର ୧୫ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଫଳରେ ମହିଳା ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ କେଲିଙ୍କ ସହ ଲୌରା ତାଲିକାରେ ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ୨୦୨୨ରେ କେଲି କାଉଣ୍ଟି କ୍ରିକେଟ୍‌ର ଏକ ମ୍ୟାଚରେ ୱରୱିକଶାୟର ପକ୍ଷରୁ ଖେଳି ଗ୍ଲୋସେଷ୍ଟରଶାୟର ବିପକ୍ଷରେ ୧୫ଟି ବଲରେ ଅର୍ଦ୍ଧଶତକ ମାରିଥିଲେ।

### ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ୍

## ସ୍ପୋର୍ଟ୍ସ ହଷ୍ଟେଲ, ୱାଇବିସି ଚାମ୍ପିଅନ



ଭୁବନେଶ୍ୱର, ୨୮ ।୧୨ (ସମିସ): ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ୟୁନିଟ୍-୧ ବାସ୍କେଟବଲ କମ୍ପ୍ଲେକ୍ସରେ ରବିବାର ଅନୁଷ୍ଠିତ ପୁରୁଷ ବିଭାଗ ଫାଇନାଲରେ ସହିଦ ନଗରର ଯୁବ ବାସ୍କେଟବଲ କ୍ଲବ (ୱାଇବିସି) ୬୯-୬୫ ପଏଣ୍ଟରେ କଟକ ବାସ୍କେଟବଲ ଆସୋସିଏସନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସେହିଭଳି ମହିଳା ବିଭାଗରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ବାଜିମାତ୍ କରିନେଇଛି। ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ ୪୦-୩୧ ପଏଣ୍ଟରେ ୟଙ୍ଗଷ୍ଟାର ବାସ୍କେଟବଲ କ୍ଲବକୁ ପରାସ୍ତ କରିଥିଲା। ପୁରୁଷ ବିଭାଗରେ ଭାଗୀରଥି ଗୌତମଙ୍କୁ ଶ୍ରେଷ୍ଠ ଖେଳାଳି ଓ ଶୁଭମ ବେହେରାଙ୍କୁ ବେଷ୍ଟ ପ୍ରମିଜିଂ ପ୍ଲେୟାର ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ମହିଳାରେ ନଭ୍ୟା ଛୁଆଳସିଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଦୁର୍ଗା ସାମନ୍ତରାୟ, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ପୂର୍ବାଞ୍ଚଳ ଜୁନିଅର ବାଳିକା ଅସ୍ମିତା ହକି

## ବିହାରକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୮ ।୧୨ (ସମିସ): ଆସାମର ଗୌହାଟୀରେ ଚାଲିଥିବା ପୂର୍ବାଞ୍ଚଳ ଜୁନିଅର ବାଳିକା ଅସ୍ମିତା ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ବଡ଼ ବିଜୟ ହାସଲ କରିଛି। ରବିବାର ପୁଲ୍ ପର୍ଯ୍ୟାୟ ଏକ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୭-୦ ଗୋଲ୍‌ରେ ବିହାରକୁ ଏକପାଖିଆ ଭାବେ ହରାଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଆସାମକୁ ଭେଟିବ। ପ୍ରକାଶଯୋଗ୍ୟ, ନିକଟରେ ଶେଷ ହୋଇଥିବା ଏହି ହକି ଚାମ୍ପିଅନସିପ୍‌ର ସବ୍-ଜୁନିଅର ବାଳିକା ବିଭାଗରେ ଓଡ଼ିଶା ଦଳ ଚାମ୍ପିଅନ ହୋଇଥିଲା। ଓଡ଼ିଶା ସବ୍‌ଜୁନିଅର ବାଳିକା ଦଳ ଫାଇନାଲରେ ୪-୩ ଗୋଲରେ ମିଜୋରାମକୁ ପରାସ୍ତ କରିଥିଲା।

### କଳିଙ୍ଗ ଭଲିବଲ୍ ଲିଗ୍ ଉଦ୍‌ଯାପିତ

## ଗଣେଶ୍ୱରପୁର, ନୂଆହାଟ ଚାମ୍ପିଅନ

 କଟକ,୨୮ ।୧୨(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଦୁଇମାସ ଧରି ଚାଲିଥିବା କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ)ର ପ୍ରଥମ ସଂସ୍କରଣ ଉଦ୍‌ଯାପିତ ହୋଇଛି। ଅନୁଗୋଳରେ ସୁପରଲିଗ୍ ଖେଳାଯାଇଥିଲା। ପ୍ରତିଯୋଗିତାର ବାଳକ ବର୍ଗରେ ପୁରୀର ଗଣେଶ୍ୱରପୁର ପଞ୍ଚାୟତ ଚାମ୍ପିଅନ ହୋଇଥିବାବେଳେ ଖୋର୍ଦ୍ଧାର ରଜାସ୍ ପଞ୍ଚାୟତ ରନର୍ସଅପ ହୋଇଛି। ସେହିପରି ବାଳିକା ବର୍ଗ ଫାଇନାଲରେ ଢେଙ୍କାନାଳର ପାଇକପୁରୁଣାକୋଟକୁ ହରାଇ ଅନୁଗୋଳର ନୂଆହାଟ ପଞ୍ଚାୟତ ଟାଇଟଲ୍ ଜିତିଛି। ବାଳକରେ ପୁରୀର ରଶ୍ମୀରଞ୍ଜନ ସାହୁ ଏବଂ ବାଳିକା ବର୍ଗରେ ରୋଜାଲିନ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ରାଜ୍ୟର ବିଭିନ୍ନ ଜୋନ୍‌ରେ ପ୍ରତିଯୋଗିତା ଆୟୋଜନ ପରେ ଉଭୟ ବାଳକ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୧୬ଟି ଦଳ ସୁପରଲିଗ୍‌ରେ ପ୍ରବେଶ କରିଥିଲେ। କଳିଙ୍ଗ ଭଲିବଲ୍ ବିକାଶ ପରିଷଦ ଓ ଅନୁଗୋଳର ଭଲିବଲ୍ ହୋମ୍ ମିଳିତ ସହଯୋଗରେ ତିନିଦିନ ଧରି ପ୍ରତିଯୋଗିତାର ଶେଷପର୍ଯ୍ୟାୟ ଆୟୋଜନ ହୋଇଥିଲା। ଭାରତୀୟ ଦଳର ପୂର୍ବତନ ଅଧିନାୟକ ଅଭିଜିତ ଭଟ୍ଟାଚାର୍ଯ୍ୟ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡାନି ଫାଉଣ୍ଡେସନର ସିଇଓ ରାଜେଶ ରାଜଗୋପାଳନ ସ୍ୱତନ୍ତ୍ର ଅତିଥି ଭାବେ ସାମିଲ ହୋଇଥିଲେ। କେଭିଡିସି ସଭାପତି ଡଃ ଅଭିଳାଷ ଦାଶ, ସମ୍ପାଦକ ସଂଗ୍ରାମ ଓଝା, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଶତ୍ରୁଘ୍ନ ନାୟକ, ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦ ଡିଗଲ, ଅସିତ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସମ୍ପାଦକ ରାଜୀବ ସାହୁ, କଟକ ଜିଲ୍ଲା ସମ୍ପାଦକ ସରୋଜ ଖଟୁଆ, ସଭାପତି ଦେବାଶିଷ ସ୍ୱାଇଁ, ଯାଜପୁର ଜୋନ୍‌ର ଦିବ୍ୟବ୍ରତ ପଣ୍ଡାଙ୍କ ସମେତ ରାଜେଶ କୁମାର ଦାସ, ଅଭୟ କୁମାର ରଥ, କେଭିଡିସି ନିର୍ଦ୍ଦେଶିକା ଦୀୟା ମଜୁମଦାର, ସାହିଲ ଦ୍ୱିବେଦୀ, ଅନୁଗୋଳ ଭଲିବଲ ହୋମ୍‌ର ପ୍ରତିଷ୍ଠାତା ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



### ବିଜୟ ହଜାରେ ଟ୍ରଫି

## ଆଜି ଆନ୍ଧ୍ରକୁ ଭେଟିବ ଓଡ଼ିଶା

କଟକ,୨୮ ।୧୨(ସମିସ): ଚଳିତ ବିଜୟ ହଜାରେ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍ ସୋମବାର ଖେଳାଯିବ। ବେଙ୍ଗାଲୁରୁରେ ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ଭେଟିବ। ଚଳିତ ସିଜନରେ ଉଭୟ ଦଳ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଏବଂ ପରାଜୟ ସହ ୪ ପଏଣ୍ଟ ହାସଲ କରିଛନ୍ତି। ପ୍ରଥମ ଦୁଇ ମୁକାବିଲାରେ ପ୍ରଭାବଶାଳୀ ପ୍ରଦର୍ଶନ କରିବା ସହ ସର୍ଭିସେସକୁ ହରାଇ ଆଗକୁ ବଢ଼ିଥିବା ଓଡ଼ିଶା ଆନ୍ଧ୍ରପ୍ରଦେଶ ବିପକ୍ଷରେ ବିଜୟ ଆଶା ରଖିଛି ବୋଲି ଅଧିନାୟକ ବିପ୍ଳବ ସାମନ୍ତରାୟ କହିଛନ୍ତି। ଦଳର ବ୍ୟାଟିଂ ଲାଇନଅପରେ ପରିବର୍ତ୍ତନ ଅଣାଯାଇ ପାରେ ବୋଲି ସେ ଜଣାଇଛନ୍ତି। ପ୍ରକାଶଥାଉକି, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଗତ ୧୦ବର୍ଷ ଭିତରେ ତିନିଥର ମୁହାଁମୁହିଁ ହୋଇଛନ୍ତି। ୨୦୨୧ରେ ଖେଳାଯାଇଥିବା ଶେଷ ମୁକାବିଲାରେ ଓଡ଼ିଶା ବିଜୟ ହାସଲ କରିଥିଲା।

### ମୁକ୍ତେଶ୍ୱର କପ୍

## ପାରାମାଉଣ୍ଟ-ରାମେଶ୍ୱର ପ୍ରଥମ ସେମି ଆଜି

ଭୁବନେଶ୍ୱର, ୨୮ ।୧୨ (ସମିସ)

ଚତୁର୍ଥ ଦଳ ଭାବେ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ଅନ୍ତିମ କ୍ୱାର୍ଟର ଫାଇନାଲ ମୁକାବିଲାରେ ମୁକ୍ତେଶ୍ୱର ୫ ୱିକେଟ୍‌ରେ ଜୁଭେନାଇଲ କ୍ଲବକୁ ପରାସ୍ତ କରିଥିଲା।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜୁଭେନାଇଲ ଦଳ ୩୦ ଓଭରରେ ୯ ୱିକେଟ୍ ହରାଇ ୧୨୭ ରନ କରିଥିଲା। ଦଳପକ୍ଷରୁ ଗୋପାଳ ମୁର୍ମୁ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପ୍ରତିପକ୍ଷ ମୁକ୍ତେଶ୍ୱରର ସ୍ପିନର ଆଦିତ୍ୟ ସାମନ୍ତରାୟ ୩ଟି, ଭୁବନେଶ ସାମଲ ୨ଟି ଏବଂ ଏଲ୍‌ଏସ୍ ପାର୍ଥ ଗୋଟିଏ ୱିକେଟ୍ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ଦଳ ୨୭.୫ ଓଭରରେ ୯ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପାର୍ଥ ୩୬ ବଲରେ ୩୬ ରନ କରିଥିଲେ।



ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ପାର୍ଥଙ୍କୁ ଅତିଥି ସଞ୍ଜୀବ ହଂସ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ପାରାମାଉଣ୍ଟ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ। ସେହିଭଳି ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲରେ କ୍ଲବ ଦି ରେଡ୍ ଷ୍ଟାର୍ ଓ ମୁକ୍ତେଶ୍ୱର ସାମ୍ନାସାମ୍ନି ହେବେ।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS